

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୬ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 16 SEPTEMBER 2023

Vol.No. 35 ■ No. 245■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ୧ ୯ ପ୍ରସ୍ତାବକୁ କ୍ୟାବିନେଟ୍ ମଞ୍ଜୁରୀ

### ଆସିଲା ନୂଆ ଧାନ ସଂଗ୍ରହ ନୀତି, ଉଚ୍ଛେଦ ହେବ ୩୫ଟି ଟୋଲ୍ ଗେଟ୍ ?




ଭୁବନେଶ୍ୱର, ୧୫/୦୯ (ନି.ପ୍ର): ରାଜ୍ୟରେ ଖରିଫ ଓ ରବି ଋତୁରେ ଧାନ ସଂଗ୍ରହ ପାଇଁ ରାଜ୍ୟ ସରକାର ଆଜି ନୂଆ ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪କୁ ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି। ୨୦୨୩-୨୪ ଖରିଫ ବିପଣନ ବର୍ଷରେ ମୋଟ ୫୪ଲକ୍ଷ ମେଟ୍ରିକ ଟନ୍ ଚାଉଳ(୭୯ଲକ୍ଷ ମେଟ୍ରିକ ଟନ୍ ଧାନ) ସଂଗ୍ରହ କରାଯିବ। ଖରିଫ ବର୍ଷ-୨୦୨୨-୨୩ରେ ମୋଟ ୭୯.୧୬ଲକ୍ଷ ମେଟ୍ରିକ ଟନ୍ ଧାନ(୫୩.୫୭ ଲକ୍ଷ ମେଟ୍ରିକ ଟନ୍ ଚାଉଳ) ସଂଗ୍ରହ କରାଯାଇଥିଲା । ସେହିପରି ରାଜ୍ୟରେ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ତଥା ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଦ୍ୱାରା ପରିଚାଳିତ ହେଉଥିବା ମୋଟ ୩୫ଟି ଟୋଲଗେଟକୁ ଉଚ୍ଛେଦ କରିବା ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ଏସବୁ ପ୍ରସ୍ତାବ ସହ ୧୦ଟି ବିଭାଗର ମୋଟ ୧୯ଟି ପ୍ରସ୍ତାବକୁ ଆଜି ରାଜ୍ୟ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି । ଏଥିରେ ସର୍ବାଧିକ ୬ଟି ଜଳସମ୍ପଦ ବିଭାଗର ହୋଇଥିବାବେଳେ ପୂର୍ତ୍ତ, ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ,ଅର୍ଥ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ୨ଟି ଲେଖାଏଁ ପ୍ରସ୍ତାବ ଏବଂ ରାଜସ୍ୱ ଓ ବିପର୍ଯ୍ୟୟ, ସଂସଦୀୟ ବ୍ୟାପାର, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ସାଧାରଣ ପ୍ରଶାସନ, ବାଣିଜ୍ୟ ଓ ପରିବହନ ବିଭାଗର ଗୋଟିଏ ଲେଖାଁଏ ପ୍ରସ୍ତାବକୁ ଆଜି କ୍ୟାବିନେଟ୍ ଅନୁମୋଦନ ମିଳିଛି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆଜି ସନ୍ଧ୍ୟାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ ବୈଠକରେ ରାଜ୍ୟ ପୂର୍ତ୍ତ ଓ ଗ୍ରାମ୍ୟ ଉନ୍ନୟନ ବିଭାଗର ମୋଟ ୩୫ଟି ଟୋଲଗେଟକୁ ଉଚ୍ଛେଦ ନିଷ୍ପତ୍ତିକୁ ଅନୁମୋଦନ ମିଳିଛି । ଏହି ଟୋଲ ଗେଟଗୁଡ଼ିକ ଏବେ ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଦ୍ୱାରା ପରିଚାଳିତ ହେଉଛି । ସେହିପରି ଧାନ ଓ ଚାଉଳ ସଂଗ୍ରହ ପରିଚାଳନା ସମ୍ପର୍କିତ ସମସ୍ତ ପ୍ରକ୍ରିୟାକୁ ସୁପରିଚାଳନା କରିବା ପାଇଁ 'ଖାଦ୍ୟ ଓ

▶▶ପୃଷ୍ଠା ୭

## ସ୍କ୍ରବ୍ ଟାଇଫସ୍ ସର୍ଭେଲାନ୍ସ ଭିତରେ ରହିଛି : ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ

ଭୁବନେଶ୍ୱର , ୧୫/୦୯ (ନି.ପ୍ର): ସ୍କ୍ରବ୍ ଟାଇଫସ୍ ସର୍ଭେଲାନ୍ସ ଭିତରେ ରହିଛି ବୋଲି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡାକ୍ତର ନିରଞ୍ଜନ ମିଶ୍ର କହିଛନ୍ତି । ସେ କହିଛନ୍ତି ଗତବର୍ଷ ୧୦ ହଜାର ସ୍କ୍ରବ ଟାଇଫସ ଟେଷ୍ଟ ହୋଇଥିଲା । ଏବର୍ଷ ଜୁଲାଇ ସୁଦ୍ଧା ୮ ହଜାରରୁ ଅଧିକ ଟେଷ୍ଟ ହୋଇ ସାରିଲାଣି । ରାଜ୍ୟର ପ୍ରାୟ ସବୁ ଜିଲ୍ଲାରୁ ସ୍କ୍ରବ୍ ଟାଇଫସ୍ କେସ୍ ଆସୁଛି । ବରଗଡ଼, ବଲାଙ୍ଗୀରରୁ ଏବେ ଅଧିକ କେସ୍ ଆସୁଛି । ଗତବର୍ଷ କେନ୍ଦୁଝର ଜିଲ୍ଲାରୁ ସର୍ବାଧିକ କେସ୍ ଆସିଥିଲା । ପ୍ରତି ଜିଲ୍ଲାରେ ଏହାର ଟେଷ୍ଟ ହେଉଛି । ଡାକ୍ତରମାନଙ୍କୁ ସତର୍କ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି । ମ୍ୟାଲେରିଆ କିମ୍ବା ଅନ୍ୟ ରୋଗ ଜଣାନପଡିଲେ ତୁରନ୍ତ ଟେଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଶୀଘ୍ର ରୋଗ ଚିହ୍ନଟ ହେଲେ ରୋଗର ନିରାକରଣ ହୋଇପାରିବ । ଆରମ୍ଭରୁ ଠିକ୍ ସମୟରେ ଟେଷ୍ଟ କରି ଆଣ୍ଟିବାୟୋଟିକ ନେଲେ ରୋଗ ନିରାକରଣ ହୋଇ ପାରିବ । ଚିଗର ପୋକ କାମୁଡିଲେ ଏହି ରୋଗ ହୁଏ । ପ୍ରଥମେ ଘା ଭଳି ହେବ, କାମୁଡ଼ା ସ୍ଥାନର ଚାରିପାଖ ନାଲି ପଡ଼ିଯିବ । ମଝି ଅଂଶ ଧୀରେ ଧୀରେ କଳା ହୋଇଯିବ । ଏହାସହ ମୁଣ୍ଡ ଓ ଦେହ, ହାତ ଘୋଳବିନ୍ଧା ହୁଏ । ପୋକ କାମୁଡିବାର ୩ ସପ୍ତାହ ମଧ୍ୟରେ ଜ୍ୱର ହୁଏ । ୧୦ ଦିନ ଭିତରେ ଜ୍ୱର ଭଲ ହେବା କଥା । ଯଦି ଜ୍ୱର ଭଲ ନ ହୁଏ, ରୋଗ ଜଟିଳ ହେଲେ ମୃତ୍ୟୁ ଆଶଙ୍କା ରହିଛି । ଏହା ଯୋଗୁ ନିମୋନିଆ, କିଡନୀ, ଲିଭର ଓ ବ୍ରେନ ଆଫେକ୍ଟ ହେବାର ଅଧିକ ଆଶଙ୍କା ରହିଛି । ଏଣୁ ବିଲ ବାଡିରେ କାମ କରୁଥିବା ଲୋକ, ଜଙ୍ଗଲ ଯାଉଥିବା ଲୋକ ଫୁଲ ହାତ ସାର୍ଟ ପିନ୍ଧନ୍ତୁ ଓ ସତର୍କ ରୁହନ୍ତୁ । ବରଗଡ଼ରେ ମୃତ୍ୟୁ ହୋଇଥିବା ଖବର ଆସିବା ପରେ ଏନେଇ ତଦନ୍ତ କରାଯାଉଛି ।

## ଓଏଏସ୍ ଅଫିସର ସଂଗ୍ରାମ କେଶରୀ ଜେନା ଗିରଫ



ଗଞ୍ଜାମ, ୧୫/୦୯ (ନି.ପ୍ର): ଓଏଏସ୍ ଅଫିସର ସଂଗ୍ରାମ କେଶରୀ ଜେନାଙ୍କୁ ଆଜି ଗିରଫ କରିଛି ଭିଜିଲାନ୍ସ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାରେ ତାଙ୍କୁ ଗିରଫ କରାଯାଇଛି। ସେ ତାଙ୍କ ଆୟ ତୁଳନାରେ ୧୮୭% ଅଧିକ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ପକ୍ଷରୁ କୁହାଯାଇଛି। ପୂର୍ବରୁ ଗଞ୍ଜାମ ଜିଲ୍ଲା ବୁଗୁଡ଼ାରେ ତହସିଲଦାର ଥିବା ସଂଗ୍ରାମ ଜେନା ଏବେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ଅଭିଯୋଗରେ ଗତକାଲି ତାଙ୍କ ଘରେ ଚଢ଼ାଉ କରିଥିଲା ଭିଜିଲାନ୍ସ। ଶ୍ରୀ ଜେନାଙ୍କର ଖୋର୍ଦ୍ଧା ଜିଲ୍ଲା ବାଲୁଗାଁ ସ୍ଥିତ ଜେନା କଲୋନୀରେ ୭୫୫୪ ବର୍ଗଫୁଟ ଅଞ୍ଚଳରେ ଏକ ତିନି ମହଲା କୋଠା ଅଛି। ଏହାର ମୂଲ୍ୟ ପ୍ରାୟ ୧.୩୬ କୋଟି ଟଙ୍କା।

▶▶ପୃଷ୍ଠା ୭

## ଲମ୍ପଟ ଶିକ୍ଷକକୁ କୋଡିଏ ବର୍ଷ ଜେଲ୍

ବଲାଙ୍ଗିର, ୧୫/୦୯ (ନି.ପ୍ର): ଲମ୍ପଟ ଶିକ୍ଷକକୁ କୋଡିଏ ବର୍ଷ ସଜା। ଏପରି ଏକ ଦୃଷ୍ଟାନ୍ତ ମୂଳକ ଦଣ୍ଡ ବିଧାନ କରିଛନ୍ତି ବଲାଙ୍ଗିର ପୋକ୍ସୋ ସ୍ପେସିଆଲ ଜଜ। ଦେଓଗାଁ ବ୍ଲକର ଶିକ୍ଷକ ବିଶ୍ୱନାଥ ବୁଦ୍ଧିଆଙ୍କୁ ଏପରି ସଜା ଶୁଣାଇଛନ୍ତି ମାନ୍ୟବର ବିଚାରପତି। ଦେଓଗାଁ ଥାନା ଅଂଚଳର ଏକ ସ୍କୁଲର ସପ୍ତମ ଶ୍ରେଣୀର ୪ ଜଣ ଛାତ୍ରୀଙ୍କୁ ବିଭିନ୍ନ ବାହାନାରେ ଅଫିସକୁ ଡାକି ଅସଦାଚରଣ କରୁଥିଲା ବିଶ୍ୱନାଥ। ଘଟଣା ସମ୍ପର୍କରେ କାହାକୁ କହିଲେ ସ୍କୁଲରୁ ବାହାର କରିଦିଆଯିବ ବୋଲି ଧମକ ଦେଇଥିଲା। ଯେଉଁଥିପାଇଁ ଛାତ୍ରୀମାନେ ପରିବାର ଲୋକଙ୍କୁ କହିନଥିଲେ। ତେବେ ଜଣେ ଛାତ୍ରୀ ପରିବାର ଲୋକଙ୍କ ପାଖରେ ସବୁ କଥା କହିଥିଲେ। ଏହା ପରେ ପରିବାର ଲୋକେ ଗାଁ ଲୋକଙ୍କୁ ଜଣାଇଥିଲେ। ୨୦୨୨ ଅଗଷ୍ଟ ୨୫ ତାରିଖରେ ଗାଁ ଲୋକେ ଶିକ୍ଷକଙ୍କୁ ଘେରାଉ କରିଥିଲେ।


▶▶ପୃଷ୍ଠା ୭

## ଖୋଲିଲା ଆଉ ୬ ଗେଟ୍: ମୋଟ୍ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସିତ

ସମ୍ବଲପୁର, ୧୫/୦୯ (ନି.ପ୍ର): ଉପର ମୁଣ୍ଡରେ ପ୍ରବଳ ବର୍ଷା ଯୋଗୁ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ବଢ଼ିବାରେ ଲାଗିଛି। ଏବେ ପର୍ଯ୍ୟନ୍ତ ହୀରାକୁଦ ଡ୍ୟାମ୍‌ର ୧୪ଟି ଗେଟ୍ ଖୋଲାଯାଇ ଜଳ ନିଷ୍କାସନ କାର୍ଯ୍ୟ ଚାଲି ରହିଥିଲା। ଆଜି ଆହୁରି ୬ଟି ଗେଟ୍‌କୁ ଖୋଲି ଦିଆଯାଇଛି। ଏଥର ସମୁଦାୟ ୨୦ଟି ଗେଟ୍ ଦେଇ ଜଳ ନିଷ୍କାସନ କରାଯିବ। ବାମ ପଟରୁ ୧୩ଟି ଗେଟ୍ ଖୋଲି ଦିଆଯାଇଥିବା ବେଳେ ଦକ୍ଷିଣ ପଟର ୭ଟି ଗେଟ୍ ଖୋଲାଯାଇଛି। ବୁଧବାର ୨ଟି ସ୍ଲୁଇସ୍ ଗେଟ୍ ଖୋଲାଯାଇଥିବା ବେଳେ ଗୁରୁବାର ଦୁଇଟି ପର୍ଯ୍ୟାୟରେ ଆହୁରି ୧୨ଟି ସ୍ଲୁଇସ୍ ଗେଟ୍ ଦେଇ ଜଳ ନିଷ୍କାସନ କରାଯାଉଥିଲା। ବୁଧବାର ସନ୍ଧ୍ୟା ୬ଟାରେ ଜଳସ୍ତର ୬୨୮.୩୧ ଫୁଟ୍ ରହିଥିବା ବେଳେ ଗୁରୁବାର ସନ୍ଧ୍ୟା ୬ଟାରେ ୬୨୮.୫୮ ଫୁଟ୍‌ରେ ପହଞ୍ଚିଥିଲା। ଉଲ୍ଲେଖଯୋଗ୍ୟ ଯେ, ଉପର ମୁଣ୍ଡରେ ପ୍ରବଳ ବର୍ଷା ହେବା ଏବଂ ଜଳପ୍ରବେଶ ହାର ବଢୁଥିବାରୁ ଗତକାଲି ଅଧିକ ଗେଟ୍ ଖୋଲା ଯାଇଥିଲା। ସ୍ଥିତି ଦେଖି ପୁଣି ଗେଟ୍ ଖୋଲାଯିବା ସଂକ୍ରାନ୍ତରେ ନିଷ୍ପତ୍ତି ନିଆଯିବ ବୋଲି ସୂଚନା ଦିଆଯାଇଥିବା ବେଳେ ଆଜି ଆହୁରି ୬ଟା ଗେଟ୍ ଖୋଲିବା ଆବଶ୍ୟକ ପଡ଼ିଛି।

## ଅଷ୍ଟମ ଦିନରେ ଶିକ୍ଷକ ଆନ୍ଦୋଳନ


### ନାଲି ଆଖି ଦେଖାଇଥିଲେ: ଏବେ ଭଣ୍ଡୁର ପାଇଁ ସରକାରଙ୍କ ଉଦ୍ୟମ



ଭୁବନେଶ୍ୱର, ୧୫/୦୯ (ନି.ପ୍ର): ୩ ଦଫା ଦାବି ନେଇ ଗତ ୮ତାରିଖରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଜାରି ରଖିଥିବା ପ୍ରାୟ ଦେଢ଼ ଲକ୍ଷ ପ୍ରାଥମିକ ସ୍କୁଲ ଶିକ୍ଷକ-ଶିକ୍ଷୟିତ୍ରୀଙ୍କ ଆନ୍ଦୋଳନକୁ ଭଣ୍ଡୁର କରିବା ପାଇଁ ସରକାର ଏବେ ଉଦ୍ୟମ ଆରମ୍ଭ କରିଛନ୍ତି । ୩୧୪ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଶିକ୍ଷକମାନେ ଧାରଣାରେ ବସିଥିବାରୁ ରାଜ୍ୟର ପ୍ରାୟ ୫୬ହଜାର ପ୍ରାଥମିକ ସ୍କୁଲରେ ତାଲା ଝୁଲିବା ସହ ପାଠପଢ଼ା ପ୍ରଭାବିତ ହୋଇଛି । ଆନ୍ଦୋଳନରୁ ଓହରିବା ପାଇଁ ଶିକ୍ଷକମାନଙ୍କୁ ଗତ ୩ଦିନ ତଳେ ନାଲି ଆଖି ଦେଖାଇଥିବା ସରକାର ଆଜି ଆନ୍ଦୋଳନକୁ ଭଣ୍ଡୁର ପାଇଁ ଅନ୍ୟ ଶିକ୍ଷକ ସଂଘର ସହାୟତା ନେଇଥିବା ଜଣାପଡ଼ିଛି । ତେବେ ଦାବି ପୂରଣ ନହେବା ପର୍ଯ୍ୟନ୍ତ ଆନ୍ଦୋଳନରୁ ଓହରିବାର ପ୍ରଶ୍ନ ଉଠୁନି ବୋଲି ଅଲଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ସ୍ପଷ୍ଟ କରିଛି । ସେପଟେ ପ୍ରାଥମିକ ସ୍କୁଲ ଶିକ୍ଷକମାନଙ୍କ ଆନ୍ଦୋଳନକୁ କଂଗ୍ରେସ ଓ ବିଜେପି ସମର୍ଥନ ଦେଇଥିବାବେଳେ ଓଷ୍ଟା ଓ ଅଭିଭାବକ ସଂଘ ମଧ୍ୟ ନିଜର ସମର୍ଥନ ଘୋଷଣା କରିଛନ୍ତି । ସୂଚନା ଅନୁସାରେ, ରାଜ୍ୟ ସରକାର ଏକ ପ୍ରେସ୍ ରିଲିଜ୍ ଜାରି କରି ପ୍ରାଥମିକ ସ୍କୁଲରେ ପାଠପଢ଼ା ବନ୍ଦ ହୋଇନାହିଁ ଓ ଶିକ୍ଷକମାନେ ସେମାନଙ୍କର ଦାୟିତ୍ୱ ତୁଲାଉଛନ୍ତି ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଏବେ ଚାଲିଥିବା ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନରେ ରାଜ୍ୟର ୩ଟି ଶିକ୍ଷକ ସଂଘ ସାମିଲ ହୋଇନାହାନ୍ତି ।

▶▶ପୃଷ୍ଠା ୭

## ଆନ୍ଧ୍ରରେ ଟ୍ରକ୍‌କୁ ପିଟିଲା ଆମ୍ବୁଲାନ୍ସ: ୪ ଓଡ଼ିଆ ମୃତ, ୪ ଗୁରୁତର




ଆନ୍ଧ୍ରପ୍ରଦେଶ, ୧୫/୦୯: ଆନ୍ଧ୍ରପ୍ରଦେଶ ଚିତ୍ତୁରରେ ଆଜି ସକାଳୁ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଚିତ୍ତୁର ଜିଲ୍ଲା ତାଭନମପାଲେ ମଣ୍ଡଳରେ ଏକ ମାଲ୍ ବୋଝେଇ ଟ୍ରକ୍ ସହ ଏକ ଆମ୍ବୁଲାନ୍ସ ଧକ୍କା ହେବାରୁ ଘଟଣାସ୍ଥଳରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ୪ ଜଣ ଗୁରୁତର ହୋଇଛନ୍ତି। ମୃତକ ସମସ୍ତେ ଓଡ଼ିଶାର ବୋଲି ଜଣାଯାଇଛି। ମୃତକଙ୍କ ନାମ ହେଲା ଉମେଶ ଚନ୍ଦ୍ର ସାହୁ, (୪୬), ତ୍ରିଲୋଚନ ନାୟକ (୬୩), ରଶ୍ମିତା ସାହୁ (୪୫) ଏବଂ ବିଜୟ ନାୟକ (୫୬) । ସୂଚନା ଅନୁଯାୟୀ, ଉମେଶ ଚନ୍ଦ୍ର ସାହୁ କୌଣସି ଏକ ରୋଗରେ ପୀଡିତ ଥିଲେ । ଚିକିତ୍ସା ପାଇଁ ପରିବାର ଲୋକେ ତାଙ୍କୁ ବେଙ୍ଗାଲୁରୁର ଏକ ଘରୋଇ ମେଡିକାଲକୁ ନେଇଥିଲେ। ସେଠାରୁ ସୁସ୍ଥ ହେବା ପରେ ଆଜି ସକାଳେ ଗୋଟିଏ ଆମ୍ବୁଲାନ୍ସ ଯୋଗେ ସେ ଭୁବନେଶ୍ୱର ଫେରୁଥିଲେ ।

▶▶ପୃଷ୍ଠା ୭

## ନିର୍ବାଚନ ଲଢିବାରୁ ବଞ୍ଚିତ ହୋଇପାରନ୍ତି ଦାଗୀ ସାଂସଦ ଓ ବିଧାୟକ

ନୂଆଦିଲ୍ଲୀ,୧୫/୦୯ : ସବୁଦିନ ପାଇଁ ନିର୍ବାଚନ ଲଢ଼ିବାରୁ ବଞ୍ଚିତ ହୋଇପାରନ୍ତି ଦାଗୀ ସାଂସଦ ଓ ବିଧାୟକ । ସାଂସଦ ଓ ବିଧାୟକଙ୍କ ଦ୍ୱାରା ସଂଘଠିତ ଅପରାଧ ଅକ୍ଷମଣୀୟ । ସେମାନଙ୍କୁ ସ୍ଥାୟୀ ରୂପେ ଏ କ୍ଷେତ୍ରରେ ଅଯୋଗ୍ୟ କରିବା ଉଚିତ୍ । ସୁପ୍ରିମକୋର୍ଟର ଆମିକସ କ୍ୟୁରି ବିଜୟ ହଂସାରିଆ ତାଙ୍କ ଉନ୍ନବିଂଶତମ ରିପୋର୍ଟରେ ଏହାକୁ ସମର୍ଥନ କରିଛନ୍ତି । ପୂର୍ବରୁ ଏ କ୍ଷେତ୍ରରେ ମାତ୍ର ୬ ବର୍ଷର ପ୍ରାବଧାନ ଥିଲା । କିନ୍ତୁ ଏହା ସମ୍ବିଧାନର ଅନୁଚ୍ଛେଦ ୧୪କୁ ଉଲ୍ଲଂଘନ କରୁଛି ବୋଲି ବିଜୟ ହଂସାରିଆ ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି । ୨୦୧୬ ମସିହାରୁ ଅପରାଧିକ ମାମଲା ସମ୍ପର୍କିତ ରିଟ୍ ପିଟିସନର ଶୁଣାଣି ଏ ପର୍ଯ୍ୟନ୍ତ ସୁପ୍ରିମକୋର୍ଟରେ ଚାଲିଛି । ଏହି ପିଟିସନରେ ଜନ ପ୍ରତିନିଧି ଆଇନ୍ ୧୯୫୭ ସେକ୍ସନ ୮ର ସାମ୍ବିଧାନିକ ବୈଧତାକୁ ଚାଲେଞ୍ଜ କରାଯାଇଛି । ବିଜୟ ହଂସାରିଆ ଏବେ ସୁଦ୍ଧା କୋର୍ଟରେ ୧୯ଟି ରିପୋର୍ଟ ଦାଖଲ କରିସାରିଛନ୍ତି । ଗୁରୁବାର ଓଡ଼ିଶା ସମେତ ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଂଚଳରୁ ସାଂସଦ ଓ ବିଧାୟକମାନଙ୍କ ବିରୋଧରେ ନଭେମ୍ବର

## କେରଳରେ ନିପା ଭୂତାଣୁ ଆତଙ୍କ: ସ୍କୁଲ, କାର୍ଯ୍ୟାଳୟ ବନ୍ଦ

ନୂଆଦିଲ୍ଲୀ,୧୫/୦୯ :କେରଳରେ ଜାରି ରହିଛି ନିପା ଭାଇରସ ଆତଙ୍କ । ଅନ୍ୟ ଜଣେ ରୋଗୀଙ୍କୁ କେରଳରେ ଚିହ୍ନଟ କରାଯାଇଛି । ଏହା ସହିତ ନିପା ସଂକ୍ରମଣର ମୋଟ ମାମଲା ୬କୁ ବୃଦ୍ଧି ପାଇଛି । ନିକଟରେ ଦୁଇଜଣ ରୋଗୀଙ୍କ ନିପାରେ ମୃତ୍ୟୁ ଘଟିଛି । କେରଳର କୋଝିକୋଡ ଜିଲ୍ଲା ପ୍ରଭାବିତ ହୋଇଛି । ଅଗଷ୍ଟ ୩୦ରେ ଜଣେ ୪୭ ବର୍ଷୀୟ ରୋଗୀର



## ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ୪ ସଦସ୍ୟଙ୍କ ଅନ୍ତରୀଣ ସୁରକ୍ଷା ବଢ଼ାଇଲେ ସୁପ୍ରିମକୋର୍ଟ

### ଖବରରେ ଭୁଲ୍ ତଥ୍ୟ ଦେବା ଧାରା ୧୫୩ଏର ଅପରାଧ ନୁହେଁ

ନୂଆଦିଲ୍ଲୀ, ୧୫/୦୯: ସାମ୍ବାଦିକ ବିଶେଷ କରି ସମ୍ପାଦକଙ୍କ ପାଇଁ ଉଦ୍ଦିଷ୍ଟ ସଂସ୍ଥା ଏଡିଟର ଗିଲ୍ଡ ଅଫ୍ ଇଣ୍ଡିଆର ୪ ସଦସ୍ୟଙ୍କ ଅନ୍ତରୀଣ ସୁରକ୍ଷା ବଢ଼ାଇଲେ ସୁପ୍ରିମକୋର୍ଟ। ମଣିପୁର ହିଂସା ଉପରେ ରିପୋର୍ଟ କରିଥିବାରୁ ମଣିପୁର ସରକାର ସଂସ୍ଥାର ଅଧ୍ୟକ୍ଷଙ୍କ ସମେତ ୩ ସଦସ୍ୟ ,ମୋଟ ୪ ଜଣଙ୍କ ବିରୋଧରେ ଦୁଇଟି ମାମଲା କରିଥିଲେ। ସମ୍ପ୍ରଦାୟ ମଧ୍ୟରେ ହିଂସା ସୃଷ୍ଟି କରିବାକୁ ଓ ଶତ୍ରୁତାକୁ ବଢ଼ାଇବା ଅଭିଯୋଗ ଏମାନଙ୍କ ବିରୁଦ୍ଧରେ ଲାଗିଥିଲା। ଏହାପରେ ଏଡିଡର ଗିଲ୍ଡ ସୁପ୍ରିମକୋର୍ଟରେ ଦ୍ୱାରସ୍ଥ ହୋଇଥିଲା। ମାମଲାର କୋର୍ଟ ଏହି ୪ ଜଣଙ୍କୁ ଗିରଫରୁ ରକ୍ଷା କରିବାକୁ ଦୁଇଥର ଅନ୍ତରୀଣ ସୁରକ୍ଷା ପ୍ରଦାନ କରିଛନ୍ତି। ଆଜି(ସେପ୍ଟେମ୍ବର ୧୫) ଏହି ମାମଲାରେ ଶୁଣାଣି କରି ସୁପ୍ରିକୋର୍ଟ କହିଛନ୍ତି ଯେ ଆର୍ଟିକିଲ୍‌ରେ କୌଣସି ଭୁଲ୍ ତଥ୍ୟ ରହିଲେ ଏହାକୁ ଧାରା ୧୫୩ଏ(ଦୁଇ ଗୋଷ୍ଠୀ ମଧ୍ୟରେ ଶତ୍ରୁତା ସୃଷ୍ଟି କରିବା)ର ଅପରାଧ ବର୍ଗରେ ଆସିବ ନାହିଁ। ଏହାକୁ ଭୁଲ୍ ତଥ୍ୟ ବୋଲି କୁହାଯାଇପାରିବ। ସାରା ଦେଶରେ ସାମ୍ବାଦିକମାନେ ଭୁଲ୍ ତଥ୍ୟ ଦେଉଛନ୍ତି।



▶▶ପୃଷ୍ଠା ୭

# ବିଳମ୍ବରେ ବିଦ୍ୟାଳୟ ଆସିଲେ ଶିକ୍ଷୟତ୍ରୀ, ବର୍ଷାରେ ଭିଜିଲେ ଛାତ୍ର: ଅଭିଭାବକ ମହଲରେ ଅସନ୍ତୋଷ

ଚମ୍ପୁଆ, ୧୫/୦୯ (ନି.ପ୍ର): କେନ୍ଦୁଝର ଜିଲ୍ଲା ଚମ୍ପୁଆ ବ୍ଲକ ଅଂଚଳରେ ସରକାରୀ ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ମାନେ ବିଳମ୍ବରେ ସ୍କୁଲ ଆସିବା ଏକ ନୀତିଦିନିଆ ଘଟଣା ହୋଇଯାଇଥିବାବେଳେ ଏହାର ଏକ ସଦ୍ୟତମ ଉଦାହରଣ ଦେଖିବାକୁ ମିଳିଛି ଚମ୍ପୁଆ ବ୍ଲକ ରିମୁଳି ଠାରେ ଥିବା ସରକାରୀ ବାଳକ ପ୍ରାଥମିକ ବିଦ୍ୟାଳୟରେ। ଆଜି ସେହି ବିଦ୍ୟାଳୟର ଛାତ୍ରମାନେ ସବୁଦିନ ପରି ପୂର୍ବାହ୍ନ ୯.୩୦ରୁ ୯.୪୫ ଘଟିକା ସୁଦ୍ଧା ବିଦ୍ୟାଳୟରେ ଆସି ପହଂଚି ଯାଇଥିଲେ ମଧ୍ୟ ବିଦ୍ୟାଳୟର ଗେଟ ଖୋଲା ଯାଇନଥିବା ଯୋଗୁଁ ବିଦ୍ୟାଳୟ ପରିସର ମଧ୍ୟକୁ ଯାଇ ନପାରି ବିଦ୍ୟାଳୟ ସମ୍ମୁଖରେ ରୁଣ୍ଡ ହୋଇ ରହିଥିଲେ। ସୂଚନା ଯୋଗ୍ୟ କି ରିମୁଳି ସରକାରୀ ବାଳକ ପ୍ରାଥମିକ ବିଦ୍ୟାଳୟ ୨୦ ନମ୍ବର ଜାତୀୟ ରାଜପଥ କଡରେ ଅବସ୍ଥିତ ଥିବା ବେଳେ ସେହି ରାସ୍ତା ରେ ଦୈନନ୍ଦିନ ହଜାର ହଜାର ସଂଖ୍ୟାରେ ଭାରି ଜନ ବାହନ ଯିବା ଆସିବା କରନ୍ତି। ପୂର୍ବାହ୍ନ ୧୦ ଘଟିକା ସୁଦ୍ଧା ବିଦ୍ୟାଳୟର ଗେଟ ନ ଖୋଲିବା ଯୋଗୁଁ ଛାତ୍ର ମାନେ ରାସ୍ତା ଉପରେ ଏପଟେ ସେପଟେ ହେବା ଲକ୍ଷ କରି କିଛି ସ୍ଥାନୀୟ ଦାୟିତ୍ୱ ସମ୍ପନ୍ନ ବ୍ୟକ୍ତି ଛାତ୍ର ମାନଙ୍କୁ ଗେଟ ସମ୍ମୁଖରେ ହିଁ ଛିଡା ହୋଇ ରହିବା ପାଇଁ ଉପଦେଶ ଦେଇଥିଲେ। ଶିକ୍ଷୟତ୍ରୀ ଠିକ ସମୟରେ ବିଦ୍ୟାଳୟ ଆସି ନଥିବା ଯୋଗୁଁ ଛାତ୍ର ମାନେ ରାସ୍ତା କଡ଼ରେ ରୁଣ୍ଡ ହୋଇ ରହିଥିବାରୁ ଯେ କୌଣସି ମୁହୂର୍ତରେ ଏକ ଦୁର୍ଘଟଣା ଘଟିବାର ଆଶଙ୍କା ଦେଖା ଯାଇଥିଲା। ଏହା ଦେଖି ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକ ଓ ଅଭିଭାବକ ମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ତେବେ ଆଜି ଝଡି ବର୍ଷା ଲାଗି ରହିଥିବା ବେଳେ ଛତା ନେଇ ଆସି ନଥିବା ଛାତ୍ର ମାନେ ବିଦ୍ୟାଳୟ ଗେଟ ସମ୍ମୁଖରେ ଭିଜି ଭିଜି ଛିଡା ହୋଇଥିବା ଲକ୍ଷ କରାଯାଇଥିବା ବେଳେ ଶେଷରେ ପୂର୍ବାହ୍ନ ୧୦.୨୦ ଘଟିକା ରେ ଶିକ୍ଷୟତ୍ରୀ ମାନେ ଆସି ବିଦ୍ୟାଳୟର ଗେଟ ଖୋଲିବାରୁ ଛାତ୍ରମାନେ ବିଦ୍ୟାଳୟକୁ ଯାଇଥିଲେ। ତେବେ ଅଭିଭାବକ ମାନେ ଏହି ବିଦ୍ୟାଳୟର ଶିକ୍ଷୟତ୍ରୀ ମାନେ ଅଧିକାଂଶ ସମୟରେ ବିଳମ୍ବରେ ବିଦ୍ୟାଳୟ ଆସୁଥିବା ଅଭିଯୋଗ କରିବା ସହିତ ଏହି ବିଦ୍ୟାଳୟରେ ଥିବା ଶିକ୍ଷୟତ୍ରୀ ମାନେ ଅନେକ ଦିନ ଧରି ଏହି ବିଦ୍ୟାଳୟରେ ଅବସ୍ଥାପିତ ହୋଇ ରହି ଯାଇଥିବାରୁ ସେମାନେ ନିଜ ମନ ମୁତାବକ ବିଦ୍ୟାଳୟ ଆସୁଥିବା କହିଛନ୍ତି। ଏହି ବିଦ୍ୟାଳୟରେ ଅବସ୍ଥାପିତ ଶିକ୍ଷୟତ୍ରୀମାନଙ୍କୁ ଅନ୍ୟତ୍ର ବଦଳି କରାଯାଇ ନୂତନ ଶିକ୍ଷକଙ୍କୁ ଏହି ବିଦ୍ୟାଳୟ ରେ ନିଯୁକ୍ତି କରିବାକୁ ଅଭିଭାବକ ମହଲରେ ଦାବି ହେଉଛି। ତେବେ ବିଦ୍ୟାଳୟ ର ପ୍ରଧାନ ଶିକ୍ଷୟତ୍ରୀଙ୍କୁ ଡେରିରେ ବିଦ୍ୟାଳୟ ଖୋଲିବାର କାରଣ ପଚାରିବାରୁ ସେ ଗୁଗଲ ମିଟ ରେ ମିଟିଂ ଚାଲିଥିବା ଯୋଗୁଁ କାମ ସାରି ବିଦ୍ୟାଳୟ ଆସିବାରେ ବିଳମ୍ବ ହେଲା ବୋଲି ସଫେଇ ଦେଇଛନ୍ତି। ତେବେ ଏଠି ପ୍ରଶ୍ନ ଉଠୁଛି ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଗୁଗଲ ମିଟିଙ୍ଗର ବାହାନା କରି କଅଁଳ କୁନି କୁନି ଛାତ୍ରମାନଙ୍କ କଥା ଭୁଲିଗଲେ କେମିତି ? ଯାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରୁଥିବାବେଳେ ଚମ୍ପୁଆ ବ୍ଲକ ଶିକ୍ଷା ଅଧିକାରୀ ଓ କେନ୍ଦୁଝର ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଭିଭାବକ ସମେତ ସ୍ଥାନୀୟ ବୁଦ୍ଧିଜିବୀ ମହଲରେ ଦାବି ହେଉଛି।

## ଚନ୍ଦ୍ରାୟନ-୩ ଓ ଆଦିତ୍ୟ-ଏଲ୧ ଅଭିଯାନରେ ବିଜୁ ପଟ୍ଟନାୟକ ଫିଲ୍ମ ଏଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟ ଛାତ୍ରଙ୍କ ଚମତ୍କାରିତା

ଭୁବନେଶ୍ୱର, ୧୫/୦୯ (ନି.ପ୍ର): ମହାକାଶ ଇତିହାସରେ ଚନ୍ଦ୍ରଯାନ-୩ ଏବଂ ଆଦିତ୍ୟ-ଏଲ୍ ୧ ର ସଫଳ ଅଭିଯାନ ଭାରତ ପାଇଁ ଅକଳ୍ପନୀୟ ଗୌରବ ଆଣିଥିବାବେଳେ ଏହି ମିଶନରେ ସାମିଲ ଥିବା ଓଡିଶାର ବିଜୁ ପଟ୍ଟନାୟକ ଫିଲ୍ମ ଏଣ୍ଡ ଟେଲିଭିଜନ ଇନଷ୍ଟିଚ୍ୟୁଟର ଛାତ୍ର ଦୀପକ କୁମାର ସାହୁ, ଶିବୁ ପୃଷ୍ଟି ଏବଂ ନିରଞ୍ଜନ ମହାରଣା ଉଭୟ ମିଶନର ଫଟୋଗ୍ରାଫି ଓ ଭିଡିଓଗ୍ରାଫି ସହାୟତା ପ୍ରଦାନ କରି ଓଡିଶା ପାଇଁ ଗୌରବ ଆଣିଛନ୍ତି । ଏହି ଫଟୋଗୁଡ଼ିକ ବିଶ୍ୱର ଅଗ୍ରଣୀ ମିଡିଆ ହାଉସରେ ପ୍ରକାଶିତ ହୋଇଥିଲା ଏବଂ ଏହାକୁ ପ୍ରଧାନମନ୍ତ୍ରୀ ଏବଂ ଅନ୍ୟ ମନ୍ତ୍ରୀମାନେ ଟ୍ୱିଟ୍ କରିବା ପାଇଁ ବ୍ୟବହାର କରିଥିଲେ। ଏ ସମସ୍ତ କାର୍ଯ୍ୟରେ ସହାୟତା ପ୍ରଦାନ ପାଇଁ ଇସ୍ରୋ ସହିତ ଚୁକ୍ତିନାମାରେ ଯୋଗ ଦେଇଥିବା ଏହି ଅନୁଷ୍ଠାନର ବିଷ୍ଣୁତ୍ରାଣ ପୃଥିପଦ, ଯଶୋବନ୍ତ ଆଚାର୍ଯ୍ୟ ଏବଂ ଅଚ୍ୟୁତାନନ୍ଦ ନାହାକ ଏହି ମିଶନରେ ଅତ୍ୟନ୍ତ ବୃତିଗତ ଭାବରେ କାର୍ଯ୍ୟ କରି ବେଶ ପ୍ରଶଂସିତ ହୋଇଛନ୍ତି । ବର୍ତମାନ ଇସ୍ରୋର ବରିଷ୍ଠ ବୈଷୟିକ ସହାୟକ ଭାବ କାର୍ଯ୍ୟରତ ଏହି କୃତୀ ଛାତ୍ରମାନେ ଆଜି ପର୍ଯ୍ୟନ୍ତ ଅନେକ ରକେଟ୍ ମିଶନ୍ ପାଇଁ କାର୍ଯ୍ୟ କରିଛନ୍ତି । ସମ୍ପ୍ରତି ଚନ୍ଦ୍ରଯାନ-୩ ଏବଂ ଆଦିତ୍ୟ-ଏଲ୧ ମିଶନ୍ ପାଇଁ ସେମାନେ ସମସ୍ତ ଫଟୋଗ୍ରାଫିକ୍ ସହାୟତା ପ୍ରଦାନ କରିଛିନ୍ତି । ରକେଟ୍ ପର୍ଯ୍ୟାୟ ଏବଂ ଏକୀକରଣ କାର୍ଯ୍ୟକଳାପର ସମସ୍ତ ଭିଡିଓଗ୍ରାଫି କରିବା ସହିତ ବିଭିନ୍ନ ଷ୍ଟାଟିକ୍ ଟେଷ୍ଟ, ମୋଟର ଫାୟାରିଂ, ଚନ୍ଦ୍ରଯାନ -୩ ସାଟେଲାଇଟ୍ ଡ୍ରପ୍ ଟେଷ୍ଟ ଇତ୍ୟାଦିର ବୈଜ୍ଞାନିକ ବିଶ୍ଳେଷଣ ପାଇଁ ହାଇ ସ୍ପିଡ୍ ଫଟୋଗ୍ରାଫି, ମାନୁଆଲ୍ ଭିଡିଓ ଟ୍ରାକିଂ, ଫିକ୍ସଡ୍ କ୍ୟାମେରା ନେଟୱାର୍କ, ରିଲେ ପାୱାରରେ ଫାଇବର ଅପଟିକ୍ ନେଟୱାର୍କ ଆଦିରେ ଫଟୋ ଓ ଭିଡିଓଗ୍ରାଫି ସମ୍ପାଦନ କରିବା ସହିତ ଇସ୍ରୋ ମୁଖ୍ୟାଳୟ, ଦୂରଦର୍ଶନ ଏବଂ ସମସ୍ତ ମିଡିଆ ଚ୍ୟାନେଲମାନଙ୍କୁ ସହାୟକ ତଥ୍ୟ ଯୋଗାଇ ଦେଇଥିଲେ । ଦେଶର ସମସ୍ତ ବୈଜ୍ଞାନିକ ଏବଂ ମନ୍ତ୍ରୀମାନଙ୍କ ସହିତ ମିଶନ୍ କଂଟ୍ରୋଲ୍ ସେଂଟରରେ ଦିନିକିଆ ଭିଡିଓ କଭରେଜ୍ କରିବା ସହ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହିତ ପ୍ରଧାନମନ୍ତ୍ରୀଙ୍କ ଗସ୍ତକୁ ମଧ୍ୟ ଆଚ୍ଛାଦନ କରିଥିଲେ ।

## ଲଘୁଚାପ ଜନିତ ବର୍ଷା ଯୋଗୁ ପାଣିକୋଇଲିରେ କୃତ୍ରିମ ବନ୍ୟା

କୋରେଇ, ୧୫/୦୯ (ନି.ପ୍ର): ତୃଟିପୂର୍ଣ୍ଣ ନାଳ ନିର୍ମାଣ ଓ ନାଳ ପୋତି ହେବା ଯୋଗୁ ଲଘୁଚାପ ଜନିତ ବର୍ଷାରେ ପାଣିକୋଇଲିରେ କୃତ୍ରିମ ବନ୍ୟା ହୋଇଛି। ରାତ୍ରୀରୁ ଆରମ୍ଭ ହୋଇଥିବା ମାତ୍ର ଅସରାଏ ବର୍ଷାରେ ଜଳ ନିଷ୍କାସନ ନହୋଇ ଓଦାରେ ୧୦ରୁ ଉର୍ଦ୍ଧ୍ୱ ଦୋକାନ ପାଣି ପଶିଥିଲା। ଫଳରେ ଲକ୍ଷାଧିକ ଟଙ୍କାର ସମାଗ୍ରୀ ନଷ୍ଟ ହେବା ସହ ଦୋକାନଗୁଡ଼ିକ ବନ୍ଦ ରହିଥିଲା। ରାସ୍ତା ସାରା ପ୍ରାୟ ଦୁଇଫୁଟ୍‌ରୁ ଉର୍ଦ୍ଧ୍ୱ ପାଣି ରାସ୍ତା ଉପରେ ଜମି ରହିବାରୁ ଯାତାୟତରେ ବାଧା ଉପୁଜିଥିଲା। ବର୍ଷା ଛାଡ଼ିବା ପରେ ଦୋକାନମାନେ ମଟର ସାହାଯ୍ୟରେ ଦୋକାନ ମଧ୍ୟରୁ ପାଣି ନିଷ୍କାସନ କରିଛନ୍ତି। ବାରମ୍ବାର ଏଭଳି ଦୃଶ୍ୟ ଦେଖିବାକୁ ମିଳୁଥିବାବେଳେ ବିଭାଗ ପକ୍ଷରୁ ନାଳଟିକୁ ସମ୍ପୂର୍ଣ୍ଣ ଭାବେ ପୁନଃ ନିର୍ମାଣ କରାନଗଲେ ଏଭଳି ପରିସ୍ଥିତ ଉପୁଜିବା ସାର ହେବ। ଏ ଦିଗରେ ବିଭାଗୀୟ ଅଧିକାରୀ ଦୃଷ୍ଟି ଦେବାକୁ ବଜାରବାସୀଙ୍କ ପକ୍ଷରୁ ଦାବି ହୋଇଛି। ଅନ୍ୟପକ୍ଷରେ ବର୍ଷା ଯୋଗୁ ୧୬ନମ୍ବର ଜାତୀୟ ରାଜପଥରେ ଗାଡ଼ି ଶୁନ୍‌ଶାନ ରହିଥିବା ଦେଖିବାକୁ ମିଳୁଛି।

## ସପ୍ତପୁରୀ ଅମାବାସ୍ୟାରେ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି

ପୁରୀ, ୧୪ ସେପ୍ଟେମ୍ବର (ହି.ସ.)- ଆଜି ସପ୍ତପୁରୀ ଅମାବାସ୍ୟା। ଭାଦ୍ରବ ମାସର ଅମାବାସ୍ୟାକୁ ସପ୍ତପୁରୀ ଅମାବାସ୍ୟା କୁଶୋତ୍ପାଟିନୀ ଅମାବାସ୍ୟା ବା କୁଶଗ୍ରହଣୀ ଅମାବାସ୍ୟା" ଭାବରେ ପାଳନ କରାଯାଏ । ଓଡ଼ିଶାରେ ପାଳନ କରାଯାଏ ବାର ମାସରେ ତେର ପର୍ବ ଏବଂ ଏହା ବ୍ୟତୀତ ଥାଏ ଅନେକ ଗୁଡିଏ ନୀତିକାନ୍ତି । ଓଡ଼ିଶାର ଆରାଧ ଦେବତାଙ୍କୁ କେନ୍ଦ୍ର କରି ବିଭିନ୍ନ ପର୍ବପର୍ବାଣୀ ପାଳିତ ହୁଏ । ଏସବୁ ପାର୍ବଣ ଦିନ ମାନଙ୍କରେ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ । ଏହି ଅମାବାସ୍ୟା ତିଥିରେ ଓଡ଼ିଆ ଜାତିର ଆରାଧ ଭଗବାନ ଜଗନ୍ନାଥଙ୍କଠାରେ ସପ୍ତପୁରୀ ଭୋଗ ଲାଗିଥାଏ । ଶ୍ରୀଜୀଉଙ୍କର ଏହିଦିନ ବିଶେଷ ପୂଜାନୀତି ଅନୁଷ୍ଠିତ ହେବା ସହ ସେବାୟତଙ୍କ ଦ୍ୱାରା ଏକ ବଡ଼ "ସପ୍ତପୁରୀ" (ସାତପୁରୀ) ପ୍ରସ୍ତୁତ କରାଯାଇ ଠାକୁରଙ୍କଠାରେ ଭୋଗଲାଗି ହୋଇଥାଏ । ଏହାକୁ "ସପ୍ତପୁରୀ ତାଡ଼" ମଧ୍ୟ କୁହାଯାଇଥାଏ । ଏହି ଦିନ ଶ୍ରୀ ନୀଳମାଧବଙ୍କ ପାଖରେ ମଧ୍ୟ ଲାଗିଥାଏ ସାତପୁରୀ ପିଠାର ଭୋଗ । ସପ୍ତପୁରୀ ଅମାବାସ୍ୟା ପୂର୍ବଦିନ ଅଠରନଳା ନିକଟରେ ଅବସ୍ଥିତ ଭଗବତୀ ମା ଆଲାମଚଣ୍ଡୀ ମନ୍ଦିରରୁ ସପ୍ତପୁରୀ ଭୋଗ ପାଇଁ ଆବଶ୍ୟକ ତାଡ ଶ୍ରୀମନ୍ଦିରରେ ପହଁଚି ଚତୁଃପାର୍ଶ୍ୱ ବୁଲି ତାଡ ଗୁଡିକ ରୋଷ ବେହେରଣରେ ରଖାଯାଇଥିଲା । ଗତକାଲି ସଂନ୍ଧ୍ୟା ଧୂପ ସରିବା ପରେ ପୂଜାପଣ୍ଡା ସାମନ୍ତ ଶ୍ରୀଅଙ୍ଗରୁ ଆଜ୍ଞାମାଳ ନେଇ ଏକ ପଟୁଆରରେ ଶ୍ରୀମନ୍ଦିର ବାହାରେ ଥିବା ଦକ୍ଷୀଣକାଳି ମନ୍ଦିରକୁ ଯାଇଥିଲେ। ଆଜି ସପ୍ତପୁରୀ ଅମାବାସ୍ୟା ତିଥିରେ ଶ୍ରୀମନ୍ଦିରରେ ଅବକାଶ ନୀତି ବଢ଼ିବା ପରେ ତିନି ବାଡ଼ରେ ବେଶ ହୋଇଥିଲା । ତଢ଼ାଉ ୬ ମୂର୍ତି ଲାଗି ହେବା ପରେ ଗୋପାଳ ବଲ୍ଲଭ ସମ୍ପନ୍ନ ହୋଇଥିଲା। ଏହା ପୂର୍ବରୁ ରୋଷ ଘରେ ସପ୍ତପୁରୀ ପ୍ରସ୍ତୁତ ହୋଇଥିଲା । ଭୋଗ ଉପରେ ଶଙ୍ଖ, ଚକ୍ର, ହଳ, ମୂଷଳ, ଦଡକୀ ପିଠା ଉପରେ ପ୍ରସ୍ତୁତ ହୋଇଥିଲା। ତପୃରେ ପାଣି ପଡ଼ି ଟେରା ବନ୍ଧା ହୋଇ ସକାଳ ଧୂପ ସହ ସାତ ପୁରି ଭୋଗ ତାଟ ମଧ୍ୟ ରୋଷରୁ ଘଂଟ, ଛତ୍ର, କାହାଳୀ ସହ ତଳିଛ, ପ୍ରଧାନୀ ପଟୁଆରରେ ଛାମୁକୁ ଆସିଥିଲା। ମୁଦିରସ୍ତ ପ୍ରସାଦ ଲାଗି କରିବା ପରେ ପଣ୍ଡା ଷୋଡ଼ଶ ଉପଚାରରେ ମଣୋହି କରାଇଥିଲେ। ଭିତରେ ଆଳତୀ ବଢ଼ିବା ପରେ ପଣ୍ଡା, ପତି ଓ ମୁଦିରସ୍ତ ତିନି ବାଡ଼ରେ ବନ୍ଦାପନା କରିଥିଲେ। ଶ୍ରୀ ମନ୍ଦିରରେ ଶ୍ରୀଜିଉଙ୍କର ବିଶେଷ ପୂଜାନୀତି ସହ ଆଜି ମହାପ୍ରଭୁଙ୍କ ବିଜେ ପ୍ରତିମା ଶ୍ରୀନାରାୟଣ ସାଗର ବିଜେ କରିଥିଲେ ।

## ଏକଚ୍ଛତ୍ରବାଦୀ, ଲିଜ୍‌ରେ ଥିବା ବିଜେଡି ସରକାରରେ ବିସ୍ଫୋରଣ ହେବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି : ମନମୋହନ ସାମଲ

ପାରଳାଖେମୁଣ୍ଡି /ଭୁବନେଶ୍ୱର, ୧୫/୦୯ (ନି.ପ୍ର): ଓଡ଼ିଶାରେ ଲୋକପ୍ରତିନିଧିର ସରକାର ଚାଲୁନାହିଁ ବରଂ ଲିଜ୍‌ରେ ସରକାର ଚାଲିଛି। ଯେଉଁମାନେ ଦୁର୍ନୀତିକୁ ବିରୋଧ କରୁଛନ୍ତି ତାଙ୍କ ବିରୋଧରେ ଆକ୍ରୋଶମୂଳକ ଭାବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଓଡ଼ିଶାରେ ଯେଉଁ ଏକଚ୍ଛତ୍ରବାଦୀ, ଲିଜ୍‌ରେ ଥିବା ସରକାର ଚାଲିଛି, ତାର ଆଗାମୀ ଦିନରେ ବିସ୍ଫୋରଣ ହେବାର ପ୍ରକ୍ରିୟା ଆରମ୍ଭ ହୋଇସାରିଛି ବୋଲି ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ କହିଛନ୍ତି । ଦକ୍ଷିଣ ଓଡିଶାର ବିଭିନ୍ନ ଜିଲ୍ଲା ଗସ୍ତରେ ଥିବା ରାଜ୍ୟ ସଭାପତି ଆଜି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିଠାରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଯୋଗ ଦେଇ କହିଛନ୍ତି ଯେ, ଯଶ୍ୱସୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅମଳରେ ଗତ ୯ବର୍ଷରେ ଓଡ଼ିଶାକୁ ୧୮ଲକ୍ଷ ୮୩ହଜାର କୋଟି ଟଙ୍କାର ଆର୍ଥୀକ ଅନୁଦାନ ଓ ସହାୟତା ମିଳିଛି। ମାତ୍ର ଓଡିଶା କିମ୍ବା ଓଡିଶାବାସୀଙ୍କ ସ୍ଥିତିରେ କୌଣସି ପରିବର୍ତନ ଆସିନାହିଁ। ଅନେକ କଲ୍ୟାଣକାରୀ ଯୋଜନାରେ ଓଡିଶାକୁ ଆସୁଥିବା କେନ୍ଦ୍ରୀୟ ଯୋଜନାର ଟଙ୍କାକୁ ଶାସକ ବିଜେଡିର ବିଧାୟକ, ମନ୍ତ୍ରୀ ଓ ନେତାମାନେ ବାଟମାରଣା କରିଛନ୍ତି। ଶାସକ ଦଳର ନେତା, ମନ୍ତ୍ରୀ ଓ ବିଧାୟକଙ୍କ ପାଖରେ କୌଣସି କ୍ଷମତା ନାହିଁ। ମୁଖ୍ୟମନ୍ତ୍ରୀ, ମନ୍ତ୍ରୀ, ବିଧାୟକଙ୍କୁ ପ୍ରଶ୍ନ କରାଯିବାରୁ ସେମାନେ ଏବେ ଅଦୃଶ୍ୟ ହୋଇଯାଉଛନ୍ତି। ରାଜ୍ୟର ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଭାରତୀୟ ଜନତା ପାର୍ଟି ଗାଁ, ପଂଚାୟତ, ବ୍ଲକ, ଜିଲ୍ଲାସ୍ତରରେ ଆନ୍ଦୋଳନ ପାଇଁ ଡାକରା ଦେଇଛି ବୋଲି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି।

ଦୀର୍ଘଦିନ ହେବ ରାଜ୍ୟ ସରକାର ସ୍କୁଲରେ ଠିକାନିଯୁକ୍ତି ଦେଉଛନ୍ତି, ସ୍କୁଲର ଶିକ୍ଷକଙ୍କ ଅଭାବ ରହିଛି। ଯେଉଁଠି ଶିକ୍ଷକ ଅଛନ୍ତି ସେମାନଙ୍କୁ ଦରମା ଦେଉନାହାନ୍ତି। ଶିକ୍ଷାଦାନ ଛାଡି ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି ଲକ୍ଷ ଲକ୍ଷ ଶିକ୍ଷକ। ଶିକ୍ଷକମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ଭାରତୀୟ ଜନତା ପାର୍ଟିର ପୂର୍ଣ୍ଣ ସମର୍ଥନ ରହିଛି ବୋଲି ଶ୍ରୀ ସାମଲ କହିଛନ୍ତି।

ରାଜ୍ୟର ପ୍ରାୟ ୮୦ପ୍ରତିଶତ ଛାତ୍ରନେତା ଓଡ଼ିଶାରେ ରାଜନୀତି କରୁଛନ୍ତି। ରାଜ୍ୟ ସରକାର ଡରି ଛାତ୍ର ସଂସଦ ନିର୍ବାଚନକୁ ବନ୍ଦ କରିଛନ୍ତି। ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ମନରେ ଭୟ ଥିବାରୁ ସେ ଏବେ ଗଣତନ୍ତ୍ର ବିରୋଧୀ କାର୍ଯ୍ୟ କରୁଛନ୍ତି। ଛାତ୍ରଛାତ୍ରୀଙ୍କୁ ସାମ୍ନା କରିବାର ନୈତିକ ସାହସ ନଥିବାରୁ ଭୟଭୀତ ରାଜ୍ୟ ସରକାର ଛାତ୍ର ସଂସଦ ନିର୍ବାଚନ କରୁନାହାନ୍ତି । ଯୁବକ, ଶ୍ରମିକ ଓ ସମାଜ ବିରୋଧୀ ରାଜ୍ୟ ସରକାର। ଓଡ଼ିଶାରେ ୨୩ବର୍ଷ ସରକାରରେ ରହିବି ନବୀନ ବାବୁ ଗୋଟିଏ ବି କର୍ମସଂସ୍ଥାନ ଯୋଗାଇ ନାହାନ୍ତି ବୋଲି ଶ୍ରୀ ସାମଲ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ଉପସଭାପତି ବିରଂଚି ନାରାୟଣ ତ୍ରିପାଠୀ, ରାଜ୍ୟ ସାଧାରଣ ସଂପାଦକ ଶାରଦା ଶତପଥୀ, ରାଜ୍ୟ ସଂପାଦକ ସରୋଜ କର, ଗଜପତି ଜିଲ୍ଲା ସଭାପତି ତଥା ବିଧାୟକ କେ.ନାରାୟଣ ରାଓ, ପ୍ରମୁଖ ଉପସ୍ଥିତ ଥିଲେ।

## ବାଲେଶ୍ୱର ନିଧିପଣ୍ଡା ନିକଟରେ ଉପମାର୍ଗ ନିର୍ମାଣ ପାଇଁ ୧୪.୭ କୋଟି ଟଙ୍କା ମଞ୍ଜୁର କଲେ ରେଳମନ୍ତ୍ରୀ

ଭୁବନେଶ୍ୱର, ୧୫/୦୯ (ନି.ପ୍ର): ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବ ୨୧ ଜୁନ୍ ରେ ତାଙ୍କର ବାଲେଶ୍ୱର ଗସ୍ତ ସମୟରେ ସ୍ଥାନୀୟ ଗ୍ରାମ ଗୁଡିକର ଲୋକମାନଙ୍କୁ ଭେଟି ସମସ୍ୟା ସମ୍ପର୍କରେ ପଚାରି ବୁଝିବା ସମୟରେ ସେମାନଙ୍କର ଦୀର୍ଘଦିନର ଯାତାୟାତ ସମସ୍ୟାର ସମାଧାନ ପାଇଁ ନିଧିପଣ୍ଡା ବ୍ରିଜ (ବ୍ରିଜ ନମ୍ବର ୨୫୯) ନିକଟରେ ଏକ ଉପମାର୍ଗ ନିର୍ମାଣ ସମ୍ପର୍କରେ ଦାବିପତ୍ର ଗ୍ରହଣ କରିଥିଲେ। ରେଳ ମନ୍ତ୍ରୀ ସ୍ଥାନୀୟ ଗ୍ରାମବାସୀଙ୍କ ସହ ଆଲୋଚନା କରି ଏହି ସମସ୍ୟାର ସମାଧାନ କରିବାକୁ ପ୍ରତିଶୃତି ଦେଇଥିଲେ। ରେଳବାଇର 'ଡିଜାଇନିଂ ଦଳ' ତୁରନ୍ତ ଉପମାର୍ଗ ନିର୍ମାଣ ପାଇଁ ଡିଜାଇନ୍ ପ୍ରସ୍ତୁତ କରିଛି ଯାହା ଦକ୍ଷ ଅଧିକାରୀଙ୍କ ଦ୍ୱାରା ଅନୁମୋଦିତ ହୋଇଛି । ବାଲେଶ୍ୱରର ନିଧିପଣ୍ଡା ବ୍ରିଜ୍ ନିକଟରେ ରେଳବାଇ ଦ୍ୱାରା ଏକ ଉପମାର୍ଗ ନିର୍ମାଣ ପାଇଁ ରେଳ ବୋର୍ଡ ଦ୍ୱାରା ୧୪.୭ କୋଟି ଟଙ୍କା ମଞ୍ଜୁର କରାଯାଇଛି । ଖଡ଼ଗପୁର - ଭଦ୍ରକ ରେଳ ସେକ୍ସନ ଅନ୍ତର୍ଗତ ହଳଦୀପଦା - ବାଲେଶ୍ୱର ମଧ୍ୟରେ ନିଧିପଣ୍ଡା ବ୍ରିଜ୍ ଏକ ଗୁରୁତ୍ୱପୂର୍ଣ୍ଣ ସେତୁ । ଏହି ସେତୁର ତଳେ ଦୁଇ ସ୍ଥାନ ମଧ୍ୟରେ ସ୍ଥାନୀୟ ଲୋକମାନେ ଉଭୟ ଯାନବାହାନ ଏବଂ ପଥଚାରୀ ଯାତାୟାତ ପାଇଁ ବ୍ୟବହାର କରୁଛନ୍ତି । ବର୍ଷାଦିନ ସମୟରେ ଏହି ପଥ ଜଳବନ୍ଦୀ ହୋଇଯାଏ ଏବଂ ବ୍ରିଜ୍ ତଳେ ଥିବା ମାର୍ଗଟି ସେଠାରେ ଥିବା ଗ୍ରାମଗୁଡିକ ପାଇଁ ଅପ୍ରତ୍ୟାଶିତ ଭାବେ ସଂଯୋଗ ବିଚ୍ଛିନ୍ନ ହୋଇଯାଏ। ଏହି ସମସ୍ୟାଗୁଡିକୁ ଦୃଷ୍ଟିରେ ରଖି ମାନ୍ୟବର ରେଳମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ତୁରନ୍ତ ଯାନବାହନ ଚଳାଚଳ ତଥା ପଥଚାରୀଙ୍କ ପାଇଁ ବିକଳ୍ପ, ନିରାପଦ ବ୍ୟବସ୍ଥା ଯୋଗାଇବା ପାଇଁ ସର୍ଭେ କରାଯାଇଥିଲା। ଏକ ଯୋଜନା ପ୍ରସ୍ତୁତ କରାଯାଇଥିଲା ଯେଉଁଥିରେ ଖଡ଼ଗ୍ପୁର ଦିଗରୁ ବ୍ରିଜ ନିକଟରେ ୫ ମିଟର ଚୌଡା ଓ ୫ ମିଟର ଉଚ୍ଚତା ବିଶିଷ୍ଟ ଏକ ଉପମାର୍ଗ ନିର୍ମାଣ ପ୍ରସ୍ତାବ ଦିଆଯାଇଛି। ଏହି ଉପମାର୍ଗ ଭାରୀ ଯାନ ସମେତ ସମସ୍ତ ପ୍ରକାର ଯାନବାହନ ଯିବା ପାଇଁ ବ୍ୟବହୃତ ହେବ। ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ହେବ ଏବଂ ସ୍ଥାନୀୟ ଲୋକଙ୍କ ଦୀର୍ଘଦିନର ଦାବି ପୂରଣ କରିବ । ଅତିରିକ୍ତ ଭାବରେ, ବର୍ଷାଦିନ ସମୟରେ ଏହି ଅଞ୍ଚଳ ଜଳପ୍ରବାହ ହେବାର ସମ୍ଭାବନାକୁ ଧ୍ୟାନରେ ରଖି ଦ୍ୱିତୀୟ ଉପମାର୍ଗ ନିର୍ମାଣ ପାଇଁ ୪ ମିଟର ଚୌଡା ଓ ୨.୭ ମିଟର ଉଚ୍ଚତା ବିଶିଷ୍ଟ ଏକ ଉପମାର୍ଗ ନିର୍ମାଣର ପ୍ରସ୍ତାବ ଦିଆଯାଇଛି । ସେତୁର ନିର୍ମାଣ ଶଯ୍ୟା ସ୍ତରଠାରୁ ପ୍ରାୟ ୧.୬ ମିଟର ହେବ ଏବଂ ପ୍ରବଳ ଜଳ ନିଷ୍କାସନ ସମୟରେ ମଧ୍ୟ ଏହା ଏକ ସବୁଦିନିଆ ରାସ୍ତା ଭାବରେ କାର୍ଯ୍ୟ କରିବ । ରେଳ ମନ୍ତ୍ରୀ ଶ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ହସ୍ତକ୍ଷେପ ଏବଂ ନିୟମିତ ନୀରିକ୍ଷଣ ସହିତ ତୁରନ୍ତ ୧୪.୭ କୋଟି ଟଙ୍କାର ପ୍ରକଳ୍ପ ଏବଂ ପାଣ୍ଠିକୁ ମଞ୍ଜୁର କରାଯାଇଛି ଏବଂ ଏହାର ନିର୍ମାଣ କାର୍ଯ୍ୟକୁ ମଧ୍ୟ ପ୍ରାଥମିକତା ଦିଆଯାଇ କାର୍ଯ୍ୟକାରୀ କରାଯିବ ।

## ଜଳବନ୍ଦୀରେ କଲବଲ କଣ୍ଟିବରାହୀ ଗାଁ ଲୋକେ: ଅବସ୍ଥା ଶୋଚନୀୟ



ବାଲିଅନ୍ତା ବଜାର, ୧୫/୦୯ (ନି.ପ୍ର): ପ୍ରତାପରୁଦ୍ରପୁର ପଞ୍ଚାୟତ କଣ୍ଟିବରାହୀ ଗ୍ରାମବାସୀ ଏବେ ଜଳବନ୍ଦି ଜୀବନ ବିତାଉଛନ୍ତି। ପ୍ରାଚୀ ସବ୍‌ଡିଭିଜନ ଅନ୍ତର୍ଗତ ଗୋପ କେନାଲ ପାର୍ଶ୍ୱରେ ଥିବା ଏହି ଗାଁରେ ଜଳ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଗାଁ ଭିତରେ ପାଣି ଜମିରହିଛି। କେନାଲର ଝର ସହ ବର୍ଷା ପାଣି ମିଶିଯିବା ଫଳରେ ରାସ୍ତାଘାଟ ଓ ଗାଁ ଭିତରେ ପାଣି ଜମି ରହିଛି। କିଛି ଲୋକଙ୍କ ଘରର ଏରୁଣ୍ଡି ବନ୍ଧକୁ ପାଣି ଛୁଇଁଛି। ମାଟିଘରେ ରହୁଥିବା ଲୋକମାନେ ବଡ଼ ଦୟନୀୟ ସ୍ଥିତିରେ ଅଛନ୍ତି। ଘର ଜକେଇ ଜକେଇ କାଦୁଅ ଭଳି ସ୍ଥିତି। ତେଣୁ ଘରେ ଚୁଲି ଜଳିବା ସମ୍ଭବ ହେଉନାହିଁ। ଖିଆପିଆଠାରୁ ଆରମ୍ଭ କରି ଶୋଇବା ପର୍ଯ୍ୟନ୍ତ ସବୁଥିରେ ଲୋକେ ବଡ଼ କଲବଲ ହେଉଛନ୍ତି। ଗ୍ରାମବାସୀମାନଙ୍କ ଅଭିଯୋଗ ଅନୁସାରେ ଗାଁରୁ ଜଳ ନିଷ୍କାସନ ପାଇଁ ଡ୍ରେନେଜ୍ ବ୍ୟବସ୍ଥା ନଥିବାରୁ ଏଭଳି ଶୋଚନୀୟ ଅବସ୍ଥା। ଏନେଇ ସେମାନେ ବ୍ଲକ୍ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରିଥିଲେ ମଧ୍ୟ କିଛି ସୁଫଳ ମିଳିନାହିଁ। ଘରେ ଚଳିବା ଯେମିତି ଯନ୍ତ୍ରଣାଦାୟକ ଘରୁ ବାହାରକୁ ଯା'ଆସ କରିବା ସେତିକି କଷ୍ଟକର ହୋଇପଡୁଛି। ଜରୁରୀକାଳୀନ ପରିସ୍ଥିତିରେ ଗାଁକୁ ଆମ୍ବୁଲାନ୍ସ ପଶିପାରୁନାହିଁ। ଦୀର୍ଘ ଦିନ ଧରି ପାଣି ଜମି ରହିବା ଫଳରେ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ପଚାପାଣିରେ ମଶା ଭଣଭଣ ହେଉଛନ୍ତି। ଖୁବ୍ ଶୀଘ୍ର ଡ୍ରେନେଜ୍ ବ୍ୟବସ୍ଥା କରାନଗଲେ, ସେମାନେ ବ୍ଲକ୍ ସମ୍ମୁଖରେ ଧାରଣା ଦେବେ ବୋଲି କହିଛନ୍ତି। ଏନେଇ ସରପଞ୍ଚ ଶ୍ରଦ୍ଧେୟା ପାତ୍ରଙ୍କ କହିବା କଥା କଣ୍ଟାବରେହୀ ଗାଁ ବିଷୟରେ ସେ ଅବଗତ ଅଛନ୍ତି। କିନ୍ତୁ ବର୍ଷା ଦିନ ସରିବା ପରେ ପରେ ସେ ସ୍ଥାୟୀ ପ୍ରତିକାର ପାଇଁ ବିହିତ ପଦକ୍ଷେପ ନେବେ ବୋଲି କହିଛନ୍ତି।

## ସରକାରୀ ଜମିରେ ଆବାସ, ଅଭିଯୋଗ ଆଣିଲେ ଗ୍ରାମବାସୀ

କୋରେଇ, ୧୫/୦୯ (ନି.ପ୍ର): କୋରାଇ ବ୍ଲକ ଅନ୍ତର୍ଗତ ମୂଳାପାଳ ପଂଚାୟତରେ ଆବାସ ଯୋଜନାରେ ଅନିୟମିତତା ନେଇ ଅଭିଯୋଗ କରାଯାଇଛି। ବିଭିନ୍ନ ଯୋଜନା ତଥ ବିଶେଷକରି ଆବାସ ଯୋଜନାରେ ରାଜନୈତିକ ଅଭିସନ୍ଧି ରଖାଯାଉଛି। ଯାହାକୁ ନେଇ ବାରମ୍ବାର ଅଭିଯୋଗ କଲେ ମଧ୍ୟ ତାର ସୁଫଳ ମିଳୁନାହିଁ। ଫଳରେ ଜିଲ୍ଲାପାଳ, ତହସିଲଦାର ଓ ବିଡ଼ିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି ମୂଳାପାଳ ପଂଚାୟତ ମୂଳାପାଳ ଓ ବରପଦାର ଗ୍ରାମବାସୀ। ପ୍ରକାଶଯେ ମୂଳାପାଳ ପଂଚାୟତର ମୂଳାପାଳ ଠାରେ ଏକ ଆଦିବାସୀ ବସ୍ତି ରହିଛି। ଯେଉଁଠାରେ ୫୦ରୁ ଉର୍ଦ୍ଧ୍ୱ ପରିବାର ବସବାସ କରନ୍ତି। ମାତ୍ର ସେମାନଙ୍କ ଘରବାଡ଼ି ପଟ୍ଟା ମିଳିନଥିବାରୁ ସେମାନେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରୁ ବଂଚିତ ହେଉଛନ୍ତି। ସେମାନଙ୍କୁ ସ୍ଥାୟୀ ପଟ୍ଟା ବା ଆବାସ ଯୋଗାଇବା ପାଇଁ କୌଣସି ବ୍ୟବସ୍ଥା କରାଯାଉ ନାହିଁ। ଅପରପକ୍ଷେ ବରପଦା ଗ୍ରାମରେ ଯେଉଁ ମାନେ ପୂର୍ବରୁ ଘର ପାଇଛନ୍ତ ବା ସେମାନଙ୍କ ଘରବାଡ଼ି ରହିଛି ସେମାନେ ପୁନଃ ଆବାସ ଯୋଜନାରେ ସାମିଲ ହୋଇ ସରକାରୀ ସ୍ଥାନ ଅନାବାଦୀ ଓ ଗୋଚର ଜମିରେ ଆବାସ ଗୃହ କରୁଛନ୍ତି। ଯାହାଫଳରେ ଗୋ ଚାରଣରେ ବାଧା ଉପୁଜିବା ଠାରୁ ଆରମ୍ଭ କରି ସରକାରୀ ଜମି ଜବରଦଖଲ କରାଯାଉଛି । ଏଭଳି ଅବସ୍ଥା ଦେଖି ମୂଳାପାଳ ଓ ବରପଦା ଗ୍ରାମବାସୀ ଅଭିଯୋଗ ଆଣିଛନ୍ତି ।


## ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ନଷ୍ଟ କରିସାରିଛନ୍ତି: ମନମୋହନ ସାମଲ

ଗୁଣୁପୁର/ବିଷମକଟକ/ଭୁବନେଶ୍ୱର, ୧୫/୦୯ (ନି.ପ୍ର): ଶିକ୍ଷକମାନେ ସମାଜର ମେରୁଦଣ୍ଡ। ଶିକ୍ଷକମାନେ ଭବିଷ୍ୟତ ପିଢ଼ୀର ନିର୍ମାଣକାରୀ । ପ୍ରାଥମିକ ଶିକ୍ଷାବ୍ୟବସ୍ଥା ସୁଦୃଢ ହେବା ଉଚିତ୍ । ମାତ୍ର ରାଜ୍ୟରେ ବିଜେଡି ସରକାରର ଶିକ୍ଷାମାରଣ ନୀତି କାରଣରୁ ପ୍ରାଥମିକ ଶିକ୍ଷା ସଂପୂର୍ଣ୍ଣ ଭାବେ ବିପର୍ଯ୍ୟସ୍ତ ହୋଇପଡିଛି । ଶିକ୍ଷକମାନେ ନିଜର ମୌଳିକ ସୁବିଧା ଓ ନ୍ୟାର୍ଯ୍ୟ ହକ୍ ପାଇଁ ବାରମ୍ବାର ଆନ୍ଦୋଳନ କରୁଥିଲେ ସୁଦ୍ଧା ରାଜ୍ୟ ସରକାର କର୍ଣ୍ଣପାତ କରୁନାହାନ୍ତି । ବିଭିନ୍ନ ସମସ୍ୟା ଘେରରେ ଥିବା ଶିକ୍ଷକମାନେ ବାରମ୍ବାର ପ୍ରତାରଣାର ଶିକାର ହେଉଛନ୍ତି । ରାଜ୍ୟ ସରକାରଙ୍କ ଭୁଲ୍ ଶିକ୍ଷା ନୀତି କାରଣରୁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଛି । ଶିକ୍ଷା ମନୁଷ୍ୟକୁ ଦିଗ୍‌ଦର୍ଶନ ଦିଏ କିନ୍ତୁ ସେହି ପ୍ରାଥମିକ ଶିକ୍ଷା ବ୍ୟବସ୍ଥାକୁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ନଷ୍ଟ କରିସାରିଛନ୍ତି। ଦୀର୍ଘଦିନ ହେବ ରାଜ୍ୟ ସରକାର ସ୍କୁଲରେ ଠିକାନିଯୁକ୍ତି ଦେଉଛନ୍ତି, ସ୍କୁଲର ଶିକ୍ଷକଙ୍କ ଅଭାବ ରହିଛି । ଯେଉଁଠି ଶିକ୍ଷକ ଅଛନ୍ତି ସେମାନଙ୍କୁ ଦରମା ଦେଉନାହାନ୍ତି। ଶିକ୍ଷାଦାନ ଛାଡି ରାଜରାସ୍ତାରେ ଆନ୍ଦୋଳନ କରୁଛନ୍ତି ଲକ୍ଷ ଲକ୍ଷ ଶିକ୍ଷକ । ବିଭିନ୍ନ ଦାବୀ ନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରୁଥିବା ଶିକ୍ଷକମାନଙ୍କୁ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ ଆଜି ଗୁଣୁପୁର, ରାମଣାଗୁଡା ଏବଂ ବିଷମକଟକଠାରେ ଭେଟି ତାଙ୍କ ଦାବୀ ଓ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ଶିକ୍ଷକମାନଙ୍କ ନ୍ୟାର୍ଯ୍ୟ ଦାବି ପ୍ରତି ଭାରତୀୟ ଜନତା ପାର୍ଟିର ପୂର୍ଣ୍ଣ ସମର୍ଥନ ରହିଛି ବୋଲି ଶ୍ରୀ ସାମଲ କହିଛନ୍ତି। ଏଥି ସହ ବିଜେଡି ସରକାରର ଦୁର୍ନୀତି, ଭ୍ରଷ୍ଟାଚାର ବିରୋଧରେ ଭାରତୀୟ ଜନତା ପାର୍ଟି ପ୍ରତ୍ୟେକ ଗାଁ, ପଂଚାୟତ, ବ୍ଲକ, ଜିଲ୍ଲାସ୍ତରରେ ଆନ୍ଦୋଳନ ପାଇଁ ଡାକରା ଦେଇଛି ବୋଲି ସେ କହିଛନ୍ତି। ଦକ୍ଷିଣ ଓଡିଶା ଗସ୍ତରେ ଥିବାଶ୍ରୀ ସାମଲ ଆଜି ରାୟଗଡା ଜିଲ୍ଲା ଗସ୍ତ କରିଛନ୍ତି । ଗୁଣୁପୁରଠାରେ ପହଂଚିବା ପରେ ଏକ ବିରାଟ ଶୋଭାଯାତ୍ରାରେ ଶ୍ରୀ ସାମଲଙ୍କୁ ପ୍ରସିଦ୍ଧ ସିଦ୍ଧ ବିନାୟକ ମନ୍ଦିରକୁ ଆସି ଦର୍ଶନ କରିଥିଲେ । ଏହାପରେ ରାଜ୍ୟ ସଭାପତି ଶ୍ରୀ ସାମଲ ପୁଲୱାମା ସହିଦ ପୀତବାସ ବେହେରାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରିବା ପରେ ତାଙ୍କ ଘରୁ ମାଟି ସଂଗ୍ରହ କରି "ମୋ ମାଟି ମୋ ଦେଶ" କାର୍ଯ୍ୟକ୍ରମରେ ଶୁଭାରମ୍ଭ କରିଥିଲେ। ରାୟଗଡା ଜିଲ୍ଲା ପୂର୍ବତନ ଜିଲ୍ଲା ସଭାପତି ତଥା ବରିଷ୍ଠ ନେତା ସ୍ୱର୍ଗତଃ ରବି ପାଢୀଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରି ଶ୍ରୀ ସାମଲ ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିଥିଲେ। ରାମଣାଗୁଡାଠାରେ ଅନୁଷ୍ଠିତ ହୋଇଥିବା ବିଧାନସଭାସ୍ତରୀୟ କାର୍ଯ୍ୟକର୍ତା ବୈଠକରେ ଯୋଗ ଦେଇ ରାଜ୍ୟ ସଭାପତି ଶ୍ରୀ ସାମଲ ଦଳୀୟ କାର୍ଯ୍ୟ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ଓ ସମୀକ୍ଷା କରିଥିଲେ ।

## ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ କାନପୁରରୁ ୧୮ଜଣ ମନୋନୀତ

କାନପୁର, ୧୫/୦୯ (ନି.ପ୍ର): ମତ୍ସ୍ୟଜୀବୀମାନଙ୍କର ଆର୍ଥିକ ସ୍ଥିତିକୁ ସୁଦୃଢ କରିବା ପାଇଁ କେନ୍ଦ୍ର ସରକାରଙ୍କର ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନାରେ କାନପୁରରେ ୧୮ଜଣ ହିତାଧିକାରୀଙ୍କୁ ମନୋନିତ କରାଯାଇଛି । ଏହି ଯୋଜନାର ଲାଭ ପାଇବା ପାଇଁ ୬୧ଜଣ ହିତାଧିକାରୀ ଅନଲାଇନ ଆବେଦନ କରିଥିଲେ। କାନପୁର ନଗର ମତ୍ସ୍ୟ ସହାୟକ ନିର୍ଦ୍ଦେଶକ ଏନ.କେ ଅଗ୍ରୱାଲ କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦା ଯୋଜନାରେ ପୂରା ଦେଶରେ ପ୍ରାୟ ୫୩ଟି ଯୋଜନାରେ ଚାଲିଛି । ସରକାରଙ୍କ ପକ୍ଷରୁ କାନପୁରରେ ପ୍ରାୟ ୮ଟି ଯୋଜନା ପାଇଁ ଦାବି କରାଯାଇଥିଲା । ଏହି ଆଠଟି ଯୋଜନାରେ ଘରୋଇ ଭୂମି ପୋଖରୀ ଯୋଜନାରେ ବାୟୋ ଫ୍ଲାକ ଯୋଜନା, ଡଙ୍ଗା ସବସିଡି ଯୋଜନା, ମାଛର ଚାରା ପ୍ରସ୍ତୁତି କରିବା ଯୋଜନା, ବ୍ୟବସାୟ ପାଇଁ ଯାନ ଉପଲବ୍ଧ କରିବା ଯୋଜନା, ମତ୍ସ୍ୟଜୀବୀ ଆବାସ ଯୋଜନା, ସହକାରୀ ସମିତି ଗଠନ ସମେତ ଆଠଟି ଯୋଜନାର ଲାଭ ପାଇବା ପାଇଁ ଚଳିତ ଆର୍ଥିକ ବର୍ଷରେ କାନପୁରରେ ମତ୍ସ୍ୟଜୀବୀ ସମାଜ, ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ପଛୁଆ ବର୍ଗ, ଏସସି ବର୍ଗରୁ ପ୍ରାୟ ୬୧ଜଣ ଆବେଦନ କରିଥିଲେ ।

# ହୃଦ ସମସ୍ୟା ହ୍ରାସକାରୀ ପିସ୍ତା



ଦୈନନ୍ଦିନ ଖାଦ୍ୟରେ ପିସ୍ତା ସାମିଲ କରୁଥିବା ଟାଇପ-୦୨ ମଧୁମେହ ପୀଡ଼ିତ ଭାରତୀୟଙ୍କ ଠାରେ ହୃଦରୋଗ ଆଶଙ୍କା ହ୍ରାସପାଏ । ଏଥିସହ ସେମାନଙ୍କ ସ୍ୱାସ୍ଥ୍ୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ସୁଧାର ହୁଏ ବୋଲି ସଦ୍ୟ ଅଧ୍ୟୟନ ଦାବି କରିଛି । ବିଶ୍ୱର ମଧୁମେହ ରାଜଧାନୀ ଭାବେ ଭାରତ ପରିଚିତ । ଟାଇପ-୨ ମଧୁମେହ ଏବେ ମହାମାରୀ ରୂପ ନେଇଥିବା ମେଟାବଲିକ ସିଣ୍ଡ୍ରୋମ ଆଣ୍ଡ ରିଲେଟେଡ୍ ଡିଜଡର୍ସ ନାମକ ପତ୍ରିକାରେ ଗବେଷକମାନେ ଉଲ୍ଲେଖ କରିଛନ୍ତି । ଧନୀ ଓ ସମ୍ଭ୍ରାନ୍ତ ଲୋକେ ମଧୁମେହର ଶିକାର ହୁଅନ୍ତି ବୋଲି ପୂର୍ବେ ଧାରଣା ଥିଲା । କିନ୍ତୁ ଟାଇପ-୨ ମଧୁମେହ ବର୍ତ୍ତମାନ ସମସ୍ତ ସାମାଜିକ, ଭୌଗୋଳିକ ଓ ବୟସର ଲୋକଙ୍କୁ କବଜା କରିଛି । ଦକ୍ଷିଣ ଏସିଆର ଲୋକେ ଶର୍କରା ଜାତୀୟ ଖାଦ୍ୟ ବେଶୀ ଗ୍ରହଣ କରିଥାନ୍ତି । ତେଣୁ ସେମାନଙ୍କ ଇନସୁଲିନ ପ୍ରତିରୋଧ ଶକ୍ତି ଅଧିକ ସେହି କାରଣରୁ ଶରୀରରେ ଶର୍କରା ଜମା ହୋଇ ମଧୁମେହର ରୂପ ନିଏ । ଡାଇବେଟିସ ଫାଉଣ୍ଡେସନ୍ ଇଣ୍ଡିଆ (ଡିଏଫଆଇ) ଡାଇବେଟିସ୍ ଆଣ୍ଡ ମେଟାବଲିକ ଡିଜିଜ୍ ଡା.ଅନୂପ ମିଶ୍ରା ଏବଂ ପ୍ରୋଜେକ୍ଟ ଅଫିସର୍ ଡା. ସମୀର ଗୁଲଟି ଭାରତୀୟମାନଙ୍କ ଖାଦ୍ୟ ତାଲିକାରେ ସାମିଲ ଲୋକପ୍ରିୟ ଖାଦ୍ୟ ପିସ୍ତା ଉପରେ ବିଶ୍ଳେଷଣ କରିଥିଲେ । ଟାଇପ-୨ ମଧୁମେହ ପୀଡ଼ିତ ଭାରତୀୟଙ୍କ ଗ୍ଲାଇମେସିକ ନିୟନ୍ତ୍ରଣ ଓ ହୃଦରୋଗ ଆଶଙ୍କା ହ୍ରାସ କରିବାରେ ପିସ୍ତା କେତେ ଦରକାରୀ, ସେ ସମ୍ପର୍କରେ ଅଧ୍ୟୟନ କରାଯାଇଥିଲା । ପ୍ରାଚୀନ କାଳରୁ ଭାରତୀୟମାନେ ପିସ୍ତାକୁ ସୁସ୍ଥ ଜଳଖିଆ ଭାବେ ଗ୍ରହଣ କରିଥାନ୍ତି । ତେବେ ପ୍ରଥମଥର ମଧୁମେହ ରୋଗୀଙ୍କ କ୍ଷେତ୍ରରେ ଏହାର ହିତକାରୀ ପ୍ରଭାବ ବୈଜ୍ଞାନିକ ଉପାୟରେ ପରୀକ୍ଷା କରାଯାଇଛି । ଏଣିକି ଦୈନନ୍ଦିନ ଖାଦ୍ୟରେ ପିସ୍ତା ସାମିଲ କରିବାକୁ ସବୁ ମଧୁମେହ ରୋଗୀଙ୍କୁ ପରାମର୍ଶ ଦିଆଯାଇପାରିବ ବୋଲି ଡା.ମିଶ୍ରା କହିଛନ୍ତି । ଦିଲ୍ଲୀରୁ ଟାଇପ୨ ମଧୁମେହ ପଈଡ଼ିତ ଏବଂ କୋଲେଷ୍ଟେରଲ ସ୍ତର ଉଚ୍ଚଥିବା ୨୫ରୁ ୭୦ ବର୍ଷ ବୟସରେ ଲୋକଙ୍କୁ ଗବେଷକମାନେ ଅଧ୍ୟୟନରେ ସାମିଲ କରିଥିଲେ ।



# ବାଥ୍‌ରୁମ୍ ରଖନ୍ତୁ ଚମକଦାର୍



ଘରର ବାଥ୍‌ରରୁମ୍ ଘର ଉପରେ ପକାଇଥାଏ ନାନା ପ୍ରକାର କୁପ୍ରଭାବ । ଏଥିପାଇଁ ଘରର ବାଥରୁମକୁ ସବୁବେଳେ ପରିଷ୍କାର ରଖିବା ଉଚିତ୍ । ନଚେତ କୀଟାଣୁ ସଂକ୍ରମଣ ଯୋଗୁ ନାନା ପ୍ରକାର ରୋଗ ସୃଷ୍ଟି ହୁଏ । ଏଥିପାଇଁ ବାଥରୁମକୁ ସଫା ରଖିବା ନିହାତି ଜରୁରି ।

- ପ୍ରଥମେ ବାଥରୁମରେ ଲାଗିଥିବା ୱାଶ ବେସିନକୁ ସଫା ରଖନ୍ତୁ । ଏହାକୁ ସଫା କରିବା ପାଇଁ କିଛି ପରିମାଣରେ ଲେମ୍ବୁ ରସ ନେଇ ସେଥିରେ କିଛି ଲୁଣ ମିଶାଇ ଏକ ଘୋଳ ପ୍ରସ୍ତୁତ କରନ୍ତୁ । ଏହି ଘୋଳକୁ ୱାଶଲ ବେସିନରେ ଦେଇ କିଛିସମୟ ପର୍ଯ୍ୟାପ୍ତ ଛାଡ଼ିଦିଅନ୍ତୁ । ୫ ମିନିଟ ପରେ ଏହାକୁ ଗରମ ପାଣିରେ ବ୍ୟବହାର କରି ଧୋଇ ଦିଅନ୍ତୁ । ଏହାଦ୍ୱାରା ବେସିନ ସଫା ହୋଇବା ସହ ଏଥିରୁ ବାହାରୁଥିବା ଦୁର୍ଗନ୍ଧ ମଧ୍ୟ କମହୋଇଯିବ ।
- ବାଥୁରୁମ ସଫା କରିବା ସମୟରେ ଟଏଲେଟକୁ ସଫା କରିବା ପାଇଁ ଭୁଲନ୍ତୁ ନାହିଁ । ଭିନେଗାରରେ କିଛି ପରିମାଣରେ ଲେମ୍ବୁ ରସ ଏବଂ ଲୁଣ ମିଶାନ୍ତୁ । ତାପରେ ଏହାକୁ ଟଏଲଟରେ ବ୍ରଶ ସାହାଯ୍ୟରେ ଭଲ ଭାବରେ ଲଗାନ୍ତୁ । ୨୦ ମିନିଟ ପର୍ଯ୍ୟନ୍ତ ଏହାକୁ ଏପରି ଲାଗି ରଖନ୍ତୁ । ତାପରେ ଟଏଲଟର ପ୍ଲାଶ ମାରିଦିଅନ୍ତୁ । ଏଭଳି କରିବା ଦ୍ୱାରା ଟଏଲଟରେ ଲାଗିଥିବା ସମସ୍ତ ଦାଗ ଦୂର ହୋଇଯିବ ।
- ବାଥରୁମର କବାଟ ଏବଂ ଝରକାକୁ ସଫା କିରବା ପାଇଁ ଆପଣ ଚାହିଁଲେ ପୁରୁଣା ଟୁଥବ୍ରଶର ବ୍ୟବହାର ମଧ୍ୟ କରିପାରିବେ । ସାବୁନ ଏବଂ ସର୍ଫର ଏକ ଘୋଳ ପ୍ରସ୍ତୁତ କରନ୍ତୁ । ଏହା ମଧ୍ୟରେ ବ୍ରଶ ବୁଡ଼ାଇ ଝରକା ଏବଂ କବାଟକୁ ଭଲ ଭାବରେ ସଫା କରନ୍ତୁ ।

ବାଥରୁମ ନଳରେ ମଇଳା ବସିଥିଲେ ଏହାକୁ ଛଡ଼େଇବା ପାଇଁ ଏକ କପଡ଼ାକୁ ଭିନେଗାରରେ ବୁଡ଼ାଇ ଏହି କପଡ଼ାକୁ ନଳ ଉପରେ ରଗଡ଼ନ୍ତୁ । ନଳ ସଫା ହୋଇଯିବ ।

ବାଥରୁମରେ ଚଟାଣ ସଫା କରିବା ପାଇଁ ଆଳୁ ବ୍ୟବହାର କରିପାରିବେ । ଆଳୁ କାଟି ଏହାକୁ ବାଥରୁମର ଟାଇଲ ଉପରେ ରଗଡ଼ନ୍ତୁ । ଶୁଖିବା ପାଇଁ ଏହାକୁ ୧୫ ମିନିଟ ପର୍ଯ୍ୟନ୍ତ ଛାଡ଼ିଦିଅନ୍ତୁ । ଗରମ ପାଣିରେ ଜରିଆରେ ଟାଇଲକୁ ଭଲ ଭାବରେ ଧୋଇ ଦିଅନ୍ତୁ ।

# ଖରାଦିନିଆ ପାନୀୟ: ମନ୍ଦାର ଫୁଲର ରସ

ଭାରତର କେତୋଟି ପ୍ରାନ୍ତରେ ହିଁ ମନ୍ଦାରଫୁଲର ରସ ପାନୀୟର ଲୋକପ୍ରିୟତା ରହିଛି । ଜମ୍ମୁ, କେରଳ, ପଣ୍ଡିଚେରୀର ବିଭିନ୍ନ ହୋଟେଲ ଓ ରେଷ୍ଟୋରାଁରେ ଏହି ପାନୀୟ ଉପଲବ୍ଧ ହୋଇଥାଏ । ତେବେ ଏହା ପଣ୍ଡିଚେରୀ ଓ କେରଳରେ ଖରାଦିନିଆ ବିଶେଷ ପାନୀୟ ଭାବେ ଜଣାଯାଇଥାଏ ।

ପ୍ରସ୍ତୁତି ପ୍ରଣାଳୀ : ପ୍ରଥମେ ୪ କପ ପାଣିକୁ ଏକପାତ୍ରରେ ରଖି ଚୁଲାରେ ବସାଇ ଭଲଭାବରେ ଫୁଟାନ୍ତୁ । ପାଣି ଫୁଟିବା ପରେ ଅଦା ଖଣ୍ଡ ପକାଇବେ । ଏହା ପରେ ଚିନି ପକାଇ ୫ ମିନିଟ୍ ଫୁଟାଇବେ । ବର୍ତ୍ତମାନ ଚୁଲା ବନ୍ଦ କରି ସେହି ପାତ୍ରରେ ଶୁଖିଲା ମନ୍ଦାର ଫୁଲ ପାଖୁଡ଼ାକୁ ପକାଇ ପାତ୍ରକୁ ଘୋଡ଼ାଇ ୨୦ ମିନିଟ୍ ରଖିବେ । ଏବେ ସେହି ପାନୀୟକୁ ଛାଣି ଫ୍ରିଜରେ ରଖିବେ । ମନ୍ଦର ଫୁଲ ରସ ପାନୀୟରେ ବରଫ ଖଣ୍ଡ ପକାଇ ଏହି ପାନୀୟରେ ମଜା ଖରାଦିନେ ନେଇପାରିବେ ।

# ଆୟୁକୁ ବାନ୍ଧି ରଖିବ ଔଷଧ



ଆୟୁକୁ ବାନ୍ଧି ରଖିପାରିବା ପରି ଔଷଧ ପ୍ରସ୍ତୁତ କରିବାରେ ବୈଜ୍ଞାନିକଙ୍କୁ ସଫଳତା ମିଳିସାରିଛି । ଏହି ଔଷଧ କ୍ଷତିଗ୍ରସ୍ତ ହୋଇଥିବା ଡିଏନଏକୁ ସଜାଡ଼ି ପୂର୍ବାବସ୍ଥାକୁ ଫେରାଇ ଆଣିପାରିବ । ଏପରିକି ନାସାର ମହାକାଶଚାରୀଙ୍କୁ ମଙ୍ଗଳ ଗ୍ରହରେ ସୂର୍ଯ୍ୟ ବିକରଣ ପ୍ରଭାବରୁ ସୁରକ୍ଷା ଦେବ ବୋଲି କୁହାଯାଇଛି । ଏକ ଗବେଷକ ଦଳ ଏପରି ଏକ ଔଷଧରେ ବିକଶିତ କରିଛନ୍ତି, ଯାହାକି ଡିଏନଏର ମରାମତି କରିବା ସହିତ କୋଷିକାର ଆୟୁକୁ ରୋକିପାରିବ ।

ମୂଷାଙ୍କ ଉପରେ ଏହି ଔଷଧ ପ୍ରୟୋଗ କରି ଗବେଷକମାନେ ଜାଣିବାକୁ ପାଇଛନ୍ତି ଯେ, ଏହା ବିକରଣ ପ୍ରଭାବରେ ତଥା ବୟସାଧିକ ଯୋଗୁଁ ନଷ୍ଟ ହୋଇଯାଇଥିବା ଡିଏନଏକୁ ପୁଣିଥରେ ଠିକ୍ କରିପାରିବ । ଗବେଷକ ଦଳର ମୁଖ୍ୟ ଡେଭିଡ ସିନକ୍ଲେୟାର କିହଛନ୍ତି, ଔଷଧ ଦିଆଯିବା ପରେ ମାତ୍ର ସପ୍ତାହ ପରେ ବୁଢ଼ାମୂଷା ଓ ସାନ ସାନ ମୂଷାଙ୍କ କୋଷିକା ମଧ୍ୟରେ କୌଣସି ପ୍ରଭେଦ ଜଣାପଡ଼ି ନଥିଲା । ମାତ୍ର ୬ ମାସ ଭିତରେ ଏହି ଔଷଧକୁ ମଣିଷଙ୍କ ଉପରେ ପରୀକ୍ଷଣ କରାଯିବ । ପ୍ରଫେସର ସିନକ୍ଲେୟାରା କହିଛନ୍ତି, ଏହା ସବୁଠୁ ନିରାପଦ ଓ ପ୍ରଭାବଶାଳୀ ଆୟୁ ବୃଦ୍ଧି ପ୍ରତିରୋଧକ ଔଷଧ । ଯଦି ପରୀକ୍ଷଣ ଠିକ୍ ଭାବେ ଚାଲେ ତାହା ହେଲେ ଆଗାମୀ ୩ରୁ ୫ ବର୍ଷ ମଧ୍ୟରେ ଏହି ଔଷଧ ବଜାରରେ ଉପଲବ୍ଧ ହେବ । ଏହି ଔଷଧ ଏବେ ନାସା ଏହାରା ବୈଜ୍ଞାନିକଙ୍କ ଉପରେ ପରୀକ୍ଷଣ କରିବାକୁ ଚାହୁଁଛି । ନାସା ଆଗାମୀ ଦିନରେ ଏହାର ମହାକାଶଚାରୀଙ୍କୁ ଚାରିମାସ ପାଇଁ ମଙ୍ଗଳଗ୍ରହକୁ ପଠାଇବ । ମଙ୍ଗଳଗ୍ରହରେ ବାୟୁମଣ୍ଡଳ ନଥିବାରୁ ସେଠାରେ ସୂର୍ଯ୍ୟର ଅତିବାଇଗଣୀ ରଶ୍ମି ସିଧାସଳଖ ପଡ଼ିବାର ଆଶଙ୍କା ରହିଛି । ଏପରିସ୍ଥଳେ ଏହି ଔଷଧ ଉପଯୋଗୀ ହେବ ବୋଲି ନାସା ମନେ କରୁଛି । ଏମିତି ମହାଜାଗତିକ ବିକରଣ ପ୍ରଭାବରେ ଖୁବ କମ ଦିନ ପାଇଁ ମହାକାଶକୁ ଯାଉଥିବା ମହାକାଶଚାରୀଙ୍କ ଠାରେ ବାର୍ଦ୍ଧକ୍ୟର ଲକ୍ଷଣମାନ ଦେଖାଯାଏ । ମହାକାଶରୁ ଫେରିବା ପରେ ସେମାନଙ୍କ ମାଂସପେଶୀରେ ଦୁର୍ବଳତା, ସ୍ମୃତିଶକ୍ତି ହ୍ରାସ ପାଇବା ଓ ବାର୍ଦ୍ଧକ୍ୟର ଲକ୍ଷଣମାନ ପ୍ରକାଶ ପାଇଥାଏ । ଏଣୁ ମଙ୍ଗଳ ମିଶନରେ ଏସବୁ ଆଶଙ୍କା ଆହୁରି ଅଧିକ ଥିବାରୁ ନାସା ଏହି ଔଷଧ ପ୍ରୟୋଗ କରିବାକୁ ଚାହୁଁଛି ।

# ସବୁଠୁ ଥଣ୍ଡା ସହର



ଭାରତରେ ଏବେ ଗ୍ରୀଷ୍ମ ଋତୁ ଆସିଗଲାଣି । କିନ୍ତୁ ବିଶ୍ୱରେ ଏପରି ଅନେକ ସ୍ଥାନ ରହିଛି ଯେଉଁଠି ଏବେବି ଭୀଷଣ ଥଣ୍ଡା ଅନୁଭୂତ ହେଉଛି । ଏପରି ଏକ ସ୍ଥାନ ହେଉଛି ସାଇବେରିଆର ନେରିଲସ୍କ । ଏହା ବିଶ୍ୱର ସବୁଠୁ ଥଣ୍ଡା ସଦହର ସାଧାରଣ ଦିନରେ ଏଠାରେ ବି ତାପମାତ୍ରା ବିୟୁକ୍ତ ୧୦ଡିଗ୍ରୀ ରହିଥାଏ । ଶୀତରେ ଏହା ବିୟୁକ୍ତ ୫୫ଡିଗ୍ରୀରେ ପହଂଚିଯାଏ । ଜାଣିଲେ ଆଶ୍ଚର୍ଯ୍ୟ ହେବେ ଯେ, ଭୟଙ୍କର ଶୀତ ସମୟରେ ଏଠାରେ ପ୍ରାୟ ଦୁଇମାସ ଘନ ଅନ୍ଧକାର ରହିଥାଏ । ଏହି ସମୟରେ ଲୋକମାନେ ଅଧିାଙ୍କଶ ସମୟ ଘର ଭିତରେ ବିତାଇଥାନ୍ତି । ନୋରିଲସ୍କ ଆର୍ଟିକଲ ସର୍କଲ ଠାରୁ ମାତ୍ର ୪୦୦ କି.ମି. ଦୂରରେ ଅବସ୍ଥିତ । ଏଠାରେ ୩୬୫ଦିନରୁ ୨୮୦ଦିନ ଶୀତ ରହିଥାଏ । ସେଥିରୁ ୧୩୦ଦିନ ବରଫ ପଡ଼ିଥାଏ । ଏପରି ପରିସ୍ଥିତି ଯୋଗୁଁ ଏଠାରେ ଲୋକାମନେ ବିଭିନ୍ନ ପ୍ରକାରର ଜୀବନ ବଂଚିବାକୁ ବାଧ୍ୟ ହୁଅନ୍ତି । ଏଠାରେ ଯେକୌଣସି ଉତ୍ସବ, ପାର୍ଟି ଇନଡୋରରେ ଆୟୋଜିତ ହୋଇଥାଏ । ଏତେ ଥଣ୍ଡା ଯୋଗୁଁ କେତେକ ଲୋକ ନର୍ଭସନେସ, ଡିପ୍ରେସନ ସହିତ ବିଭିନ୍ନ ପ୍ରକାରର ରୋଗର ଶିକାର ହୋଇଥାନ୍ତି । ସହରର ଜନସଂଖ୍ୟା ୧ଲକ୍ଷ ୭୦ ହଜାର । ଏହା ପ୍ରାକୃତିକ ସମ୍ପଦରେ ବି ଭରପୁର । ଏଠାରେ ନିକେଲ, କପର, ପେଲେଡିୟମ ପ୍ରଭୃତି ଧାତୁ ପ୍ରଚୁର ପରିମାଣରେ ମିଳିଥାଏ ।

# ବିନା ଚିନ୍ତାରେ କରନ୍ତୁ ଘର ସିଫ୍ଟ




ସ୍ୱାମୀଙ୍କର ଟ୍ରାନ୍ସଫରେବଲ ଚାକିରି ହେଉ କିମ୍ବା ନହେଉ ଘର କିନ୍ତୁ ସିଫ୍ଟ କରିବାକୁ ପଡ଼ିଥାଏ । ଏମିତି ଯଦି ସ୍ୱାମୀ ବାହାରେ ଚାକିରି କରିଛନ୍ତି ତେବେ ଏକୁଟିଆ ଗୃହିଣୀମାନଙ୍କ ପାଇଁ ଘର ସିଫ୍ଟ କରିବା ଅତ୍ୟନ୍ତ କଷ୍ଟକର ହୋଇପଡ଼େ । ଅନେକଥର ଏକୁଟିଆ ଗୃହିଣୀମାନେ ଘର ସିଫ୍ଟ ସମୟରେ ଠକାମିର ମଧ୍ୟ ଶିକାର ହୋଇଥାନ୍ତି । କିନ୍ତୁ ଏକୁଟିଆ ଗୃହିଣୀମାନଙ୍କ ପାଇଁ ଘର ସିଫ୍ଟ କରିବା ଏବେ ଆଉ ଚିନ୍ତାର ବିଷୟ ହେବ ନାହିଁ । ଭୁବନେଶ୍ୱରରେ ଏମିତି ଅନେକ କମ୍ପାନୀ ଅଛନ୍ତି ଯେଉଁମାନେ ଘର ସିଫ୍ଟ ପାଇଁ ସର୍ଭିସ ଯୋଗାଇ ଦେଉଛନ୍ତି । ଘର ସିଫ୍ଟ କରିବା କେବଳ ଗୃହିଣୀମାନଙ୍କ ପାଇଁ ନୁହେଁ ଅନେକ ବ୍ୟାଚଲର ଏବଂ ବାହାରେ ରହି ଏକୁଟିଆ ଚାକିରି କରିଥିବା ମହିଳାମାନଙ୍କ ପାଇଁ ମଧ୍ୟ ଚିନ୍ତାର ବିଷୟ । ସିଫ୍ଟ କେମିତି ହେବ, ଜିନିଷପତ୍ର କେମିତି ପ୍ୟାକ ହେବ ଏହା ଲେକାମାନଙ୍କ ପାଇଁ ଅତ୍ୟନ୍ତ ଚିନ୍ତାର ବିଷୟ ହୋଇଥାଏ । ଘର ସିଫ୍ଟ କରିବାର ସପ୍ତାହକ ପୂର୍ବରୁ ଲୋକମାନେ ପ୍ୟାକିଙ୍ଗ ଆରମ୍ଭ କରି ଦେଇଥାନ୍ତି । କିନ୍ତୁ ଯଦି ଆପଣଙ୍କୁ ହଠାତ୍ ଘର ବଦଳାଇଲେ କରିବାକୁ ପଡ଼ିଥାଏ ତେବେ ଗୋଟିଏ କଲରେ ଆପଣଙ୍କ ଚିନ୍ତା ଦୂର ହୋଇଥାଏ । କମ୍ପାନି ଘର ସିଫ୍ଟ ପାଇଁ ଆବଶ୍ୟକ ସାମଗ୍ରୀ ଯୋଗାଇ ଦେଇଥାଏ । ଯେମିତି ଗାଡ଼ି, ପେଟି ଏବଂ ପେଶାଦାର ବ୍ୟକ୍ତିଙ୍କୁ ପଠାଯାଇଥାଏ ଜିନିଷପତ୍ର ପ୍ୟାକିଙ୍ଗ ପାଇଁ । ସେମାନେ ଜିନିଷପତ୍ର ପ୍ୟାକିଙ୍ଗ କରିସାରିବା ପରେ ଖୁବ୍ ସତର୍କତାର ସହିତ ଗାଡ଼ିରେ ଲୋଡ଼ କରିଥାନ୍ତି । ଏଥିରେ ଆପଣଙ୍କ ବହୁମୂଲ୍ୟର ଜିନିଷପତ୍ର ଖରାପ ହୋଇନଥାଏ କିମ୍ବା ଭାଙ୍ଗିରୁଜି ମଧ୍ୟ ଯାଇ ନଥାଏ । ତେଣୁ ଗୃହିଣୀମାନଙ୍କ ପାଇଁ ଘର ସିଫ୍ଟ କରିବା ଅଧିକ ସହଜ ହୋଇଥାଏ ଏବଂ ଏହା ଚିନ୍ତାର ବିଷୟ ମଧ୍ୟ ହୋଇ ନଥାଏ ।

# ଗରମରେ ହେବନି ବ୍ରଣ ସମସ୍ୟା

ଗରମର ପ୍ରକୋପରେ ନିଜ ତ୍ୱଚା, କେଶକୁ ସୁରକ୍ଷିତ ରଖିବା ପାଇଁ ବେଳହୁଁ ସଚେତନ ହେବା ଦରକାର । ଏହି ଋତୁରେ ତ୍ୱଚା ଅଧିକ ମାତ୍ରାରେ ଝାଳେଇବା ସହ, ମଳିନ ମଧ୍ୟ ପଡ଼ିଥାଏ । ଏହା ସହ ଯୁବତୀ ଓ ମହିଳାଙ୍କ ଠାରେ ଅନ୍ୟ ଏକ ଅସୁବିଧା ଦେଖାଯାଇଥାଏ, ତାହା ହେଉଛି ବ୍ରଣ ସମସ୍ୟା । ଏଥିରୁ ରକ୍ଷା ପାଇବାର କେତୋଟି ସରଳ ଉପଚାର ହେଉଛି,

- ଗରମ ଦିନେ ଜେଲ ଫେଶୱାଶ ବ୍ୟବହାର କରିବା ଉପକାରୀ ।

ଖରାରୁ ବାହାରି ଆସିବା ପରେ ଥଣ୍ଡା ପାଣିରେ ମୁହଁ ଧୋଇ ତୁରନ୍ତ ବରଫ ମାଲିସ କରିବା ଉଚିତ ।

- ସପ୍ତାହକୁ ୨ ରୁ ୩ଥର ମୁଲତାନି ମାଟି ପ୍ୟାକ ଲଗାଇଲେ ବ୍ରଣ ହୋଇ ନଥାଏ ।
- ନିୟମିତ ଭାବରେ ତ୍ୱଚାକୁ ୨ଥର କ୍ଲିନିଜିଙ୍ଗ ଓ ଟୋନିଙ୍ଗ କରିବାର ଅଭ୍ୟାସ ରଖିବା ଉଚିତ ।
- ଗରମ ଦିନେ ଜଙ୍କଫୁଡ୍, ଛଣାଛଣି ଖାଦ୍ୟ ଠାରୁ ଦୂରେଇ ରୁହନ୍ତୁ । ଏବୁ ଖାଦ୍ୟ ତ୍ୱଚାରେ ବ୍ରଣ ସମସ୍ୟା ସୃଷ୍ଟି କରିବା ପାଇଁ ଦାୟୀ ।
- ବ୍ରଣ ସମସ୍ୟାରୁ ରକ୍ଷା ପାଇବା ପାଇଁ ସକାଳୁ ଉଠି ଗିଲାସେ ନଖ ଉଷୁମ ପାଣିରେ ଫାଳେ ଲେମ୍ବୁ ଚିପୁଡ଼ି ପିଇବା ଭଲ ।
-ରାତିରେ ଶୋଇବା ପୂର୍ବରୁ ତ୍ୱଚାକୁ କ୍ଲିନଜରରେ ପୋଛି ଗୋଲାପ ଜଳ ଲଗାଇବା ତ୍ୱଚା ପାଇଁ ଉତ୍ତମ ବୋଲି ସୌନ୍ଦର୍ଯ୍ୟ ବିଶେଷଜ୍ଞଙ୍କ ମତ ।

# ସୋରିଷ ତେଲର ରୂପଚର୍ଯ୍ୟା



ସୌନ୍ଦର୍ଯ୍ୟ ତଥା ରୂପଚର୍ଯ୍ୟା ନିମନ୍ତେ ସୋରିଷ ତେନଲ ଯେ କେତେ ଉପକାରୀ, ସେ ସମ୍ପର୍କରେ ଜାଣିବା କେତୋଟି କଥା । ସୌନ୍ଦର୍ଯ୍ର ପ୍ରସାଧନରେ ତେଲ ସହ ମୁଲତାନୀ ମାଟିର ପ୍ରୟୋଗ ଗୁଣକାରୀ । ଏଥିରେ ସୋରିଷ ବା ଜଡ଼ାତେଲ ମିଶାଯାଇ ପାରେ । ପ୍ରଥମେ ମୁଲତାନୀ ମାଟିକୁ ପାଣିରେ କିଛି ସମୟ ଭିଜାନ୍ତୁ । ତାପରେ ସେଥିରେ ତେଲ ମିଶାଇ ମାକ୍ସ ପରି ଲଗାନ୍ତୁ । ହାଲକା ଉଷୁମ ପାଣିରେ ଧୁଅନ୍ତୁ । ଏହା ତ୍ୱଚାକୁ ଉଜ୍ଜ୍ୱଳ କରିବ । ସୋରିଷ ତେଲରେ ହଳଦୀ ମିଶାଇ ମୁହଁ ଅବା ସମ୍ପୂର୍ଣ୍ଣ ଶରୀରରେ ଲଗାଇଲେ ତ୍ୱଚା ଉଜ୍ଜ୍ୱଳ ଓ କାନ୍ତିଯୁକ୍ତ ହୁଏ । ସୋରିଷ ତେଲ ଦେହରେ ମାଲିସ କରି ଖରାରେ ଠିଆ ହେଲେ ତ୍ୱଚା ସମସ୍ୟା ଦୂରହୁଏ ।

୧୦୦ ଗ୍ରାମ ସୋରିଷ ତେଲରେ ଗୋଟିଏ ବୁନ୍ଦା ରସୁଣ ପକାଇ ଫୁଟାନ୍ତୁ, ତାପରେ ତେଲ ଥଣ୍ଡା ହେଲେ ଛାଣି ଗୋଟିଏ ବୋତଲରେ ରଖନ୍ତୁ । ଏହାକୁ କେଶମୂଳରେ ମାଲିସ କଲେ କେଶ ଝଡ଼ିବା ବନ୍ଦ ହେବ । ସୋରିଷ ତେଲରେ ଦୂବ ପକାଇ ଧିମା ଆଞ୍ଚରେ ବସାନ୍ତୁ । ଥଣ୍ଡା ହେଲେ କେଶରେ ଲଗାନ୍ତୁ । କେଶ ଝଡ଼ିବା ବନ୍ଦ ହେବ ।

# ପୋଦିନା



ପୋଦିନା ପତ୍ରକୁ ବାଟି ମୁହଁରେ ଲଗାଇ ଶୋଇଯାଆନ୍ତୁ । ସକାଳୁ ଖାଲି ପାଣିରେ ଧୁଅନ୍ତୁ । ଯେକୌଣସି ପ୍ରକାର ତ୍ୱଚା ପାଇଁ ଏହା ଉପଯୋଗ । ଏହା ତ୍ୱଚାର ରଙ୍ଗକୁ ସଫା କରିବ । ବ୍ରଣ ମଧ୍ୟ ଦୂର କରିବ ।

ତୈଳୀୟ ତ୍ୱଚା ହୋଇଥିଲେ ପୋଦିନା, ତୁଳସୀ, କଞ୍ଚା ଧନିଆର ରସ ମିଶାଇ ପ୍ରତ୍ୟହ ତ୍ୱଚାରେ ଲଗାନ୍ତୁ ।

ପୋଦିନାପତ୍ର ରସ ଓ ଦହି ମିଶାଇ ମୁହଁରେ ଲଗାଇଲେ ବ୍ରଣଦୂରହୁଏ ।

ପୋଦିନା ପତ୍ର ଓ କଳା ତୁଳସୀ ପତ୍ର ମିଶାଇ ମୁହଁରେ ଲଗାଇ ତ୍ୱଚାରେ କୁଞ୍ଚିତ ରେଖା ଦେଖାଯାଏ ନାହିଁ ।

ତୁଳସୀ, ପୋଦିନା ଓ ନିମପତ୍ରକୁ ପାଣିରେ ଭିଜାଇ ରଖନ୍ତୁ । ସେହି ପାଣିକୁ ଛାଣି ମୁହଁରେ ଲଗାନ୍ତୁ । ଶୁଖିଯିବା ପରେ ଧୋଇ ଦିଅନ୍ତୁ । ଏହାଦ୍ୱାରା ମୁହଁରେ ଥିବା ଦାଗ ଦୂର ହେବ ।

୫୦ ଗ୍ରାମ ପୋଦିନା ପତ୍ରରେ ଗୋଟିଏ ଛୋଟ ପିଆଜ ମିଶାଇ ବାଟନ୍ତୁ । ଏହି ପେଷ୍ଟକୁ କେଶ ମୂଳରେ ଲଗାନ୍ତୁ । ଶୁଖିଯିବା ପରେ କେଶରେ ତେଲ ଲଗାନ୍ତୁ । କେଶରେ ଉଜ୍ଜ୍ୱଳତା ଆସିବ ।

ଶ୍ୱାସ ପ୍ରଶ୍ୱାସ ସତେଜତା ପାଇଁ ପୋଦିନା ପତ୍ର ଚୋବାନ୍ତୁ । ଏହା ଏକ ଭଲ ଘରୋଇ ମାଉଥ ଫ୍ରେସନର ହୋଇପାରିବ ।

ପୋଦିନାକୁ ବାଟି ଆଖିତଳେ ଲଗାଇଲେ ଆଖିତଳର କଳାଦାଗ ଦୂର ହେବ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ପୁଙ୍ଖାନୁପୁଙ୍ଖ ତର୍ଜମା ଆବଶ୍ୟକ...

ଏକ ମଧ୍ୟଯୁଗୀୟ ଆଇନ ଭାବରେ ଉତ୍ତମ ରୂପେ ଜଣାଶୁଣା ଦେଶଦ୍ରୋହ ଆଇନ ବଳରେ ସ୍ୱାଧୀନ ଭାରତରେ କେବଳ ଦେଶକୁ ହାନି ପହଞ୍ଚାଇବା ପାଇଁ ମସୁଧା କରୁଥିବା ଅପରାଧୀମାନେ ଗିରଫ ହୋଇଛନ୍ତି, ତା' ନୁହେଁ ; ଅନେକ ଜ୍ଞାନୀମାନୀ ଏବଂ ବୁଦ୍ଧିଜୀବୀମାନଙ୍କ ବିରୁଦ୍ଧରେ ମଧ ଏହି ଆଇନର ପ୍ରୟୋଗ କରାଯାଇ ସେମାନଙ୍କୁ ଗିରଫ କରି ଜେଲ୍‌ର ଚାରିକାନ୍ଥ ଭିତରକୁ ପଠାଇ ଦିଆଯାଇଛି, ବିଶେଷକରି ଯେତେବେଳେ ସେମାନେ ଶାସନ କ୍ଷମତାରେ ଥିବା ସରକାର ବିରୋଧରେ ସେମାନଙ୍କର ସ୍ୱର ଉତ୍ତୋଳନ କରିଛନ୍ତି । ଏଇ ଆଇନ ସାମ୍ପ୍ରତିକ ସମୟରେ ତ ବେଶ୍ ଚର୍ଚ୍ଚାର ପରିସରକୁ ଆସିଛି କେବଳ ଉପରୋକ୍ତ କାରଣରୁ, ଅର୍ଥାତ୍ ସ୍ୱାଧୀନ ମତ ବ୍ୟକ୍ତ କରୁଥିବା ଲୋକମାନଙ୍କ ପାଇଁ ଏହାକୁ ପ୍ରୟୋଗ କରାଯିବା କାରଣରୁ । ନିକଟରେ ସୁପ୍ରିମ୍‌କୋର୍ଟ ନିହାତି କମ୍‌ରେ ପାଞ୍ଚ ଜଣ ବିଚାରପତି ଥିବା ଏକ ଖଣ୍ଡପୀଠ ଦ୍ୱାରା ଭାରତୀୟ ପିଙ୍ଗଳ କୋଡ୍ (ଆଇପିସି)ର ଧାରା ୧୨୪ ଏ, ଯାହା ଦେଶଦ୍ରୋହ ଆଇନ ଭାବରେ ପରିଚିତ, ତା'ର ତର୍ଜମା ବା ପରୀକ୍ଷା ନିରୀକ୍ଷା କରି ଦେଖିବା ପାଇଁ ନିଷ୍ପତ୍ତି ନେଇଛନ୍ତି । ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । କୋର୍ଟ ଏ ନିଷ୍ପତ୍ତି ସେହି ସମୟରେ ନେଇଛନ୍ତି, ଯେତେବେଳେ କି ସମ୍ପୂର୍ଣ୍ଣ ଆଇପିସି ପୁନର୍ବାର ଲେଖା ହେବାର ପ୍ରକ୍ରିୟା ମଧ୍ୟରେ ରହିଛି ଏବଂ ସରକାର ବର୍ତ୍ତମାନ ପାଇଁ ଏହାର ସମୀକ୍ଷାକୁ ସ୍ଥଗିତ ରଖିବାକୁ ଚାହୁଁଛନ୍ତି। ୨୦୨୨ ମସିହାରେ ଶୀର୍ଷ ଅଦାଲତ ଏ ବାବଦରେ କହିଥିଲେ ଯେ ବ୍ରିଟିଶ୍ ରାଜ୍ ଅମଳର ଏହି ଆଇନର ବ୍ୟବହାରକୁ ସ୍ଥଗିତ ରଖାଯିବା ଆବଶ୍ୟକ । ସଙ୍ଗେ ସଙ୍ଗେ କୋର୍ଟ କେନ୍ଦ୍ର ଓ ସବୁ ରାଜ୍ୟ ସରକାରଙ୍କୁ ଏହି ଆଇନ ବଳରେ ମାମଲା ରୁଜୁ କରିବାରୁ ନିବୃତ୍ତ ହେବା ପାଇଁ ମଧ କହିଥିଲେ, ଯେହେତୁ ଏହା ଅନୁଭବ କରିଥିଲେ ଯେ ଏହା 'ସାମ୍ପ୍ରତିକ ସମାଜ ସହିତ ଖାପ ଖୁଆଇବା ଭଳି ନୁହେଁ' ଏବଂ 'ସରକାରମାନଙ୍କ ଦ୍ୱାରା ଏହି ଆଇନର ବ୍ୟବସ୍ଥାଗୁଡ଼ିକର ବ୍ୟବହାରକୁ ବଜାୟ ରଖିବା ଯଥାର୍ଥ ହେବନାହିଁ ।' କୋର୍ଟଙ୍କର ଉପରୋକ୍ତ ବକ୍ତବ୍ୟ ଏକ ଆଇନ ପ୍ରତି ନ୍ୟାୟିକ ଦୃଷ୍ଟିଭଙ୍ଗୀର ପ୍ରତିଫଳନ କରିଥିଲା, ଯାହା ଏକ ବିଦେଶୀ ସରକାର ଏବଂ ଭାରତ ମାଟିରେ ଏହାର ସ୍ୱାର୍ଥଗୁଡ଼ିକୁ ସୁରକ୍ଷା ପ୍ରଦାନ କରିବା ନିମନ୍ତେ ଉଦ୍ଦିଷ୍ଟ ଥିଲା, ଏବଂ ସ୍ୱାଭାବିକ ଭାବରେ ତେଣୁ ଏକ ସାଧାରଣତନ୍ତ୍ରର ନାଗରିକମାନଙ୍କ ଦାବିଗୁଡ଼ିକ ସହିତ ଏହା ମେଳ ଖାଉନାହିଁ, ଯେଉଁମାନଙ୍କ ହାତରେ ସେମାନଙ୍କ ସରକାରକୁ ବାଛିବାର କ୍ଷମତା ରହିଛି । ଚଳିତ ବର୍ଷ ଆଟର୍ଣ୍ଣି-ଜେନେରାଲ କୋର୍ଟଙ୍କୁ କହିଥିଲେ, ଯାହା ବର୍ତ୍ତମାନ ଦେଶଦ୍ରୋହ ଆଇନର ସମୀକ୍ଷା କରିବା ପ୍ରକ୍ରିୟାରେ ରହିଛନ୍ତି- ଯେ ୧୯୬୨ରେ ସର୍ବୋଚ୍ଚ ଅଦାଲତଙ୍କର ଏକ ପାଞ୍ଚଜଣିଆ ଖଣ୍ଡପୀଠ ଏହି ଆଇନକୁ କାଏମ୍ ରଖିଥିଲେ । ଏଥି ସହିତ ସେ ଏକଥା ମଧ କହିଥିଲେ ଯେ ସରକାର ଆଇନରେ ସଂସ୍କାର ଆଣିବା ଉପରେ ଗୁରୁତ୍ୱାରୋପ କରୁଛନ୍ତି ଏବଂ ଦେଶଦ୍ରୋହ ଆଇନର ସମୀକ୍ଷା କରିବା ନିମନ୍ତେ ଏହା ଆରମ୍ଭ କରିଥିବା ବ୍ୟବସ୍ଥାପିକା ପ୍ରକ୍ରିୟା ଶେଷ ସ୍ତରରେ ରହିଛି। ତେବେ ଆଇନଗତ ସଦସ୍ୟମାନଙ୍କର ଏକ ଉଲ୍ଲେଖନୀୟ ସଂଖ୍ୟକ ଭାଗଙ୍କ ମତ ହେଉଛି, ଭାରତୀୟ ନ୍ୟାୟ ସଂହିତାର ଚିଠା ପ୍ରସ୍ତାବ, ଯାହା ଆଇପିସିକୁ ହଟାଇବା ପାଇଁ ଉଦ୍ଦିଷ୍ଟ, ତାହା ଦେଶଦ୍ରୋହ ଆଇନର ପରିସରକୁ ପୂର୍ବାପେକ୍ଷା ଅଧିକ ବ୍ୟାପକ ଏବଂ ଏହା ବଳରେ ଅଧିକ କଠୋର ଦଣ୍ଡ ବିଧାନର ବ୍ୟବସ୍ଥା କରିଛି । କହିବା ବାହୁଲ୍ୟ, ଏହା କ୍ୱଚିତ୍ ଏକ ସରକାରଙ୍କର ଉତ୍ତମ ଉଦ୍ଦେଶ୍ୟର ପ୍ରତିଫଳନ କରୁଛି, ଯିଏକି ସମସାମୟିକ ସମୟକୁ ପ୍ରତିଫଳିତ କରିବା ନିମନ୍ତେ ଆଇନରେ ସଂସ୍କାର ଆଣୁଛନ୍ତି । ସେ ଯାହାହେଉ, ଏହି ଆଇନକୁ ସରକାରୀ ସଂସ୍ଥାମାନେ ଯେପରି ଭାବରେ ତର୍ଜମା କରିଥାନ୍ତି ଏବଂ ଏହାର ଅପବ୍ୟବହାର କରିଥାନ୍ତି, ସେହି ଦୃଷ୍ଟିରୁ ବିବେଚନା କଲେ ଏହି ଆଇନର ପରିସର ଯେତେ ବଢ଼ିବ, ନାଗରିକମାନଙ୍କ ପାଇଁ ତାହା ସେତେ ବିପଜ୍ଜନକ ସାବ୍ୟସ୍ତ ହେବ । ଦେଶରେ ଯେଉଁ ବ୍ୟକ୍ତି ଏକ ବ୍ୟବସ୍ଥାର ସମାଲୋଚନା କରିବ, ତାଙ୍କୁ ଦେଶଦ୍ରୋହ ଅଭିଯୋଗରେ ଅଭିଯୁକ୍ତ କରାଯାଇ ପାରିବ; ଏଭଳି କ୍ଷେତ୍ରରେ ସରକାରଙ୍କୁ ଜଣେ ସମାଲୋଚନା କରିବାର ଆବଶ୍ୟକତା ହିଁ ନାହିଁ । ଆଇନ ଆୟୋଗଙ୍କ ସୁପାରିସ ଅନୁସାରେ ଏହି ପ୍ରସ୍ତାବ ଦେଶଦ୍ରୋହ ଆଇନ ଦ୍ୱାରା ଦୋଷୀ ସାବ୍ୟସ୍ତ ବ୍ୟକ୍ତିଙ୍କ ପାଇଁ ଆଜୀବନ କାରାଦଣ୍ଡକୁ କାଏମ୍ ରଖିଥିବା ବେଳେ ସର୍ବନିମ୍ନ ଦଣ୍ଡର ସୀମାକୁ ତିନିରୁ ସାତ ବର୍ଷ ପର୍ଯ୍ୟନ୍ତ ରଖୁଛନ୍ତି । ଏହା ମଧ ଥରକ ପାଇଁ ଜୋରିମାନା ଦେଇ ଖସିଯିବା ଭଳି କୋର୍ଟଙ୍କର ଆଦେଶ ଦେବାର ପ୍ରାବଧାନକୁ ହଟାଇ ଦେଇଛନ୍ତି । ଏକଥା ସମସ୍ତେ ଉତ୍ତମ ରୂପେ ଜାଣନ୍ତି ଯେ ଗଣତାନ୍ତ୍ରିକ ଅନୁଷ୍ଠାନଗୁଡ଼ିକ ନାଗରିକମାନଙ୍କୁ କେନ୍ଦ୍ରରେ ରଖିଥାନ୍ତି, ରାଷ୍ଟ୍ର ବା ରାଜ୍ୟକୁ ନୁହେଁ । ଯେଉଁ ଆଇନ ସରକାର ବିରୋଧରେ ଅସନ୍ତୋଷ ବ୍ୟକ୍ତ କରିବାକୁ ଅପରାଧ ଭାବରେ ଗଣନା କରେ, ତାହା ଗଣତନ୍ତ୍ରର ଧାରଣାକୁ ମୁଣ୍ଡରୁ କାଢ଼ି ଦେଇଥାଏ । ତେଣୁ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଯେ ସର୍ବୋଚ୍ଚ ଅଦାଲତ ଦେଶଦ୍ରୋହ ଆଇନକୁ ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମା କରିବା ଆବଶ୍ୟକ ଏବଂ ତାଙ୍କର ମତାମତ ସ୍ପଷ୍ଟ ଶବ୍ଦରେ ପ୍ରକାଶ କରିବା ଉଚିତ ଯଦ୍ୱାରା ସରକାର ନୂଆ ଆଇନ ପ୍ରଣୟନ କରିବା ପୂର୍ବରୁ ଏଥିରୁ ସାରତତ୍ତ୍ୱ ଗ୍ରହଣ କରି ଏକ ଉପଯୁକ୍ତ ଆଇନ ପ୍ରଣୟନ କରି ପାରିବେ ।

## ଏବେ ଇଣ୍ଡିଆ ନୁହେଁ ଭାରତ



**ଡକ୍ଟର ଲକ୍ଷ୍ମଣ ସାହୁ**

କେନ୍ଦ୍ର ସରକାରଙ୍କ ଯୋଜନା ଏବଂ ସରକାରୀ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ଜାତୀୟ ତଥା ଆନ୍ତର୍ଜାତୀୟ ନିମନ୍ତ୍ରଣ ତଥା ଆନୁସଙ୍ଗିକ କାଗଜପତ୍ର ପର୍ଯ୍ୟନ୍ତ ସରକାରୀ ଦଲିଲରେ 'ଭାରତ' ନାମ ଖୁବଶୀଘ୍ର ଦେଖିବାକୁ ମିଳିବ । ଏହା କୌଣସି ବି ତାରିଖରୁ ଲାଗୁ ହୋଇପାରେ । ଏନେଇ ଖୁଲାସା କରିଛନ୍ତି କେନ୍ଦ୍ର ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ । ସେ ଦର୍ଶାଇଛନ୍ତି ଯେ 'କର୍ମଯୋଗୀ ଭାରତ' ପରି ଯୋଜନା ଓ କାର୍ଯ୍ୟକ୍ରମର ଅଂଶ ଭାବରେ ସରକାରୀ ଦସ୍ତାବିଜରେ 'ଭାରତ' ବ୍ୟବହାର ହୋଇସାରିଛି ।

ଏ ସମ୍ପର୍କରେ ଗୃହମନ୍ତ୍ରୀ ଅମିତ ଶାହା ନୂତନ ପେନାଲ କୋଡ ପାଇଁ ନାମ ପ୍ରସ୍ତାବ ଦେବା ଦିନଠାରୁ ଏହି ପ୍ରସଙ୍ଗରେ ଆଲୋଚନା ହୋଇଆସୁଛି । ସେମାନେ ଭାରତୀୟ ପେନାଲ କୋଡର ନାମକୁ ଭାରତୀୟ ଜୁଡିସିଆଲ୍ କୋଡରେ ପରିବର୍ତ୍ତନ କରିଥିଲେ । ଏହା ସମାନ ଭାବରେ ପ୍ରଯୁଜ୍ୟ କୋଡ୍ ଅଫ୍ କ୍ରାଇମବ୍ରାଞ୍ଚ (CrPC) । ଯାହା ସମୟକ୍ରମେ ଭାରତୀୟ ନାଗରିକ ସୁରକ୍ଷା ସଂକେତ ପାଲଟିଥିଲା । ଉଂଚ ଅଧିକାରୀ ଜଣକ କହିଛନ୍ତି, ବର୍ତ୍ତମାନ କେନ୍ଦ୍ର ସରକାରଙ୍କ ଯୋଜନାରେ 'ଭାରତ' ଶବ୍ଦ ଅଧିକ ଦେଖିବାକୁ ମିଳିବ । ଯେପରି 'ଭାରତ ଡ୍ରୋନ୍ ଶକ୍ତି' । ସେପଟେ 'ମେକ୍ ଇନ୍ ଇଣ୍ଡିଆ' ଏବଂ 'ଷ୍ଟାର୍ଟ ଅପ୍ ଇଣ୍ଡିଆ' ନାମରେ ନାମିତ ଯୋଜନା ଗୁଡିକରେ ପୂର୍ବଭଳି ସେହି ଲେଖା ଉଦ୍ଦିଷ୍ଟ ରହିବ ।

ଉଭୟ 'ଭାରତ' ଓ 'ଇଣ୍ଡିଆ' ଦେଶର ସାମ୍ବିଧାନିକ ଓ ଆଇନଗତ ବୈଧ ନାମ । ଅଧିକାରୀ କହିଛନ୍ତି ଯେ ଉଭୟ 'ଭାରତ' ଓ 'ଇଣ୍ଡିଆ' ସାମ୍ବିଧାନିକ ତଥା ଆଇନଗତ ହୋଇଥିବାରୁ ସରକାରୀ ଦଲିଲରେ 'ଭାରତ' ବ୍ୟବହାର କରିବା ପାଇଁ କୌଣସି ଆଇନଗତ ପ୍ରଭାବ ଦେଖାଯିବ ନାହିଁ । ଦେଶର ନାମଗୁଡିକ ଆନୁଷ୍ଠାନିକ ଭାବରେ ବୈଧ ନାମ ଅଟେ । ପାସପୋର୍ଟରେ 'ରିପବ୍ଲିକ୍ ଅଫ୍ ଇଣ୍ଡିଆ' ଓ 'ଭାରତ ସରକାର' ଲେଖାଯାଇଛି । ଏହା କୌଣସି ଆଇନଗତ କିମ୍ବା ସାମ୍ବିଧାନିକ ପବିତ୍ରତାକୁ ଉଲ୍ଲଂଘନ କରିବାର ପ୍ରଶ୍ନ ଉଠୁନାହିଁ ।

ଦେଶର 'ନାମ ବଦଳାଇବା' ବିପକ୍ଷରେ ବିରୋଧୀଦଳ ଅଧିକ ସକ୍ରିୟ ଅଛନ୍ତି । ବିଶେଷ କରି ରାଷ୍ଟ୍ରପତି ଏବଂ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ଦ୍ୱାରା ପଠାଯାଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ନିମନ୍ତ୍ରଣ କାର୍ଡରେ 'ଭାରତ' ଉଲ୍ଲେଖ କରିବା ବିବାଦ ସୃଷ୍ଟି କରିଛି । ଏ ସମ୍ପର୍କରେ ବିରୋଧୀ ଦେଶର ନାମ ବଦଳାଇଥିବା ଅଭିଯୋଗ କରିଛନ୍ତି । ଏହା ଉପରେ ସରକାରଙ୍କ ବରିଷ୍ଠ ଅମଲାତନ୍ତ୍ର କହିଛନ୍ତି ଯେ ବିରୋଧୀ ଦଳର ନାମ ସହ ଏହି ନିର୍ଦ୍ଦିଷ୍ଟ ପ୍ରସଙ୍ଗର କୌଣସି ସମ୍ପର୍କ ନାହିଁ । ଅଧିକାରୀମାନେ କହିଛନ୍ତି ଯେ 'ଇଣ୍ଡିଆ'ରୁ 'ଭାରତ'କୁ ସରକାର ଅଧିକ ଭାରତୀୟ ନାମ ବୋଲି ବିବେଚନା କରୁଛନ୍ତି ।

କାରଣ ନାଁ ବଦଳେଇ ନୂଆ ନାଁରେ ପରିଚିତ ହେଉଛନ୍ତି ଏହି ୧୧ ଦେଶର ଇତିହାସ କହୁଛି । ତେଣୁ ସଂସଦର ସ୍ୱତନ୍ତ୍ର ଅଧିବେଶନରେ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱାଧୀନ ସରକାର ଇଣ୍ଡିଆର ସରକାରୀ ନାମକୁ 'ଭାରତ'ରେ ପରିବର୍ତ୍ତନ କରିବାକୁ ଏକ ପ୍ରସ୍ତାବ ଆଣିବାର ସମ୍ଭାବନା ରହିଛି । ଏହାରି ଭିତରେ 'ଇଣ୍ଡିଆ'କୁ ବଦଳେଇ 'ଭାରତ' ହେବ କି ନାହିଁ ତାହା ବିଚାର୍ଯ୍ୟ ।

ଦେଶର ନାଁ ପରିବର୍ତ୍ତନ କରିଥିବା ତୁର୍କୀକୁ ବର୍ତ୍ତମାନ ତୁର୍କିଏ ନାମରେ ଜଣାଯାଉଛି । ତୁର୍କୀ ରାଷ୍ଟ୍ରପତି ରିସେପ ତାଇପ ଏର୍ଦୋଗନ୍ ଜୁନ୍ ୨୦୨୨ରେ ଦେଶର ଆନ୍ତର୍ଜାତୀୟ ସ୍ତରରେ ସ୍ୱୀକୃତିପ୍ରାପ୍ତ ନାମ ତୁର୍କୀକୁ ପରିବର୍ତ୍ତନ କରି ତୁର୍କିଏ କରିବାକୁ ଘୋଷଣା କରିଛନ୍ତି । ଏହି ନିଷ୍ପତ୍ତି ଜନସାଧାରଣ ତଥା ବିଦେଶୀ ଦେଶଗୁଡିକ ଦେଶକୁ କିପରି ସମ୍ବୋଧିତ କରିବେ ତାହା ଆହୁରି ପ୍ରଭାବିତ କରିବ ବୋଲି ସେ କହିଛନ୍ତି । ତାଙ୍କ ବିବୃତ୍ତି ଅନୁଯାୟୀ, 'ତୁର୍କିଏ' ଶବ୍ଦ ଦେଶର ସଂସ୍କୃତି, ମୂଲ୍ୟବୋଧ ଓ ସଭ୍ୟତାକୁ ସର୍ବୋତ୍ତମ ଭାବରେ ପ୍ରତିପାଦିତ କରିଥାଏ । ସେଭଳି ଚେକ୍ ରିପବ୍ଲିକ୍‌ରୁ ଚେକିଆ ଏପ୍ରିଲ୍ ୨୦୧୬ରେ, କ୍ରୀଡା ଇଭେଣ୍ଟରେ ତଥା କମ୍ପାନୀର ମାର୍କେଟିଂ ପ୍ରୟାସର ଏକ ଅଂଶ ଭାବରେ ଦେଶର ନାମକରଣକୁ ସୁବିଧା କରିବା ପାଇଁ ଚେକ୍ ଗଣତନ୍ତ୍ର ଚେକିଆ ହୋଇଛି । ଏହି ପଦକ୍ଷେପକୁ ନେଇ ୨୦ ବର୍ଷ ଧରି ଆଲୋଚନା ହୋଇଥିଲା । ଇଂରାଜୀ, ଋଷି, ଫରାସୀ, ସ୍ପାନିଶ୍, ଚାଇନିଜ୍ ଏବଂ ଆରବୀ ଭାଷାରେ ଉଚ୍ଚାରଣକୁ ସରଳ କରିବା ପାଇଁ ଏହି ନିଷ୍ପତ୍ତି ନିଆଗଲା ବୋଲି ଜଣାପଡିଛି ।

ଆଉରି ସେଭଳି ଆଫ୍ରିକାର ସ୍ୱାଜିଲ୍ୟାଣ୍ଡର ରାଜା ଏପ୍ରିଲ୍ ୨୦୧୮ରେ ଏକ ବିବୃତ୍ତି ଜାରି କରି କହିଥିଲେ ଯେ ତାଙ୍କ ଦେଶର ନାମ ଇସ୍ୱାତିନୀରେ ପରିବର୍ତ୍ତନ କରାଯିବ । ତେବେ ଏହି ପରିବର୍ତ୍ତନ ଲୋକମାନଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ନଥିଲା । କାରଣ ସେମାନେ ପୂର୍ବରୁ ଏହି ନାମକୁ ବ୍ୟବହାର କରୁଥିଲେ । ଇସ୍ୱାତିନୀ ଅର୍ଥ ସ୍ୱାଜିମାନଙ୍କ ଭୂମି । ଏହା କେବଳ ସ୍ଥାନୀୟ ଭାଷାରେ ସ୍ୱାଜିଲ୍ୟାଣ୍ଡର ଅନୁବାଦ ଅଟେ । ଆହୁରି ମଧ, ପୁରୁଣା ନାମ ଦ୍ୱନ୍ଦ୍ୱପୂର୍ଣ୍ଣ ଥିଲା, କାରଣ ଅନେକ ଲୋକ ଭୁଲ୍‌ରେ ଏହାକୁ ସ୍ୱିଜରଲ୍ୟାଣ୍ଡ୍ ବୋଲି ଭାବୁଥିଲେ ।

ହଲାଣ୍ଡ ନାମରୁ ନେଦରଲ୍ୟାଣ୍ଡ୍‌କୁ ପରିବର୍ତ୍ତନ । ବିଗତ ଜାନୁଆରୀ ୨୦୨୦ରୁ ଏହି ଦେଶର ସରକାର ଦେଶର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ଏହି ନିଷ୍ପତ୍ତି ଅନୁଯାୟୀ, ହଲାଣ୍ଡ୍ ପରିବର୍ତ୍ତେ ନେଦରଲ୍ୟାଣ୍ଡର ସରକାରୀ ନାମ ବର୍ତ୍ତମାନ ସମସ୍ତ ପ୍ରଚାର ଉଦ୍ଦେଶ୍ୟରେ ବ୍ୟବହୃତ ହେବ ବୋଲି କୁହାଯାଇଛି । ତେବେ ଏହି ପରିବର୍ତ୍ତନ ପାଇଁ ଆଉ ଏକ କାରଣ ଅଛି, ତାହା ହେଉଛି ନେଦରଲ୍ୟାଣ୍ଡକୁ ଏକ ମୁକ୍ତ, ଅଭିନବ ଓ ସମାବେଶର ଦେଶ ଭାବରେ ଉପସ୍ଥାପନ କରିବାର ପ୍ରୟାସ ସେଠାକାର ସରକାର ରଖିଛନ୍ତି ।

ମେସେଡୋନିଆ ଗଣରାଜ୍ୟରୁ ଉତ୍ତର ମେସେଡୋନିଆ ଗଣରାଜ୍ୟ ଭାବେ ବିଦିତ । ଏହି ପରିବର୍ତ୍ତନ ନିକଟରେ ଘଟିଥିଲା । ଯେତେବେଳେ ଫେବୃଆରୀ ୨୦୧୯ରେ ମେସେଡୋନିଆ ଗଣରାଜ୍ୟ ଏହାର ନାମ ପରିବର୍ତ୍ତନ କରି ଉତ୍ତର ମେସେଡୋନିଆ ଗଣରାଜ୍ୟ କଲା । ଏହି ନାମ ପରିବର୍ତ୍ତନ ପଛର ମୁଖ୍ୟ କାରଣ ହେଉଛି ନାଟୋର ଏକ ଅଂଶ ହେବା ଏବଂ ପଡୋଶୀ ଦେଶ ଗ୍ରୀସ୍ ଠାରୁ ନିଜକୁ ପୃଥକ କରିବା ।

ସେଭଳି ମଧ ସିଲୋନରୁ ଶ୍ରୀଲଙ୍କା ନାମରେ ନାମିତ ହୋଇଛି ଶ୍ରୀଲଙ୍କା । ପୂର୍ବ ରେକର୍ଡରୁ ଜଣାଯାଏ ଯେ ପର୍ତ୍ତୁଗୀଜ୍‌ମାନେ ଏହି ଦେଶକୁ ୧୫୦୫ରେ ଆବିଷ୍କାର କରିବା ସମୟରେ ଏହି ନାମ ଦେଇଥିଲେ । ପରେ ଏହା ବ୍ରିଟିଶ ସାମ୍ରାଜ୍ୟର ଏକ ଅଂଶ ହେଲା ଓ ୧୯୪୮ରେ ସ୍ୱାଧୀନ ହେଲା । ପ୍ରକାଶ ଯୋଗ୍ୟ ଯେ ନାମ ପରିବର୍ତ୍ତନ ପାଇଁ ଅନେକ ବର୍ଷ ପରେ ଦ୍ୱୀପ ସରକାର ଏହାକୁ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲେ । କିନ୍ତୁ ୨୦୧୧ ମସିହାରେ ପୁରୁଣା ନାମ ଥିବା କମ୍ପାନୀ ଓ ସରକାରୀ ସଂସ୍ଥାଗୁଡ଼ିକରୁ ସିଲୋନ୍ ଶବ୍ଦ ଉଠାଇ ଦିଆଗଲା ପରେ ଦେଶ ଶ୍ରୀଲଙ୍କା ଭାବେ ପରିଚିତ ଲାଭ କରିଛି ।

ସେମିତି ମଧ କାମ୍ବୁଚିଆକୁ କାମ୍ବୋଡିଆ ପରିବର୍ତ୍ତନ ହୋଇଛି । ଯଦିଓ କାମ୍ବୋଡିଆ ଏହାର ନାମ ପରିବର୍ତ୍ତନ କରି ନଥିଲା, କିନ୍ତୁ ବର୍ତ୍ତମାନର ଏହି ନାମ କାମ୍ବୁଚିଆରୁ ଆସିଛି, ଯାହାର ଇଂରାଜୀ ଅନୁବାଦ କାମ୍ବୋଡିଆ । ୧୯୭୬ ମସିହାରେ ଥିବା କମ୍ୟୁନିଷ୍ଟ ସରକାର ଆନୁଷ୍ଠାନିକ ଭାବରେ ଦେଶକୁ କାମ୍ପୁଚିଆ ବୋଲି କହୁଥିଲେ । କିନ୍ତୁ ଏହି ଶାସନ ଶେଷ ହେବା ପରେ ଦେଶକୁ କାମ୍ବୋଡିଆ କୁହାଗଲା ।

ପର୍ସିଆ ନାମରୁ ଇରାନ ହୋଇଛି। ବର୍ତ୍ତମାନର ଇରାନ ପାରମ୍ପରିକ ଭାବରେ ପର୍ସିଆ ଭାବରେ ଜଣାଶୁଣା ଥିଲା । ଯେତେବେଳେ ରେଜା ଶାହା ନୂଆ ରାଜା ହେଲେ, ଏକ ନୂତନ ଆରମ୍ଭର ସୂଚନା ଦେଇ ୧୯୩୫ ମସିହାରେ ଦେଶର ନାମ ପରିବର୍ତ୍ତନ କରି ଇରାନ ଦେଲେ । ଯଦିଓ ଇରାନ ମୁଖ୍ୟତଃ ରାଷ୍ଟ୍ର-ରାଜ୍ୟ ସମ୍ବନ୍ଧରେ ବ୍ୟବହୃତ ହୁଏ । ଖାଦ୍ୟ, କଳା ଓ ସାହିତ୍ୟ ପରି ଦୀର୍ଘ ଦିନ ଧରି ଚାଲିଆସୁଥିବା ସାଂସ୍କୃତିକ ରପ୍ତାନିକୁ ପାର୍ସୀ ବୋଲି କୁହାଯାଏ।।

ସେଭଳି ମଧ କେପ୍ ଭର୍ଡେରୁ କାବୋ ଭର୍ଡେ ଗଣରାଜ୍ୟ: ୨୦୨୩ରେ ଏହି ଦ୍ୱୀପଟି ପର୍ତ୍ତୁଗୀଜ୍ ବନାନ ବ୍ୟବହାର କରି ଓ ଦେଶର ସରକାରୀ ଭାଷାକୁ ସମ୍ମାନ ଦେଇ ମିଳିତ ଜାତିସଂଘରେ ଏହାର ନାମ ପଞ୍ଜିକରଣ କଲା । ରେକର୍ଡ ଅନୁଯାୟୀ ପୂର୍ବ ନାମ ଏକ ଭାଷାଭିତ୍ତିକ ହାଇବ୍ରିଡ୍ ଥିଲା । 'କାବୋ'ର ଇଂରାଜୀ ଅନୁବାଦ ଭାବରେ 'କେପ' ବ୍ୟବହାର ହେଉଥିଲା । କିନ୍ତୁ ପର୍ତ୍ତୁଗୀଜ୍ ଶବ୍ଦ 'ଭର୍ଡେ' ରଖାଗଲା । ଯାହାର ଅର୍ଥ ସବୁଜ । କିନ୍ତୁ ଏହି ପରିପ୍ରେକ୍ଷୀରେ ଅନ୍ୟ ଦେଶକୁ ଅନୁସରଣ ନ କରି, କାବୋ ଭର୍ଡେ ଏହାର ସଂସ୍କରଣ ବଦଳାଇ ଆନୁଷ୍ଠାନିକ ଭାବରେ କାବୋ ଭର୍ଡେ ରିପବ୍ଲିକ୍ ହୋଇଗଲା।

ସେମିତି ସିଆମ୍‌ରୁ ଥାଇଲ୍ୟାଣ୍ଡ ହୋଇଛି । କୁହାଯାଏ ଏହି ବିକାଶ ସାମ୍ପ୍ରତିକ ନୁହେଁ । ସିଆମ୍ ଶବ୍ଦଟି ସଂସ୍କୃତ ଅଟେ ଓ ଏହା ଶ୍ୟାମା ଶବ୍ଦରୁ ଆସିଛି, ଯାହାର ଅର୍ଥ ବାଦାମୀ ବା ଗାଢ । ଏହା ଦେଶୀ ଲୋକଙ୍କ ଚର୍ମର ରଙ୍ଗର ଏକ ସନ୍ଦର୍ଭ। ରିପୋର୍ଟ ଅନୁଯାୟୀ ୧୯୩୮ରେ ସିଆମ୍‌ର ନାମକୁ ପରିବର୍ତ୍ତନ କରି ଥାଇଲ୍ୟାଣ୍ଡ କରାଯାଇଥିଲା । କିନ୍ତୁ ସିଆମ୍ ମଧ ଚଳୁଥିଲା । କିନ୍ତୁ ୧୯୪୮ ମସିହାରେ ଆନୁଷ୍ଠାନିକ ଭାବରେ ଥାଇଲ୍ୟାଣ୍ଡରେ ପରିବର୍ତ୍ତନ କରାଯାଇଥିଲା ଓ ସେହି ଦିନଠାରୁ ଏହା ଏହି ନାମରେ ଜଣାଶୁଣା ହୋଇଛି ।

ସେଭଳି ନାମ ପରିବର୍ତ୍ତିତ ହୋଇଥିବା ଆଉ ଏକ ଦୃଷ୍ଟାନ୍ତ ହେଉଛି ବର୍ମାରୁ ମିଆଁମାର । ୧୯୮୯ ରେ ଦେଶର ଅଗ୍ରଣୀ ସାମରିକ ସରକାର ସ୍ଥାନୀୟ ଭାଷାରେ ଲେଖା ପଦ୍ଧତିକୁ ବଞ୍ଚାଇ ରଖିବା ଚେଷ୍ଟାରେ ଦେଶର ନାମ ବର୍ମାରୁ ମିଆଁମାରରେ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲେ । ତେବେ ବିଶେଷ ତଥ୍ୟ ଅନୁଯାୟୀ ଏହି ନିଷ୍ପତ୍ତିରେ ସମସ୍ତେ ସହମତ ନଥିଲେ, ଯେଉଁଥିପାଇଁ ଦେଶର କିଛି ଅଂଶକୁ ଲୋକେ ଏବେ ବି ବର୍ମା ବୋଲି କହିବା ପାଇଁ ଜିଦ୍ ଧରିଛନ୍ତି । ତେଣୁ ଭାରତ ପାଇଁ ଦେଶର ନାମ ପରିବର୍ତ୍ତନ କୌଣସି ପ୍ରକାର ନୂଆ କଥା ନୁହେଁ ।

(ଅବଶିଷ୍ଟାଂଶ ପୃଷ୍ଠା-୭ରେ)

## ସଫଳ ଜି-୨୦ ଓ ଚର୍ଚ୍ଚାରେ ଓଡ଼ିଶାର କଳା, ସଂସ୍କୃତି



**ଗୋପୀନାଥ ଦାଶ**

ଭାରତ ମଣ୍ଡପମ୍‌ରେ ଦୁଇ ଦିନିଆ ଜି-୨୦ ଶିଖର ସମ୍ମିଳନୀ ଉଦଯାପିତ ହୋଇଛି। ସମ୍ମିଳନୀକୁ ସଫଳତାର ସହ ଆୟୋଜନ କରି ଭାରତ ବିଭିନ୍ନ ମହଲରେ ପ୍ରଶଂସିତ ହୋଇଛି। ତେବେ ଏଭଳି ଏକ ବିଶ୍ୱସ୍ତରୀୟ ସମ୍ମିଳନୀରେ ଓଡ଼ିଶାର ସଂସ୍କୃତି ଓ ଓଡ଼ିଆଙ୍କୁ ଅବଦାନର ଛାପ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ପ୍ରଥମ ଥର ପାଇଁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦ୍ୱାରା ଜି-୨୦ ଶିଖର ସମ୍ମିଳନୀ ସ୍ଥଳ ଭାରତ ମଣ୍ଡପମ୍‌ରେ ବିଶ୍ୱନେତା ଓ ପ୍ରତିନିଧିଙ୍କ ପାଇଁ ରାତ୍ରୀ ଭୋଜନର ଆୟୋଜନ ଏକ ପ୍ରମୁଖ ଘଟଣା ରହିଥିଲା। ଭାରତର ପରମ୍ପରା, ରୀତିନୀତି ଏବଂ ବିବିଧତାକୁ ଧ୍ୟାନରେ ରଖି ରାଷ୍ଟ୍ରପତିଙ୍କ ରାତ୍ରୀ ଭୋଜନ ମେନ୍ୟୁରେ ଶାକାହାରୀ ଖାଦ୍ୟ ରହିଥିଲା।

ସମ୍ମିଳନୀରେ କୋଣାର୍କ ଚକ୍ରର ପୃଷ୍ଠଭୂମିରେ ବିଶ୍ୱନେତାଙ୍କୁ ପ୍ରଧାନମନ୍ତ୍ରୀ ସ୍ୱାଗତ କରିବା ଫଳରେ ସାରା ବିଶ୍ୱ ଓଡ଼ିଶାର ସମୃଦ୍ଧ କଳା ସଂପର୍କରେ ଅବଗତ ହୋଇଛି। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ କେବଳ ଗୌରବର ମୁହୂର୍ତ୍ତ ନଥିଲା ବରଂ ଓଡ଼ିଶାର ଭାସ୍କର୍ଯ୍ୟ କଳାକୁ ବିଶ୍ୱ ଦରବାରରେ ଗୌରବାନ୍ୱିତ କରିବା ଦିଗରେ ନୂଆ ଧାରା ସୃଷ୍ଟି କଲା। କୋଣାର୍କ ଚକ୍ରର ବିଶେଷତ୍ୱ ଓ କାରୁକାର୍ଯ୍ୟ ସଂପର୍କରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ପ୍ରଧାନମନ୍ତ୍ରୀ ବୁଝାଇବା ପରେ କୋଣାର୍କ ଚକ୍ର ଚର୍ଚ୍ଚାର ପରିସରକୁ ଅଧିକ ମାତ୍ରାରେ ଆସିଥିଲା।

କୋଣାର୍କ ଚକ୍ରର ପୃଷ୍ଠଭୂମିରେ ପ୍ରାଧାନମନ୍ତ୍ରୀ ମୋଦୀଙ୍କ କରମର୍ଜନ କୂଟନୀତିର ଫଟୋଚିତ୍ର ସାରା ବିଶ୍ୱରେ ଛାଇ ହୋଇ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ପରିଚୟ ଦେବାରେ ସଫଳ ହୋଇପାରିଥିଲା। ଜି-୨୦ ଶିଖର ସମ୍ମିଳନୀ ଭଳି ଏକ ବଡ଼ ଧରଣର ଅନ୍ତର୍ଜାତୀୟ ସମ୍ମିଳନୀକୁ ସଫଳ ରୂପେ ଆୟୋଜନ କରିବାରେ ଯେଉଁ କେତେଜଣ ଓଡ଼ିଆଙ୍କ ଭୂମିକା ରହିଥିଲା ସେମାନଙ୍କ ମଧ୍ୟରେ ସବୁଠାରୁ ପ୍ରମୁଖ ଭୂମିକା ରହିଥିଲା ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡ.ପ୍ରମୋଦ କୁମାର ମିଶ୍ରଙ୍କର। ଜି-୨୦ ଶିଖର ସମ୍ମିଳନୀ ଅବସରରେ ସମଗ୍ର ଦିଲ୍ଲୀର ସୌନ୍ଦର୍ଯ୍ୟୀକରଣ ପାଇଁ ପଦକ୍ଷେପ ନିଆଯାଇଥିଲା। ଦିଲ୍ଲୀକୁ ସଂପୂର୍ଣ୍ଣ ରୂପେ ନୂଆ ରୂପ ଦିଆଯାଇଥିଲା। ଏହି ମର୍ମରେ ଦିଲ୍ଲୀର ବିକାଶ ପ୍ରାଧିକରଣର ଉପାଧ୍ୟକ୍ଷ ତଥା ହିମାଚଳ ପ୍ରଦେଶ କ୍ୟାଡ଼ରରେ ଓଡ଼ିଆ ଆଇଏଏସ ଅଧିକାରୀ ଶୁଭାଶିଷ ପଣ୍ଡାଙ୍କ କାର୍ଯ୍ୟ ମଧ ପ୍ରଶଂସନୀୟ ରହିଥିଲା।

ଶିଖର ସମ୍ମିଳନୀ ପୂର୍ବରୁ ଆୟୋଜିତ ବୈଠକ ଗୁଡ଼ିକରେ ଆର୍ଥିକ ପ୍ରସଙ୍ଗରେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ସହିତ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଗଭର୍ଣ୍ଣର ଶକ୍ତିକାନ୍ତ ଦାସ ଭାରତର ପକ୍ଷରୁ ଜୋରସୋରରେ ଉପସ୍ଥାପନ କରିଥିଲେ। ପୂର୍ବତନ ବୈଦେଶିକ ବ୍ୟାପାର ସଚିବ ଅମରେନ୍ଦ୍ର ଖଟୁଆ ଜି-୨୦ ଟ୍ରେଡ ଆଣ୍ଡ ଇନଭେଷ୍ଟମେଣ୍ଟ ଗୋଷ୍ଠୀର ବିଭିନ୍ନ ଆଲୋଚନାରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲାବେଳେ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଯୁଗ୍ମ ସଚିବ ଅରୁଣ ସାହୁ ଜି-୨୦ ଶିଖର ସମ୍ମିଳନୀ ଅବସରରେ ୟୁରୋପୀୟ ସଂଘର ସଦସ୍ୟ ମାନଙ୍କ ସହିତ ବିଚାରବିମର୍ଶ ପ୍ରକ୍ରିୟାରେ ସାମିଲ ଥିଲେ। ବିଶ୍ୱନେତାଙ୍କ ପତ୍ନୀଙ୍କ ସହିତ ଓଡ଼ିଶାର ଦୁଇ ଜଣ ମହିଳା ଆଦିବାସୀ ମାଣ୍ଡିଆ ଚାଷୀ ସୁବାସା ମହାନ୍ତ ଓ ରାଇମତୀ ଘିଉରିଆ ମାଣ୍ଡିଆ ଚାଷ ଉପରେ ସେମାନଙ୍କ ଅନୁଭୂତି ବଖାଣିବା ଦ୍ୱାରା ମାଣ୍ଡିଆ ଉତ୍ପାଦନର ପ୍ରମୁଖ ରାଜ୍ୟ ଓଡ଼ିଶା ହୋଇଥିବା ଗୁରୁତ୍ୱକୁ ପ୍ରତିପାଦିତ କରିଥିଲା।

ବିଶ୍ୱର ଦକ୍ଷିଣ ଗୋଲାର୍ଦ୍ଧ ଏବଂ ବିକାଶଶୀଳ ରାଷ୍ଟ୍ରଙ୍କ ସ୍ୱର ଭାବେ ଭାରତର ପ୍ରସ୍ତାବକୁ ଜି-୨୦ ନେତୃବର୍ଗ ଗ୍ରହଣ କରିଛନ୍ତି। ଏହା ପ୍ରମାଣିତ କରିଛି ଯେ ଧନୀ ଓ ଦରିଦ୍ର ରାଷ୍ଟ୍ର ଭାବେ ବିଶ୍ୱକୁ ଯେଉଁଭଳି ଭାବେ ପୂର୍ବରୁ ବିଭାଜିତ କରାଯାଇ ଆସୁଥିଲା ତାହା ଭବିଷ୍ୟତ ପାଇଁ ଆଉ କୌଣସି ଅର୍ଥ ରଖେ ନାହିଁ। ବିକାଶଶୀଳ ରାଷ୍ଟ୍ରଙ୍କୁ ବାଦ ଦେଇ ଯେ ବିକଶିତ ରାଷ୍ଟ୍ରମାନେ ସ୍ଥାୟୀ ଭାବେ ଆଗକୁ ଅଗ୍ରସର ହୋଇପାରିବେନାହିଁ ତାହା ପ୍ରମାଣିତ ହୋଇଛି। ତେଣୁ ଭାରତ କେବଳ ଏହି ସମ୍ମିଳନୀରେ ନିଜ ନେତୃତ୍ୱର ପରାକାଷ୍ଠା ପ୍ରଦର୍ଶନ କରିନାହିଁ, ପାରମ୍ପରିକ ବିକାଶର ପୁନଃ ସଂଜ୍ଞା ନିରୂପଣ କରିଛି।


କ୍ରୀଡ଼ା ଶିକ୍ଷକ, ହରିହରାନନ୍ଦ ବାଳାଶ୍ରମ, ଅରୁଆ କଦଳୀବଣ,
ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା,
ମୋ: ୮୮୯୫୨୯୬୧୬୭


## କବିତା କୋଣାର୍କ

### ଲାଗ ଭାରି ଅସହାୟ

**ଜଗଦୀଶ ସାହୁ**

ଜନ ପ୍ରତିନିଧି ଏଡ଼େ ହୀନିମାନ
ଏବେ ମୁଁ ପାରୁଛି ଜାଣି
ଚଉକି ପକେଇ ମଞ୍ଚ ସଜାଡ଼ନ୍ତି
ନିଜର କର୍ତ୍ତବ୍ୟ ମଣି
ବୀର ଓଡ଼ିଆଙ୍କ ଠାଣି
ତାଙ୍କଠାରେ ନାହିଁ ପୁଣି
ପି ସି ଟଙ୍କା ଖାଇ ଷଣ୍ଡଛୁଆ ସବୁ
ମୂଷାରୂପ ଧରିଲେଣି
ଚଉକି ମୋହରେ ସିଂହଛୁଆ ସବୁ
ଶୃଗାଳକୁ ଡରିଲେଣି !


ଯେଉଁ ମାଟିପୁଅ କହୁଥିଲା ଦିନେ
ରକ୍ତ ଦିଅ ରକ୍ତ ଦିଅ
ଜୟୀ ରାଜଗୁରୁ ବୀର ସୁରେନ୍ଦ୍ର
ଓଡିଶାର ପରିଚୟ
ହୋଇ ତା' ଦାୟଦ ମଞ୍ଚତଳେ ଆଜି
ହାତ ଯୋଡ଼ି ଠିଆ ହୁଅ
ଲାଗ ଭାରି ଅସହାୟ
କୁହ ପାଟି ଖୋଲି କୁହ
ତୁଟାଇ ପଦବୀ ମୋହ

ଗୋପବନ୍ଧୁ ପରି ଗୁଣି
ପୁତ୍ର ମୋହ ତ୍ୟାଗ କରିବାରୁ ସିନା
ହୋଇଲେ ଉତ୍କଳମଣି
ଅସ୍ଥାୟୀ ଚଉକି ପାଇଁ
କଲବଲ ହେବା ବୀରର ଜାତକେ
କେହି କେବେ ଲେଖିନାହିଁ !


+ ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬


### ରୋମାଞ୍ଚିତ ଆକର୍ଷଣ

**ବେଣୁଧର ସୂତାର**



ଝୁମା ଝୁମା ଏଇ ଗୋଧୂଳି ଲଗ୍ନରେ
ମଧୁଝରା ସ୍ୱପ୍ନିଳ ଛନ୍ଦର ପ୍ରଦୋଷ
ତୁଷାର ଧବଳ ଏ ଶୁଭ ଅବସରେ
ଶାରଦୀୟ ପ୍ରକୃତିର ବର୍ଣ୍ଣିଳବିଳାସ
ନୈସର୍ଗିକ ଉପମାରେ ଭରା
ଲାସ୍ୟମୟୀ ଉର୍ବୀର ସୁଷମା
ଭୂମିଠାରୁ ଭୂମା ପରିପୂର୍ଣ୍ଣ
ସୌନ୍ଦର୍ଯ୍ୟର ଅପୂର୍ବ ବିନ୍ୟାସ ।

ଲଳିତମଧୁର ଏଇ ପାର୍ବଣ ଲଗ୍ନରେ
ଫୁଲେ ଫୁଲେ ହାସ୍ୟ ଛନ୍ଦ ତୋରା
ସୁଧାମଧୁ ଭରା ମହକ ପସରା
ଜ୍ୟୋତ୍ସ୍ନାଭିଜା ଏଧରାର ରେଣୁକଣା
ଚାରୁମୟ ଶ୍ୟାମଳ ଅଗଣା
ପ୍ରଭଞ୍ଜନ ପ୍ରୀତିଧାରା
ମନକରେ ଆତ୍ମହରା
ଶାରଦୀୟ ବିହଙ୍ଗମ ଛନ୍ଦ
ସତେଅବା ମଧୁବର୍ଷି ବୀଣା ।

ଶେଫାଳି ମଧୁର ବାସେ
କାଶଫୁଲ ସ୍ମିତ ହାସେ
ଜ୍ୟୋସ୍ନା ମୟ ଜହ୍ନରାତି
ମହା ଭୂଗୋଳର ସ୍ଥିତି
ଜୋଛନାର ଅଭିସାରେ
ପ୍ରୀତି ରଙ୍ଗ ଉପହାରେ
ସାଗରର ଉର୍ମିମାଳା
ଉତ୍ତାଳ ଅଧୀର
ଶାରଦୀୟ ପ୍ରକୃତିର ମନୋହର
ନୈସର୍ଗିକ ଦିବ୍ୟଉପହାର ।

ବିବିଧ କସୁମ ତୋରା
ଶୋଭମୟୀ ବସୁନ୍ଧରା
ଆକାଶରେ ହୀରାଝରା
ଫୁଲର ବସେରା
କମନୀୟ ବନବିଥି
ଗାଉଛି ପ୍ରୀତିର ଗୀତି
ସପନ ଫୁଲର ବାସେ
ରୂପସୀ ପ୍ରକୃତି ହସେ
ହୀରାମୋତି ଶୋଭା ଝରା
ଅନୁପମ ତୃପ୍ତିର ପସରା ।

ମାଦକରେ ପରିପୂର୍ଣ୍ଣ
ସୁଷମାର ଆକର୍ଷଣ
ସପନ ଭଉଁରୀ ଖେଳେ
ନିଖିଳ ନୟନ କୋଳେ
ରୋମାଞ୍ଚ ଭରା ଏଇ
ରାକା ରଜନୀରେ
ଶ୍ୟାମଳ ସ୍ୱପ୍ନର ତୀରେ
ମନ ହଜେ ଧୀରେଧୀରେ
ଶୋଭାର ପୀୟୂଷ ଧାରା
କରୁଥାଏ ଆତ୍ମହରା
ସମ୍ମୋହନୀ ଶାରଦୀୟ
କାଉଁରୀ ମାୟାରେ ।


କେଶଦୁରାପାଳ କେନ୍ଦୁଝର
ମୋ: ୯୧୭୮୫୬୮୨୪୬


### ମାଆ ଫେରିଲାରୁ

**ପ୍ରଦୀପ୍ତ କୁମାର ଦାସ**

ମାଆ ମାଆ ବୋଲି
ଯେତେ ମୁଁ ଡ଼ାକିଲି
ଶୁଣି ସେ ଶୁଣିଲା ନାହିଁ -
ଆଗକୁ ଆଗକୁ ଧାଇଁ ପଳାଇଲା
ପଛକୁ କଣେଇଁ ଚାହିଁ,
କାନ୍ଦି କଇଁ କଇଁ ହିଡବାଡ ଡେଇଁ
ଘର ଛାଡ଼ି ଗଲା ଚାଲି -
ପାଖାପାଖି ତାର ପହଞ୍ଚିଲା କ୍ଷଣି
ଫିଙ୍ଗିଲା ଆଖିକୁ ବାଲି,
ବାଟ ଘାଟ କିଛି ନପାରିଲି ଦେଖି
ସେଇଠି ଅଟକି ଗଲି -
ଅତି ବିକଳରେ ଚିଲାଇ କହିଲି...
'ମାଆ ଲୋ ମୁଁ ଏଠି ମଲି',
ଶୁଣି ମୋ ଗୁହାରି ମାଆ ଠାକୁରାଣୀ
ଆଉ ନପାରିଲା ଯାଇ -
ସାଙ୍ଗେ ସାଙ୍ଗେ ସେ ତ
ପଛକୁ ଫେରିଣ
ମୋ ପାଶେ ଆସିଲା ଧାଇଁ,
ତା କୋଳେ ମୋ ମୁଣ୍ଡ ଧୀରେ
ଥୋଇଦେଇ
ଆଖିକୁ ଛାଟିଲା ପାଣି -
ଭଲଭାବେ ଧୋଇ
ପୋଛି ତା କାନିରେ
ଆଣିଲା ବାଲିକୁ ଛାଣି,
ବାହାରିଲା ବାଲି ଆଖିଗଲା ଖୋଲି
ଲୋଟିଲି ମୁଁ ପାଦେ ତାର -
ଚୁମା ପରେ ଚୁମା
ଦେଲା ସେ ମଥାରେ
ଝରାଇ ଲୁହର ଧାର,
ରାଗ ଭୁଲିଯାଇ ଘରକୁ ଯିବାକୁ
କଲି ତା ପାଖରେ ଅଳି -
କହିଲି- 'ମାଆଲୋ !
ତୋ କଥା ମାନିକି
ଚଳିବି ମୁଁ ଆଗଭଳି' ।
ମନକୁ ବୁଝାଇ ମାଆ ମୋ ଫେରିଲା
ଭୁଲି ସବୁ ରାଗ ରୋଷ -
ସ୍ତିରୀଟା ବି ମୋର ତା ପାଦ ଛୁଇଁକି
ମାନିନେଲା ସବୁ ଦୋଷ,
ମାଆ ଫେରିଲାରୁ ଘରଟା ମୋହର
ମମତାରେ ଗଲା ଭରି -
ସେଇ ପୁଣ୍ୟ ଭୂଇଁ ଲାଗିଲାତ ମତେ
ମର୍ତ୍ତ୍ୟ ବଇକୁଣ୍ଠ ପରି। ଈଈଈ


+ କଣ୍ଟାବଣିଆ, ଛତ୍ରପଡ଼ା,
ପ୍ରୀତିପୁର, ଯାଜପୁର
ମୋ : ୮୫୯୪୮୮୫୮୯୮

## ବିଶ୍ୱାସ ଆଉ ଭକ୍ତିର ଫଳ

ଅଶୋକ କୁମାର ପ୍ରଧାନ

କୋଉ ବଡି ସକାଳୁ ଉଠି ଗାଧୋଇ ପାଧୋଇ ଏକବାରେ ସୁନା ପିଲା ପରି ସଜ ହୋଇ ଗଣେଶ ଦିଅଁ ଆଗରେ ବସିଯାଇଛି ବିଦ୍ୟାଧର। ପିଲାବେଳୁ ଭାରି ଦୁଷ୍ଟ। ପାଠଶାଠରେ ଜମା ମନ ନାହିଁ। ସବୁବେଳେ ସାଙ୍ଗ ସାଥି ଗହଣରେ ରହି କେବଳ ମଉଜ ମସ୍ତି। ଏଥିପାଇଁ ସେ ସବୁଦିନେ ବାପା ବୋଉଙ୍କ ଠାରୁ କେତେ କଥା ଶୁଣେ। ହେଲେ ସବୁଦିନେ ଆଉ କେତେ ବାପା ମାଆଙ୍କ ଠାରୁ ଏମିତିକା କଥା ଶୁଣିବ।

ସେ ଦିନ ଥାଏ ଗଣେଶ ପୂଜା। ଏମିତି କୋଉ ଦିନନାହିଁ ଯେ ସେ ବାପା ମାଆଙ୍କଠାରୁ କଥା ଶୁଣିନି ଏ ପାଠ ପାଇଁ। ସବୁବେଳେ ବାପା ମାଆଙ୍କ ଗୋଟିଏ କଥା। କ୍ରୀଡାଧର କଥା। କ୍ରୀଡାଧର ତାଙ୍କ ପଡୋଶୀ ଘର ସନାତନ ପ୍ରଧାନଙ୍କ ପୁଅ। ନାଁ ସିନା କ୍ରୀଡାଧର କିନ୍ତୁ ସେ ପାଠରେ ଏକବାରେ ଧୂରନ୍ଧର। ପିଲାଟି ଦିନରୁ ଦୁହେଁ ଗୋଟିଏ ବିଦ୍ୟାଳୟରେ ପାଠ ପଢନ୍ତି। ପ୍ରଥମ ଶ୍ରେଣୀରୁ ଏବେ ଆସି ପଞ୍ଚମ ଶ୍ରେଣୀ ହେଲାଣି। ହେଲେ କେବେହେଲେ ବିଦ୍ୟାଧର ତା ଠାରୁ ପରୀକ୍ଷାରେ ଭଲ ମାର୍କ ଆଣିପାରିନି ଆଜିଯାଏଁ।

ହେଲେ ଏଥର ସେ ମନ କରିଛି ଏଇ ଗଣେଶ ପୂଜାରେ ସେ ନିଶ୍ଚୟ ଗଣେଶ ଭଗବାନଙ୍କୁ ତା ମନର ସବୁ କଥା କହିବ। ତା ନାଁ ବିଦ୍ୟାଧର ହୋଇଥିଲେ ବି କ'ଣ ପାଇଁ ତାକୁ ଭଲ ପାଠ ଟିକେ ଦେଇନାହାନ୍ତି ସେ କଥା ବି ତାଙ୍କୁ ପଚାରିବ। ତା'ର ଏକା ଜିଦ୍ ଭଗବାନ୍ କୌଣସି ଉତ୍ତର ନ ଦେଲା ଯାଏଁ ସେ କିଛି ଖାଇବନି କି କାହା କଥା ଶୁଣିବନି। ଏମିତି ଏକା ଜିଦ୍‌ରେ ବସି ରହିଛି ଗଣେଶଙ୍କ ପାଖରେ କୋଉ ସକାଳୁ।

ସକାଳୁ ସକାଳୁ ଧ୍ୟାନରତ ଅବସ୍ଥାରେ ବିଦ୍ୟାଧରକୁ ଠାକୁରଘର ଆଗରେ ବସିଥିବାର ଦେଖି ବାପା ବୋଉ ଏକବାରେ ଛାନିଆ। ଯେତେ ଡାକିଲେ ବି ସେ କାହା କଥା ଜମାରୁ ଶୁଣୁନି। ଗଣେଶଙ୍କ ମୁହଁକୁ ଏକା ଲୟରେ ଚାହିଁ ଲୁହ ଗଡେଇ ଚାଲିଛି ସେ। ଆଖି ଦୁଇଟିରୁ ଲୁହ ବହି ବହି ଭିଜିଗଲାଣି ତା ପିନ୍ଧିଥିବା ଜାମା ଆଉ ବସିରହିଥିବା ଜାଗାଟି। ଆଉ କେତେ ଧାର ନଦୀ ପରି ବହି ଚାଲିଛି ଆଗକୁ ଆଗକୁ। ଗଣେଶଙ୍କ ପାଦ ଆଡକୁ। ବୋଧେ ସେଇ ଲୁହରେ ସେ ଧୋଇଦେବ ଗଣେଶଙ୍କ ପାଦ ଯୁଗଳ। ମନେ ମନେ କ'ଣ ସବୁ କହି ଯାଉଛି ଠାକୁରଙ୍କୁ।

ବୋଉ ବିଦ୍ୟାଧରର ଏ ପ୍ରକାର ଭକ୍ତି ଦେଖି ବିଭୋର ହୋଇ କହିଲେ, ହେ ଠାକୁର ! ମୋ ବିଦ୍ୟାଧର ମୁଣ୍ଡରେ ଟିକେ ଉତ୍ତମ ବୁଦ୍ଧି ଦିଅନ୍ତନି। ସେ ଯେମିତି ଆଗ ପରି ଆଉ ଅଳସୁଆ ନ ହେଉ ପ୍ରଭୁ। ପାଠକୁ ସେ ଯେମିତି ଭୟ ନକରୁ ପ୍ରଭୁ। ସେ ଭଲ ପାଠ ଶାଠ ପଢ଼ି ପାଞ୍ଚ ଜଣରେ ଜଣେ ହୁଅନ୍ତାନି ଠାକୁରେ। ତୁମେ ତା ଉପରେ ଟିକେ ଯାଦୁ କରିଦିଅ ଠାକୁରେ। ମୁଁ ତ ମାଆଟିଏ। ତାକୁ ଜନ୍ମ ସିନା ଦେଇଛି ହେଲେ ତା ଭବିଷ୍ୟତ କ'ଣ ଜାଣି ପାରିଛି ଠାକୁରେ। ମୁଁ ସତ ସହଜେ ଅପାଠୁଆ ମାଆଟିଏ। ତଥାପି ମୁଁ ମାଆ ପରା । ମୋ କାୟା ଛାଇ ପରି ତା ସାଥେ ସାଥେ ରହିଛି ପ୍ରଭୁ।

ଠାକୁରଙ୍କ ପାଖରେ ପୁଅ ପାଇଁ ଏତିକି ମନାସି ରୋଷେଇ ଘର ଭିତରକୁ ଚାଲିଗଲେ ବୋଉ। ବୋଉ ସେ ପଟେ ରୋଷେଇ କରିବାରେ ବ୍ୟସ୍ତ ରହିଲେ। ବିଦ୍ୟାଧରର ଧ୍ୟାନ ଦେଖି ଗଣେଶ ଭଗବାନ ଖୁବ୍ ଖୁସି ହୋଇ କହିଲେ, ତୁମ ବିଶ୍ୱାସ ଆଉ ଭକ୍ତିରେ ମୁଁ ଖୁବ୍ ପସନ୍ନ ବିଦ୍ୟାଧର। ଏଣିକି ତୁମେ ମୋ ଉପରେ ଯେଉଁ ବିଶ୍ୱାସ ଆଉ ଭକ୍ତି ରଖି ଏକା ଧ୍ୟାନ କରୁଛ ଠିକ୍ ସେତିକି ଭକ୍ତି ଆଉ ପାଠରେ ଆଉ ପ୍ରତ୍ୟେକ ଲୋକ ଉପରେ ରଖ। ଦେଖିବ ତୁମ ଜୀବନ ଫୁଲ ପରି ହସି ଉଠିବ ଆଉ ମହକିବ।


କିଛି ସମୟ ପରେ ବିଦ୍ୟାଧର ଧ୍ୟାନରୁ ଉଠି ବୋଉ ପାଖକୁ ଆସି ଦଣ୍ଡ ପ୍ରଣାମ କଲା। ବାପାଙ୍କ ପାଦ ତଳେ ପଡି ବି ଦଣ୍ଡ ପ୍ରଣାମ କଲା। ମନେ ମନେ ଖୁବ୍ ଖୁସି ଜଣା ପଡୁଥିଲା ବିଦ୍ୟାଧର । ସେ ଦିନଠୁ ବିଦ୍ୟାଧର ମନ ଲଗେଇ ପାଠ ପଢ଼ିଲା। ଶ୍ରେଣୀରେ ଭଲ ପାଠ ପଢିଲା ଏବଂ ସଫଳତା ପରେ ସଫଳତା ହାସଲ କଲା। ବାପା ମାଆଙ୍କୁ କାମରେ ସାହାଯ୍ୟ କଲା। ସାଙ୍ଗ ସାଥି ସମସ୍ତଙ୍କ ସହିତ ମିଠା କଥା ହୋଇ ସବୁରି ମନ ଜିଣିଲା।



ବିଦ୍ୟାଧରର ଏ ପ୍ରକାର ପରିବର୍ତ୍ତନ ସମସ୍ତଙ୍କୁ ଚକିତ କରିଦେଲା। ସଭିଏଁ କୁହା କୁହି ହେଲେ ବିଦ୍ୟାଧର କ'ଣ କଲା କେଜାଣି ଏବେ କ୍ରୀଡାଧରଠୁ ବି ଭଲ ପାଠ ପଢୁଛି। ଗୁଣ ଗରିମା, ବ୍ୟବହାର, ଚାଲିଚଳନ ସବୁଥିରେ ସେ ଖୁବ୍ ସଂସ୍କରିତ। ହଠାତ୍ ଏତେ ପରିବର୍ତ୍ତନ କେମିତି, ବୋଲି ସାଙ୍ଗ ସାଥି ସବୁ ପଚାରନ୍ତେ, ବିଦ୍ୟାଧର ହସି ହସି କହେ ଭଗବାନଙ୍କ ପାଖରେ ବିଶ୍ୱାସ ଆଉ ଭକ୍ତି ରଖି କଠିନ ପରିଶ୍ରମ କଲେ ସବୁ ଅସମ୍ଭବ ସହଜେ ସମ୍ଭବ ହୁଏ। କଥାରେ ନାହିଁ ସାଙ୍ଗ ବିଶ୍ୱାସେ ମିଳଇ ହରି। ମୁଁ ସେଇ ବିଶ୍ୱାସ ରଖି ପାଠ ପଢୁଛି।ଆଉ ତୁମେ ମାନେ ବି ବିଶ୍ୱାସ ଆଉ ଭକ୍ତି ରଖି ପାଠ ପଢି ଚାଲ। ଦେଖିବ ତୁମେ ବି ସଫଳତା ହାସଲ କରିବ।

+ଶିକ୍ଷକ, ଗୋବିନ୍ଦପୁର ଉଚ୍ଚ ବିଦ୍ୟାଳୟ, ରୋହିଗାଁ, ଗଞ୍ଜାମ
ମୋ-୮୨୪୯୧୧୯୧୩୦

## ଠେକୁଆ କଇଁଛ ଉପାଖ୍ୟାନ



ସୁଦର୍ଶନ ମହାପାତ୍ର

-‘ ଜେଜେ ଡୋପ୍ କ'ଣ ?’

ଟିଭିରେ ନ୍ୟୁଜ ଦେଖୁ ଦେଖୁ ଆକାଶ ଅଚାନକ ଏ ପ୍ରଶ୍ନ ପଚାରିଲା ବାପାଙ୍କୁ। ମୁଁ ଯଦିଓ ଅଳ୍ପ ଦୂରରେ ବସି ପେପର ପଢୁଥିଲି, ପୁଅର ଏ ପ୍ରଶ୍ନ ମୋତେ ବି ଶୁଭିଲା। ଭାବିଲି, କେହି ଖେଳାଳି ବୋଧହୁଏ ଡୋପ ଟେଷ୍ଟର ସମ୍ମୁଖୀନ ହୋଇଛନ୍ତି ବୋଲି ନ୍ୟୁଜରେ ପ୍ରସାରିତ ହେଉଥିବ ।

- ‘ଆଚ୍ଛା, ଏ ବିଷୟରେ ମୁଁ ତୋତେ ଗୋଟିଏ ଗପ କହି ବୁଝାଇ ଦେବି। ଠେକୁଆ ଆଉ କଇଁଛ କଥା। ଆଗରୁ ଶୁଣିଛୁ ?’ ବାପା ଖୁସି ମନରେ ପଚାରିଲେ ଆକାଶକୁ। ମୋତେ ଲାଗୁଥିଲା ଆକାଶ କହିବ ‘ହଁ ଜେଜେ ଶୁଣିଛି।’ ମାତ୍ର ମୋତେ ଭୁଲ୍ ପ୍ରମାଣିତ କରି ଗପଟି ଶୁଣିବାକୁ ନିହାତି ଆଗ୍ରହ ପ୍ରକାଶ କଲା ଆକାଶ। ହୁଏତ ସେ ମୋ ଭଳି ଠେକୁଆ କଇଁଛ ଉପାଖ୍ୟାନ ସହିତ ଡୋପ୍‌ର କ'ଣ ସମ୍ପର୍କ ଅଛି ବୋଲି ଜାଣିବାକୁ ଚାହୁଁଥିଲା ।

ଖବର କାଗଜ ଉପରେ ସିନା ମୋର ଆଖି ରହିଲା, କାନ ଦୁଇଟି କିନ୍ତୁ ଗପ ଶୁଣିବାକୁ ଉତ୍କଣ୍ଠିତ ଥିଲେ। ମୁଁ ପିଲାଦିନେ ଜାଣିଥିବା ସେ ଗପରେ ଥିଲା ଅଳସୁଆ ଠେକୁଆ କେମିତି ପ୍ରତିଯୋଗିତାରେ କଇଁଛଠାରୁ ହାରି ଯାଇ ଉଚିତ୍ ଶିକ୍ଷା ପାଇଥିଲା। ହେଲେ ଆଜି ବାପାଙ୍କର ଏ ଗଳ୍ପ ଏବଂ ତା'ର ଉଦ୍ଦେଶ୍ୟ ବୁଝିବାକୁ ମୁଁ ବି ତତ୍ପର ହୋଇ ଉଠିଲି।

- ବଣର ରାଜା ବାଘକୁ କଇଁଛ ଓ ଠେକୁଆ ଭିତରେ ଦୌଡ ପ୍ରତିଯୋଗିତା ଆୟୋଜନ କରାଯାଇଥିବା ବିଷୟକୁ ଆଗରୁ ଜଣାଇଥିଲେ ଧୂର୍ତ୍ତ ବିଲୁଆ। ଠିକ୍ ସମୟରେ ପ୍ରତିଯୋଗିତା ଆରମ୍ଭ ମଧ୍ୟ ହେଲା। ଆଶାନୁଯାୟୀ ଚଳଚଞ୍ଚଳ ବୁଦ୍ଧିମାନ ଠେକୁଆ ଦୌଡରେ ଆଗୁଆ ରହିଥିଲା। ହେଲେ କିଛି ବାଟ ଗଲାପରେ ତାକୁ ଖୁବ୍ ନିଦ ଏବଂ ଦୁର୍ବଳ ଲାଗିଲା। ଠେକୁଆ ଥରେ ପଛକୁ ଚାହିଁ ଦେଖିଲା, କଇଁଛ ଖୁବ୍ ପଛରେ ଅଛି। ସେ ଭାବିଲା ଗଛ ଛାଇରେ ଟିକେ ବିଶ୍ରାମ ନେଇ ପୁଣି ଦୌଡିବ । ହେଲେ ଆଖି ପତା ଆଉ ଖୋଲିବା ଅବସ୍ଥାରେ ନଥିଲା କହିଲେ ଚଳେ। ଗାଢ଼ ନିଦରେ ଶୋଇ ପଡିଲା ସେ । ଆଖି ଖୋଲିଲା ବେଳକୁ ପ୍ରତିଯୋଗିତାର ଫଳାଫଳ ଘୋଷଣା ହୋଇ ସାରିଥିଲା। କହିବା ବାହୁଲ୍ୟ କଇଁଛ ହିଁ ଜିତିଥିଲା।

ଏତିକି ବେଳକୁ ଆସିଲା ଠେକୁଆର ବନ୍ଧୁ କାଉ। ଆଜି ଏ ପ୍ରତିଯୋଗିତା ଆରମ୍ଭ ହେବା ଆଗରୁ ଧୂର୍ତ୍ତ ବିଲୁଆ, ଠେକୁଆକୁ ମହୁମିଶା ପାଣି ପିଇବାକୁ ଦେଇଥିଲା ଏବଂ ଏ ପାଣି ପିଇଲେ ବାଟରେ ଆଉ ଶୋଷ ଲାଗିବନି ବୋଲି କହିଥିବା କଥା ଶୁଣି ଏ ଘଟଣା ପଛରେ ଚାଲ୍ ରହିଛି ବୋଲି ଅନୁମାନ କଲା କାଉ।

ବୈଦ୍ୟରାଜ ହନୁମାଙ୍କଡ ପାଖକୁ ଠେକୁଆକୁ ସାଙ୍ଗରେ ନେଇ ଗଲା କାଉ । ପରୀକ୍ଷାରୁ ଜଣାପଡିଲା ଠେକୁଆକୁ କେହି ଜାଣିଶୁଣି ସେମିତି କିଛି ଜିନିଷ ଖାଇବାକୁ କିମ୍ବା ପିଇବାକୁ ଦେଇଥିଲା, ଯାହାଦ୍ୱାରା ଠେକୁଆ ଶୀଘ୍ର ହାଲିଆ ହୋଇ ଶୋଇ ପଡିଲା। ହେଲେ ସାକ୍ଷୀ ପ୍ରମାଣ ଯୋଗାଡ କରି ରାଜାଙ୍କ ବିଚାରକୁ ଅପେକ୍ଷା କଲାବେଳକୁ ପ୍ରାୟ ଗୋଟିଏ ବର୍ଷ ପୁରି ଯାଇଥିଲା।

-‘ଏ ତ ଅନ୍ୟାୟ, ଜେଜେ ! ଏକ ରକମ ବିରକ୍ତି ପ୍ରକାଶ କରି କହିଲା ଆକାଶ ।’

-‘ସେଇଥିପାଇଁ ରାଜାଙ୍କ ପରବର୍ତ୍ତୀ ଜନ୍ମଦିନକୁ କଇଁଛ ଓ ଠେକୁଆ ମଧ୍ୟରେ ପ୍ରତିଯୋଗିତା କରାଯିବ ବୋଲି ଘୋଷଣା କରାଗଲା’ ଗମ୍ଭୀର ହୋଇ କହିଲେ ବାପା।

-‘ଜେଜେ, ଏଥର ତ ଠେକୁଆ ନିଶ୍ଚୟ ଜିତିଥିବ।’

-‘ ନା, ଏଥର ବି ନୁହେଁ ।’

-‘କାହିଁକି ଜେଜେ ? ହତାଶ ସ୍ୱରରେ ପଚାରିଲା ପୁଅ।’

- ଶୁଣ ତାହେଲେ। ହନୁ ମାଙ୍କଡ କଥା ଅନୁସାରେ କୁଆ ଏଥର ସବୁକିଛି ନିଜେ ତଦାରଖ କରୁଥିଲା। କଇଁଛ ଭିତରେ କିନ୍ତୁ ଅଗାଧ ବିଶ୍ୱାସ। ଠେକୁଆ ଗତଥର ପରି ନିଶ୍ଚୟ ଶୋଇ ପଡିବ ଏବଂ ଏଥର ବି ତା'ର ଜିତାପଟ ହେବ ବୋଲି ଭାବି ସେ ଖୁବ୍ ଖୁସି ଥିଲା । ବନ୍ଧୁ କାଉକୁ ପାଖରେ ପାଇ ଠେକୁଆ ଖୁବ୍ ଉତ୍ସାହିତ ଥିଲା। ହେଲେ କାଉ ସହ ଅନ୍ୟାନ୍ୟ ଜୀବଜନ୍ତୁ ସଂଶୟରେ ଥିଲେ। କାରଣ କଇଁଛମାନଙ୍କର ସଂଖ୍ୟାକୁ ଲକ୍ଷ୍ୟକରି ଭୋଟ ପାଇବାକୁ ରାଜା ଆଉଥରେ କିଛି ଯେ ନକରି ବସିବେ କେହି କହିପାରିବେ ନାହିଁ।

ପ୍ରତିଯୋଗିତା ଆରମ୍ଭ ହେଲା। ହ୍ୱିସିଲ ବାଜିବା ସଙ୍ଗେ ସଙ୍ଗେ ଦୁହେଁ ଦୌଡିବା ଆରମ୍ଭ କଲେ। ଠେକୁଆ ଖୁବ୍ ଜୋରରେ ଦୌଡି ଢେର ଆଗକୁ ଚାଲିଗଲା । ଆଗଥର ପରି ଛାଇ ଜାଗା ଦେଖି ଟିକିଏ ଅଟକି ପଛକୁ ବୁଲି ଚାହିଁଲା। ଗତଥର ପରି ଠେକୁଆ ଏଥର ନିଶ୍ଚୟ ଶୋଇ ପଡିବ ଭାବି କଇଁଛ ଖୁସି ହୋଇଗଲା। ହେଲେ କ୍ଷଣିକ ମଧ୍ୟରେ ଠେକୁଆ ପୁଣି ଥରେ ଦୌଡିବା ଆରମ୍ଭ କରିଦେଲା। ଆଶାନୁଯାୟୀ ପ୍ରତିଯୋଗିତାରେ ଲକ୍ଷ୍ୟ ଭାବେ ଚିହ୍ନିତ ଥିବା ଗଛ ପାର କରିଗଲା। ସବୁ ପଶୁପକ୍ଷୀ ଖୁସିରେ ବିଭିନ୍ନ ସ୍ୱରରେ ଠେକୁଆକୁ ବଧେଇ ଜଣେଇଲେ।

-‘ଜେଜେ, ଠେକୁଆ ତ ଏଥର ଜିତିଗଲା। ତୁମେ କିନ୍ତୁ ମନା କରୁଥିଲ !’

- ‘ଶୁଣ୍, ଠେକୁଆ ଯଦିଓ ଜିତିଥିଲା, କଇଁଛକୁ ‘ଧୀର ଗତି’ ଜାତି ଆଧାରରେ ନୂଆ ‘ସଂରକ୍ଷଣ’ ବ୍ୟବସ୍ଥା ନିୟମ ଅନୁସାରେ ଏଥରର ବିଜେତା ବୋଲି ଘୋଷଣା କଲେ ରାଜା।

- ‘ଠେକୁଆ ତ ବହୁତ ମନଦୁଃଖ କରିଥିବ ଜେଜେ।’

- ‘ଶୁଣ୍, ପ୍ରଥମ ଥର ‘ଡୋପ୍’ ପ୍ରୟୋଗ ଦ୍ୱାରା ଠେକୁଆ ଜିତିବା ରେସ୍ ହାରିଥିଲା ଏବଂ ଦ୍ୱିତୀୟ ଥର ଡୋପ୍ ପ୍ରୟୋଗ ଦ୍ୱାରା କଇଁଛ ରେସ୍ ଜିତିଥିଲା। ତେଣୁ ସେ ଠେକୁଆ ନ୍ୟାୟରୁ ବଞ୍ଚିତ ହୋଇ ନିଜ ବାସସ୍ଥାନ ଛାଡି ଏବେ ବିଦେଶରେ ରହୁଛି। ସେଠାରେ ଏସବୁ ଅନୀତି ଦୁର୍ନୀତି ଆଦି ହୁଏ ନାହିଁ।




ବାପାଙ୍କ ଠାରୁ ଏ ଗପ ଶୁଣି ଆକାଶର ବିସ୍ଫାରିତ ଆଖିରେ ଲୁହ ଭରି ଆସିଥିବାର ଲକ୍ଷ କଲି। ତାକୁ ବୁଝାଇବାକୁ ପାଖକୁ ଯାଇ କହିଲି, ଜେଜେ ତ ଗପଟିଏ କହୁଥିଲେ। ତୁ ଏମିତି ବ୍ୟସ୍ତ ହୋଇ ପଡୁଛୁ କାହିଁକି ! ଆକାଶ ଥରେ ବାପାଙ୍କ ମୁହଁକୁ ତ ଥରେ ମୋ ମୁହଁକୁ ଚାହିଁଲା ଅବୁଝା ଆଖିରେ..!!!!

+କୁଞ୍ଜବିହାରୀ ଲେନ, କଟକ

## ଅଗ୍ରପୂଜ୍ୟ ଗଜାନନ

ଶୁଭଦର୍ଶିନୀ ଦାଶ

ପାର୍ବତୀନନ୍ଦନ, ଅଗ୍ରପୂଜ୍ୟ ଗଜାନନ
ଆସିବେ ଚଢ଼ି ମୂଷିକ ବାହନ
ଭକ୍ତିପୂତେ ସ୍ମରଣିବା ତାଙ୍କ ଆବାହନ
ଚାରି ହସ୍ତରେ ତାଙ୍କର ଚାରି ଆଭୂଷଣ
ଖାଲି ଆଭୂଷଣ ନୁହେଁ
ଭରି ରହିଛି ସେଥିରେ
ଗଭୀର ଜୀବନ ଦର୍ଶନ ।

ପ୍ରଥମ ହସ୍ତରେ ଜ୍ଞାନର ଅଙ୍କୁଶ ସୂଚାଇଥାଏ
ଜ୍ଞାନ ଆଲୋକରେ ହୋଇ ଆଲୋକିତ
କୁକର୍ମକୁ ସଦା ଜୀବନରୁ
କରିବା ଉଚ୍ଛେଦ ।

ଦ୍ୱିତୀୟ ହସ୍ତରେ ଫାଶ ଅଟେ
ଶୃଙ୍ଖଳାର ପ୍ରତୀକ
ଇଚ୍ଛା ଲାଳସାକୁ ବାନ୍ଧିରଖିବା
ଭୁଲ, ଠିକ ଆଉ ସମୟ ଅସମୟ ପରଖି
କର୍ମ ଯେ କରିବା ।

ତୃତୀୟ ହସ୍ତଟି ଆଶୀର୍ବାଦ
ମୁଦ୍ରାରେ ଶୋଭାପାଏ
ଯାହା ଅଟେ ଦାନର ପ୍ରତୀକ
ଭଲକୁ ଭଲ, ଖରାପକୁ ଖରାପ ବିଚାର
ମନରୁ ଆଡେଇ ଦେବା
ସଭିଙ୍କ ପ୍ରତି ଆମ ଚିନ୍ତାଧାରା ଭଲରଖିବା।

ଚତୁର୍ଥ ହସ୍ତରେରେ ପ୍ରିୟ ମୋଦକ
ତାଙ୍କର ଖୁସିର ପ୍ରତୀକ
ଗଢ଼ିବାରେ ତାକୁ କଷ୍ଟହୁଏ ସିନା ଖାଇବାକୁ
ଭାରି ସୁଆଦିଆ
କଷ୍ଟ କରି ଯେବେ ଭଲ କାମଟି କରିବ
ମିଠା ଫଳଟେ ନିଶ୍ଚୟ ପାଇବ ।

ପ୍ରତି ଆଭୂଷଣ ତାଙ୍କ ଅଟେ ମାର୍ମିକ
ଯେବେ ନିଜ ଗୁଣରେ
ତାକୁ କରିବ ପ୍ରୟୋଗ
ତେବେ ତାଙ୍କ ଆଶୀର୍ବାଦ ସ୍ୱରୂପ
ଭଲ ଫଳ ଫଳିବ ନିଶ୍ଚିତ ।

+ଭୁବନେଶ୍ୱର
୮୨୮୦୩୧୧୦୦୦

## କବିତା

ତୁମ ପାଇଁ

### ଚଗଲା କରିବ ଗଣେଶ ପୂଜା

ଶରତ କୁମାର ଦାସ



ଗଣେଶଙ୍କ ପୂଜା କରିବ ବୋଲି ତ
ଚଗଲା ହରଷେ ଚାହିଁଛି ବସି ,
ସାଇତି ରଖିଛି ଭକତିର ଫୁଲ
ଅଜାଡି ଦେବ ସେ ମୁରୁକି ହସି।

ମାଗିବନି ଜମା ସୁଖ ବଇଭବ
ଅବା ଆକାଶରୁ ପୁନେଇଁ ଜହ୍ନ,
ନିରିମଳ ମନେ ଦୁଇ ହାତ ଯୋଡି
ମାଗିବ ମୁଠାଏ ବିଦିଆ-ଧନ।

ଡାକିବ ନୀରବେ ଦୁଇ ଆଖି ବୁଜି
‘ଆସ ଗଣପତି ଆସ ଏ ଧାମେ,
ସବୁରି ପରାଣେ ଭରିଦେଇ ଖୁସି
ସାହା ହୁଅ ତମେ ପ୍ରତିଟି କାମେ ।’

ମନର କଥାକୁ ଜଣାଇ ଦେବ ସେ
ଧୂପ ଦୀପ ଭୋଗ ଅରପି ଦେଇ,
ଜଗତରେ ତେବେ ହେବ ସୁନାପିଲା
ଦିଅଁଙ୍କର ଶୁଭ ଆଶିଷ ନେଇ ।

ବିଦ୍ୟା ଅଟେ ପରା ମହାଧନ ବୋଲି
ଜାଣିଛି ଏକଥା ଚଗଲା ପୁଣି,
କରିଛି ଶପଥ ଅରଜି ଏ ଧନ
ସାଇତି ରଖିବ ଜ୍ଞାନର ମୁଣି।

ସମାଜର କଇଲାଣ ପାଇଁ ଯେତେ
ସରାଗେ ଏହାକୁ ବିତରି ଦେବ,
ଅଜ୍ଞାନ-ଅନ୍ଧାର ହଟେଇ ଧରାରୁ
କୋଟିଏରେ ସିଏ ଗୋଟିଏ ହେବ ।

ସଭିଏଁ କହିବେ ଚଗଲା ଆମର
ବିଦ୍ୟା ବୁଦ୍ଧି ବଳେ ହୋଇବ ବଡ,
ଗଜାନନଙ୍କର ଶୁଭ କରୁଣାରୁ
ସେ ପରା ସହଜେ ଜିଣିବ ଗଡ ।

+ ଅଧ୍ୟାପକ, ରାଜନୀତି ବିଜ୍ଞାନ ବିଭାଗ
ବଡବିଲ ମହାବିଦ୍ୟାଳୟ, ବଡବିଲ
ଜିଲ୍ଲା-କେନ୍ଦୁଝର
ମୋ-୮୨୪୯୧୩୭୦୯୧

## ନମଃ ନମଃ ଲମ୍ବୋଦର...

ରାମଚନ୍ଦ୍ର ବେହେରା

ଗଉରୀ ନନ୍ଦନ ଆହେ ଗଜାନନ
ଆଗେ ପୂଜା ପାଅ ସଦା
ଅଜ୍ଞାନତା ଆମ ଦୂର କର ପ୍ରଭୁ
ସାଜି ତୁମେ ଜ୍ଞାନଦାତା।
ଭାଦ୍ରବର ଶୁକ୍ଳ ଚତୁର୍ଥୀ ତିଥିରେ
ଆସ ତୁମେ ଆମ ଦେଶ
ମୂର୍ଖକୁ ପଣ୍ଡିତ କରିଥାଅ ପ୍ରଭୁ
ଦୁଃଖ କରିଥାଅ ନାଶ।
ବିଦ୍ୟାରମ୍ଭ କାଳେ ତୁମ ନାମ ନେଲେ
ସଫଳତା ମିଳିଥାଏ
ତୁମ ନାମ ଜପି ଶୁଭ କାମ କଲେ
ବିପଦ କେବେ ନଛୁଏଁ।
ଗାଆଁରୁ ସହର ଉତ୍ସବ ମୁଖର
ପ୍ରଭୁ ତୁମ ଆଗମନେ
ନୂଆ ବସ୍ତ୍ର ପିନ୍ଧି ତୁମକୁ ପୂଜନ୍ତି
ପିଲାଏଁ ହରଷ ମନେ।
ତୁମେ ବିଦ୍ୟାଧର ଜ୍ଞାନର ଭଣ୍ଡାର
ଆରାଧ୍ୟ ଦେବତା ମୋର
ମଂଗଳ ମୂରତି ଆହେ ଗଣପତି
ନମଃ ନମଃ ଲମ୍ବୋଦର।
ପ୍ରଭୁ ବିନାୟକ ତୁମ ପାଦ ତଳେ
କରୁଛି ମୁହିଁ ମିନତୀ
ତୁମ ଜ୍ଞାନ କୃପା ମାଗୁଛି ହେ ପ୍ରଭୁ
ଘେନ ମୋ କୋଟି ପ୍ରଣତି।

+ତେନ୍ତୁଳିପଦା,ଜଗତସିଂହପୁର
ମୋ-୭୩୫୫୬୩୪୩୪୬



## ନମସ୍ତେ ପ୍ରଭୁ ଗଣେଶ

ଲୀଳାବତୀ ପରିଡ଼ା

ନମସ୍ତେ ପ୍ରଭୁ ଗଣେଶ ଗଉରୀ ନନ୍ଦନ,
କରଯୋଡ଼ି ଶିଶୁଗଣ କରୁଛୁ ବନ୍ଦନ।
ବିଦ୍ୟାବର ବିଦ୍ୟାଦାତା ପ୍ରଭୁ ଶ୍ରୀ ଗଣେଶ,
ବିଘ୍ନ ବିନାଶନ ଗଜାନନ ଶ୍ରୀ ବିଘ୍ନେଶ।

ରିଦ୍ଧି ସିଦ୍ଧି ପତିଦେବ ବିଦ୍ୟାର ଭଣ୍ଡାର,
ଅଗ୍ରପୂଜ୍ୟ ଲମ୍ବୋଦର ଶ୍ରୀମୁଖ ସୁନ୍ଦର।
ଭାଦ୍ର ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ତିଥିରେ,
ପୂଜା ପାଅ ଗଣପତି ପୁର ଓ ପଲ୍ଲୀରେ।

ପ୍ରତି ଶିକ୍ଷାନୁଷ୍ଠାନରେ ଗହଳି ଚହଳି
ଘଣ୍ଟ ଘଣ୍ଟି ହରିବୋଲେ ପଡ଼ଇ ଉଚ୍ଛୁଳି।
ହସ୍ତରେ ସର୍ପ ଲିଖନୀ ଯେ ପାଶ ଅଙ୍କୁଶ
ଶୁଭମସ୍ତୁ ମୁଦ୍ରାରେ ଯେ ଦିଅ ହେ ଆଶିଷ।

ଧୂପ ଦୀପ ନୈବେଦ୍ୟ ଯେ ସୁଗନ୍ଧି କୁସୁମ
ପୁଷ୍ପାଞ୍ଜଳି ଦେଇ ସର୍ବେ କରୁଛୁ ପ୍ରଣାମ।
ମୂଷିକ ବାହନ ପରେ ଗିରିଜା ତନୟ
ବିଦ୍ୟା କହି ଦେଉଥିବ ହୋଇଣ ସଦୟ।

+ କୁଟୁଣିଆଁ, ହିନ୍ଦୋଳ, ଢେଙ୍କାନାଳ
(ମୋ) -୯୮୬୧୯୪୫୬୨୬

## ଗୀତା ପାଇଁ ଗୀତଟିଏ

ନୀଳମଣି ଚାନ୍ଦ

ଆ ମେଘ ଘୋଟିଆ
ଦେଖିବୁ ବରଗଛରେ
ଫଳ କେଡ଼େ ଛୋଟିଆ
ଓହଳରେ ଝୁଲିବୁ
ନଇପଠା ଆଡେ ଯାଇ
ଘେରାଏ ତୁ ବୁଲିବୁ।

ଲଟେଇଛି କଖାରୁ
ବଡ଼ ବଡ଼ ଫଳିଛିରେ
ଦେଖ୍ ମେଘ ମଞ୍ଚାରୁ
ଗୀତା ଘର କଣାସ
ଆଗରୁ ତୁ ଆସିଥିଲେ
ଦେଖିଥାନ୍ତୁ ପଣସ।

ଆମ୍ବ ନାହିଁ ତୋଟାରେ
ଖାଲି ଯା' ରହିଛି ଗଛ
ସବୁ ବୁଢା, ମୋଟାରେ
କଦମ୍ବଟି ଫୁଟିଛି
ଶୋଇଥିଲା ବେଙ୍ଗୁଲୀଟା
ଏବେ ଏବେ ଉଠିଛି।

ଆ ମେଘ ଘୋଟିଆ
ନଇ ନାଳ ପାଟ ଆଡ଼େ
ପାଣି ବାଣ୍ଟି ବାଣ୍ଟିଆ
ଝରଝର ଝରିବୁ
ଗଛଲତା ପ୍ରାଣୀଙ୍କର
ଉପକାର କରିବୁ।

+ ଭୁବନେଶ୍ୱର,
ମୋ:୯୫୮୩୨୦୨୩୫୭

# ଜମିରେ ବାଡ଼ ଦେବାକୁ କେନ୍ଦ୍ର କରି ତୀର ମାଡ଼: ଜଣେ ଗୁରୁତର

ମାଲକାନଗିରି, ୧୫/୦୯ (ନି.ପ୍ର): ଭାଇକୁ ତୀରରେ ଆକ୍ରମଣ କଲା ଭାଇ। ଜମି ବିବାଦକୁ କେନ୍ଦ୍ର କରି ନିଜ ବଡ଼ବାପା ପୁଅ ଭାଇ ତୀରରେ ଅନ୍ୟ ଜଣେ ଭାଇକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣର ଶିକାର ହୋଇଥିବା ଆଦିବାସୀ ଯୁବକହେଲେ ବୋଜି ବେଟି। ସେ ଏବେ ଗୁରୁତର ଅବସ୍ଥାରେ ଏମଭି ୭୯ ଡାକ୍ତରଖାନାରେ ଭର୍ତ୍ତି ହୋଇ ଚିକିତ୍ସିତ ହେଉଛନ୍ତି। ମୋଟୁ ପୁଲିସ ଘଟଣାସ୍ଥଳରେ ପହଂଚି ତଦନ୍ତ ଆରମ୍ଭ କରିଥିବାର ସୂଚନା ମିଳିଛି। ମିଳିଥିବା ତଥ୍ୟ ଅନୁସାରେ, ମୋଟୁ ଥାନା ଅନ୍ତର୍ଗତ ମାଲାଭରମ୍ ପଂଚାୟତର କମାରଗୁଡା ଗ୍ରାମରେ ଆଜି ଏପରି ଅଭାବନୀୟ ଘଟଣା ଘଟିଛି। ଜମିରେ ବାଡ଼ ଦେବାକୁ କେନ୍ଦ୍ର କରି ବୋଜି ବେଟିଙ୍କ ଉପରେ ତାଙ୍କର ସମ୍ପର୍କୀୟ ଭାଇ ତୀର ମାଡ଼ କରିଥିଲା। ବୋଜିର ହାତରେ ୩ଟି ତୀର ପଶି ଯାଇଥିବା ବେଳେ ପିଠିରେ ଗୋଟିଏ ତୀର ବାଜିଛି। କାଲିମେଳାରେ ଲଗାଣ ବର୍ଷା ଯୋଗୁ ଏମଭି ୯୬ ବ୍ରିଜ ଉପରେ ବନ୍ୟା ଜଳ ପ୍ରବାହିତ ହେବାରୁ ଜାତୀୟ ରାଜପଥରେ ଯାତାୟାତ ବନ୍ଦ ହୋଇଯାଇଛି। ଏହି କାରଣରୁ ଗୁରୁତର ବୋଜିଙ୍କୁ ମାଲକାନଗିରି ମେଡିକାଲ ନେବା ସମ୍ଭବ ନହେବାରୁ ଏମଭି -୭୯ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବାର ଜଣାପଡିଛି। ଏ ସମ୍ପର୍କରେ ମୋଟୁ ପୁଲିସ କମାରଗୁଡା ଗ୍ରାମକୁ ତଦନ୍ତ କରିବାକୁ ଯାଇଛି ବୋଲି ମୋଟୁ ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ମା' ଗୃହର ୧୧ତମ ପ୍ରତିଷ୍ଠା ଦିବସରେ ପୋଷଣ ବିଷୟରେ ଆଲୋଚନା ଚକ୍ର

କନ୍ଧମାଳ, ୧୫/୦୯ (ନି.ପ୍ର): ବାଲନ୍ଦାପଡା ଠାରେ ସ୍ୱାତୀ ଅନୁଷ୍ଠାନ ଦ୍ୱାରା ପରିଚାଳିତ ମା ଗୃହର ୧୧ତମ ପ୍ରତିଷ୍ଠା ଦିବସ ଅବସରରେ ପୋଷଣ ସମ୍ପର୍କିତ ଏକ ଆଲେଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ପାଂଚ ଗୋଟି ପଂଚାୟତ ତଥା ବାଲନ୍ଦାପଡା, ଲୁଇସିଂ, କୋଏରମାଣ୍ଡୁ, ପକାରୀ ଓ ପାହିରାଜୁ ଅଂଚଳରୁ ଗର୍ଭବତୀ ଓ ପ୍ରସୁତୀ ମା'ମାନଙ୍କ ସହିତ କିଶୋର, ସ୍ୱାସ୍ଥ୍ୟକର୍ମୀ, ସ୍ୱୟଂସହାୟକ ଗୋଷ୍ଠୀର ମା'ମାନେ ଯୋଗଦେଇ ପୋଷଣ ବିଷୟରେ ଆଲେଚନା କରିଥିଲେ। ମା'ମାନେ ତାଙ୍କ ନିଜ ପ୍ରସ୍ତୁତି ଖାଦ୍ୟ ଓ ବିଭିନ୍ନ ପନିପରିବାର ଏକ ଖାଦ୍ୟ ପ୍ରଦର୍ଶନୀ କରିଥିଲେ। ମା'ଶିଶୁମାନେ କିପରି କୁପୋଷଣରେ ଶିକାର ହେଉଛନ୍ତି ଓ ତାହାର ନିରାକରଣ ଉପରେ ଆଲେଚନା ଚକ୍ରର ମୁଖ୍ୟ ଉଦେଶ୍ୟ ଥିଲା। ଘରେ କିପରି ମା'ମାନେ ପଛରେ ବଳକା ଖାଦ୍ୟ ଗ୍ରହଣ କରିବା ଏକ ବ୍ୟବସ୍ଥା, ଯାହାପାଇଁ ବହୁତ ସ୍ଥଳେ ଗର୍ଭବତୀ ଓ ପ୍ରସୂତୀ ମା'ମାନେ ଉପଯୁକ୍ତ ପୋଷଣ ଖାଦ୍ୟରୁ ବଂଚିତ ହୁଅନ୍ତି, ଏ ବିଷୟରେ ସ୍ୱାତୀର ସମ୍ପାଦକ ଇଂ.ହରିଶଙ୍କର ରାଉତ କହିଥିଲେ। ୩ ହଜାରରୁ ଅଧିକ ମା'ମାନଙ୍କୁ ଦୀର୍ଘ ୧୧ବର୍ଷ ଏହି ଅଂଚଳରେ ସେବା ଯୋଗାଇଦେବାରେ ସ୍ୱାତୀର ପ୍ରୟାସକୁ ଫିରିଙ୍ଗିଆ ପଂଚାୟତର ଉପାଧ୍ୟକ୍ଷ ଅଜିତ ସାହୁ ପ୍ରସଂଶା କରିଥିବାବେଳେ ପୂର୍ବତନ ପଂଚାୟତ ପ୍ରତିନିଧି ସସ୍ମିତା ଦିଗାଳ ନିଜର ନିଜସ୍ୱ ଅନୁଭୂତି ମା'ମାନଙ୍କ ସହିତ ଆଲୋଚନା କରିଥିଲେ। ବାଲନ୍ଦାପଡ଼ା ସ୍ୱାସ୍ଥ୍ୟକେନ୍ଦ୍ରର ଡା. ରାକେଶ କୁମାର ବିଶ୍ୱାଳ ରକ୍ତହୀନତା, ମା' ଓ ଶିଶୁଙ୍କ ଉପଯୁକ୍ତ ପୋଷଣ ଖାଦ୍ୟ ବିଷୟରେ କହିଥିଲେ। ଖାଦ୍ୟ ସହିତ ଯୋଡ଼ି ହୋଇଥିବା ଅନ୍ଧବିଶ୍ୱାସ ଓ ଖାଦ୍ୟ ପରିଚାଳନା ଉପରେ ଗୋପାଳ କୃଷ୍ଣ ଡାକୁଆ ତାଙ୍କ ଅଭିଭାଷଣରେ ମାଧ୍ୟମରେ ମତବ୍ୟକ୍ତ କରିଥିଲେ। ଲୁଇସିଂର ପଂଚାୟତ ପ୍ରତିନିଧି ଜନନୀ ରଣା ମା'ମାନେ ଘରେ ନିଜର ଛୋଟ ଜାଗାରେ କିପରି ପାକଶାଳା ବଗିଚା କରି କମ୍ ମୂଲ୍ୟରେ ସବୁଜ ପନିପରିବା ଖାଇବା ଉଦାହରଣ ଦେଇଥିଲେ। ସ୍ୱାତୀ ଓ କ୍ରାଏ ଅନୁଷ୍ଠାନ ସହଯୋଗରେ ସବୁ ଆଗ୍ରହହୀ ମା'ମାନଙ୍କୁ ୬ ପ୍ରକାର ପନିପରିବା ମଞ୍ଜି ମାଗଣାରେ ପାକଶାଳା ବଗିଚା କରିବା ପାଇଁ ଏକ ଅଭିଯାନରେ ସାମିଲ ହେବା ପାଇଁ ସ୍ୱାତୀର ସଂପାଦକ ହରିଶଙ୍କର ରାଉତ କହିଥିଲେ। ଏହାର ଉଦେଶ୍ୟ ହେଉଛି ମା, ଶିଶୁ, କିଶୋରୀ, ପରିବାରର ଅନ୍ୟ ସଦସ୍ୟ କିପରି କମ୍ ଖର୍ଚ୍ଚରେ ପୋଷକଯୁକ୍ତ ସବୁଜ ପନିପରିବା ସବୁସମୟରେ ଖାଇପାରିବେ। ବୈକୁଣ୍ଠ ଦାସ ମାନସିକ ସ୍ୱାସ୍ଥ୍ୟ ବିଷୟରେ କହି ଲୋକମାନଙ୍କ ମଧ୍ୟରେ ଜନ ସଚେତନତା ସୃଷ୍ଟି କରିଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଏକ ରାଲି ମାଧ୍ୟମରେ ପୋଷଣ ସଚେତନତା କରାଯାଇଥିଲା। ମା'ଗୃହର ୧୧ତମ ପ୍ରତିଷ୍ଠା ଦିବସ କେକ୍ କାଟି ଅତିଥିମାନେ ମା'ଗୃହର ଅନ୍ତେବାସୀଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମ ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ କ୍ରାଏର ମିଳିତ ସହଯୋଗରେ କରାଯାଇଥିଲା।

# କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ରୋକିବା ନେଇ ଆଇନ ସଚେତନତା ଶିବିର

ଜୟପୁର , ୧୫/୦୯ (ନି.ପ୍ର): ଆଜି ଜିଲ୍ଲା ଜଜ ତଥା ଅଧକ୍ଷ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ନିର୍ଦ୍ଦେଶକ୍ରମେ "କର୍ମକ୍ଷେତ୍ରରେ ମହିଳାଙ୍କ ଯୌନ ନିର୍ଯାତନା ଆଇନ ରୋକିବା" ସକାଶେ ଜିଲ୍ଲା ନ୍ୟାୟଳୟ, ଜୟପୁର ଠାରେ ଏକ କାର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଜଜ ତଥା ଅଧକ୍ଷ୍ୟ, ଜିଲ୍ଲା ଆଇନ ସେବା ପ୍ରାଧିକରଣ, ଜୟପୁର ସତ୍ୟ ନାରାୟଣ ମିଶ୍ର, ବିଚାରପତି, ପରିବାର ଅଦାଲତ, ଜୟପୁର ପବିତ୍ର ମୋହନ ସାମଲ, ବରିଷ୍ଠ ଦେବାନି ବିଚାରପତି(ମହିଳା ଅଦାଲତ), ଜୟପୁର ଶ୍ରୀମତୀ ଅଞ୍ଜଳି ମାଛଖଣ୍ଡ, ବରିଷ୍ଠ ଦେବାନି ବିଚାରପତି, ଜୟପୁର, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତ ବିଚାରପତି, ଜୟପୁର ଶ୍ରୀ ସୁମନ ଜେନା, ଶ୍ରୀମତୀ ରେଖାରଣୀ ପଣ୍ଡା, ପ୍ରଥମ ଶ୍ରେଣୀ ବିଚାର ବିଭାଗ ବିଚାରପତି, ଜୟପୁର ଶ୍ରୀ ଆଦର୍ଶ କୁମାର ବେହେରା, ଜିଲ୍ଲା ଓକିଲ ସଂଘ ସଭାପତି ଶ୍ରୀ ବିରେଶ କୁମାର ପଟ୍ଟନାୟକ ତଥା ଓକିଲ ସଂଘର ଅନ୍ୟାନ୍ୟ ସଦସ୍ୟ ଏବଂ ଜିଲ୍ଲା କୋର୍ଟର କର୍ମକର୍ତ୍ତା। ତତ ସହିତ ଜିଲ୍ଲା ଅଦାଲତର ସମସ୍ତ କର୍ମକର୍ତ୍ତା ଆଦି ପ୍ରମୁଖ ଉପସ୍ଥିତ ରହିଥିଲେ ।

# କାଗଜ କଳ ଶ୍ରମିକ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

ଜୟପୁର , ୧୫/୦୯ (ନି.ପ୍ର): ଆଜି କାଗଜ କଳ ଶ୍ରମିକ ସଂଘ ର ଏକ ଜରୁରୀ ବୈଠକ ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତି ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଗତ ଦୁଇ ମାସ ଧରି କାଗଜ କଳ ବନ୍ଦ ରହିଛି ଏବଂ ଶ୍ରମିକମାନଙ୍କ ତିନି ମାସର ଦରମା ବାକି ରହିଛି । ଇତି ମଧ୍ୟରେ ଦିଲ୍ଲୀ ରୁ ଜଣେ ଅଧିକାରୀ ଏମ୍ କେ ଗୁପ୍ତା ଆସି କାରଖାନା କୁ କଞ୍ଚାମାଲ ଯୋଗାଉଥିବା ଭେଣ୍ଡର୍ ମାନଙ୍କ ସହ ଆଲୋଚନା କରିଛନ୍ତି। କିନ୍ତୁ ସବିଶେଷ ତଥ୍ୟ ଅନୁସାରେ ଆଲୋଚନା ଫଳପ୍ରଦ ହୋଇନି , ଭେଣ୍ଡର୍ ମାନଙ୍କୁ ବକେୟା ଅର୍ଥ ମିଳିନାହିଁ ଏବଂ ଉକ୍ତ ଅଧିକାରୀ ଦିଲ୍ଲୀ ଫେରି ଯାଇଛନ୍ତି। ସେ ମଧ୍ୟ ୟୁନିଅନର ପ୍ରତିନିଧି ମାନଙ୍କ ସହ ଆଲୋଚନା କରିଥିଲେ । ଏହି ମାସ ମଧ୍ୟରେ ଉତ୍ପାଦନ ଆରମ୍ଭ ହେବ ବୋଲି କହିଛନ୍ତି । କିନ୍ତୁ ଏବେବି ସ୍ଥିତି ଅସ୍ପଷ୍ଟ ରହିଛି । ୨୦୨୦ ଫେବୃଆରୀ ୨୬ ରୁ କାରଖାନା ହାଇଦ୍ରାବାଦ ସ୍ଥିତ ମଦର୍ ଆର୍ଥ୍ କମ୍ପାନୀ କୁ ବିକ୍ରି ହୋଇଛି କିନ୍ତୁ ଆଜି ପର୍ଯ୍ୟନ୍ତ ମ୍ୟାନେଜମେଣ୍ଟ ଦିଲ୍ଲୀ ରୁ ପୁରୁଣା ମାଲିକ ଗୌତମ ଥାପର ଅଧିନରେ ଥିବା ଅଧିକାରୀ ମାନେ ହିଁ କରୁଛନ୍ତି । ଏହି କାରଖାନା ନାମରେ ୧୫୦ କୋଟି ଟଙ୍କା ଋଣ ନେଇ ସେଥିରୁ ଗୌତମ ଥାପର ୧୦୦ କୋଟି ନେଇଥିବା କଥା ଉକ୍ତ ଏମ୍ କେ ଗୁପ୍ତା ହିଁ ୟୁନିଅନ ମିଟିଂ ରେ କହିଥିଲା । ବର୍ଷକ ପରେ ଆସି ପୁଣି ପୁରୁଣା କଥା ଦୋହରାଇଛି ଯେ ପାଣ୍ଠି ଯୋଗାଡ ହେଉଛି, ଚାଲିବ । ୟୁନିଅନର ପ୍ରତିନିଧି ମାନଙ୍କୁ କହିଛି ନୂଆ ନିଯୁକ୍ତି ପତ୍ର ପ୍ରଦାନ କରାଯିବ । ୟୁନିଅନ ସଦସ୍ୟ ମାନେ ସମସ୍ତଙ୍କୁ ଦେୟ ଦେଇ ବାହାର କରି ନୂଆ ଶ୍ରମିକ ରଖ ବୋଲି କହିବାରୁ କଥାକୁ ଏଡାଇ ସହଯୋଗ କର ବୋଲି କହିଥିଲା । ଚାରି ବର୍ଷ ହେଲା ପରେ ବି ସହଯୋଗ କର କହିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଛି । ସମ୍ପୁର୍ଣ୍ଣ ଘଟଣା ରହସ୍ୟମୟ ହୋଇ ରହିଛି। ଏଣୁ ଏ କାରଖାନା କୁ ଚଲେଇବା ପାଇଁ ରାଜ୍ୟ ସରକାର ତୁରନ୍ତ ହସ୍ତକ୍ଷେପ କରିବାକୁ ଦାବି ସଂଘ ପକ୍ଷରୁ ଦାବି ହୋଇଛି । ଆସନ୍ତା ବିଧାନସଭା ଅଧିବେଶନ ବେଳେ ଭୁବନେଶ୍ୱର ଯାଇ ଧାରଣା ବିକ୍ଷୋଭ ସଂଗଠିତ କରାଯିବ ଏବଂ ବିଭାଗୀୟ ମନ୍ତ୍ରୀ ଓ ସଚିବଙ୍କୁ ସାକ୍ଷାତ କରାଯିବ ବୋଲି ସଭାପତି ଶ୍ରୀ ପ୍ରମୋଦ କୁମାର ମହାନ୍ତି ପ୍ରକାଶ କରିଛନ୍ତି । ଆଜିର ବୈଠକରେ ସାଧାରଣ ସମ୍ପାଦକ ଶ୍ରୀ ପ୍ରଦୀପ ପାଣ୍ଡିଆ ଆଲୋଚନା ର ବୀବରଣୀ ପ୍ରଦାନ କରିଥିଲେ ।

# ସହିଦ ଯବାନ ସଂଗ୍ରାମଙ୍କୁ ଅଶ୍ରୁ ପୂର୍ଣ୍ଣ ଶ୍ରଦ୍ଧାଞ୍ଜଳୀ

କେନ୍ଦ୍ରାପଡ଼ା, ୧୫/୦୯ (ନି.ପ୍ର): କେନ୍ଦ୍ରାପଡା ସହର ସୁନାଇଲୋର ସଂଗ୍ରାମ ମହାନ୍ତି(୪୩) ଗତ ବୁଧବାର ଦିନ ଛତିଶଗଡ କ୍ୟାମ୍ପରେ ପ୍ରଶିକ୍ଷଣ ନେଉଥିବା ବେଳେ ସେଠାରେ ହୃତ୍‌ଘାତରେ ପରଲୋକ ହୋଇଯାଇଛି । ସିଆରପିଏଫ୍‌ରେ ଯବାନ ଭାବେ ଯୋଗଦେଇ ବିଭିନ୍ନ ସ୍ଥାନରେ ସଫଳତାର ସହ କାର୍ଯ୍ୟ କରିଛନ୍ତି । ନିକଟରେ ତାଙ୍କର ଛତିଶଗଡକୁ ବଦଳି ହୋଇଥିଲା । ତାଙ୍କୁ ସ୍ଥାନୀୟ ମେଡିକାଲରେ ଭର୍ତ୍ତି କରାଯାଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଆଜି ଅପରାହ୍ନରେ ମରଶରୀର କେନ୍ଦ୍ରାପଡା ସହରରେ ପହଁଚିଛି । ତିନିମୂହାଣୀ ଠାରେ ତାଙ୍କର ମର ଶରୀର ପହଂଚିବା ପରେ ପୂର୍ବତନ ସୈନିକ ସଂଘ ତରଫରୁ ସଂଘ ସଭାପତି କ୍ୟାପଟେନ ସୁରେନ୍ଦ୍ର କୁମାର ସାହୁ, ସମ୍ପାଦକ ସୁବେଦାର ବୀରବର ପାତ୍ର, ଅକ୍ଷୟ ସାହୁ, ହାବିଲଦାର ପ୍ରଫୁଲ୍ଲ ଉପଧ୍ୟାୟ, ଅମର ଦାସ, ନୌସନିକ ସନାତନ ସାହୁ, ମହେଶ୍ୱର କର ଶ୍ରଦ୍ଧାଞ୍ଜଳୀ ଦେଇଥିଲେ । ଏହାପରେ ତିନିମୂହାଣୀ ଠାରୁ ଏକ ବିରାଟ ଶୋଭାଯାତ୍ରାରେ ସହର ପରିକ୍ରମା କରି ତାଙ୍କ ବାସ ଭବନରେ ପହଁଚିବା ପରେ ରଣପଡା ଶ୍ମସାନରେ ତାଙ୍କର ଶେଷ କୃତ୍ୟ କରାଯାଇଥିଲା । ତାଙ୍କର ସାନଭାଇ ସମ୍ବିତ ମହାନ୍ତି ମୁଖାଗ୍ନୀ ଦେଇଥିଲେ । ବିଧାୟକ ଶଶି ଭୂଷଣ ବେହେରା, ପୂର୍ବତନ ବିଧାୟକ କିଶୋର ତରାଇ, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଚିନ୍ମୟ ବେହୁରା, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ଯଜାତି ମହାନ୍ତି, ସମାଜସେବୀ ରାଜେଶ ପଣ୍ଡା, ବିଜୟ ମଣ୍ଡଳ ପ୍ରମୁଖ ବହୁ ନେତୃ ସ୍ଥାନୀୟ ବ୍ୟକ୍ତି ଓ ତାଙ୍କର ସହପାଠୀ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ । ରଣପଡା ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

# ଆଇନସେବା ପ୍ରାଧିକରଣ ତରଫରୁ ସଚେତନତା ଶିବିର

କେନ୍ଦ୍ରାପଡ଼ା, ୧୫/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ତରଫରୁ ଜିଲ୍ଲା କୋର୍ଟ ପରିସର ରେ ଏକ ସଚେତନତା ଶିବିର ଅନଷ୍ଠିତ ହୋଇ ଯାଇଛି । ଜିଲ୍ଲା ଓ ଦୌରାଜଜ ତଥା ପ୍ରାଧିକରଣର ଅଧକ୍ଷ ବିଶ୍ୱଜିତ ମହାନ୍ତଙ୍କ ଅଧକ୍ଷତାରେ କର୍ମ କ୍ଷେତ୍ରରେ ହେଉଥିବା 'ଯୌନ ଉତ୍‌ପିଡନ' ରୋକିବା ଉଦ୍ଦେଶ୍ୟରେ ଏହି ସଚେତନତା ଶିବିର ଅନୁଷ୍ଠିତ ହୋଇଛି । ଏଥିରେ ସରକାରୀ ଓ ବେସରକାରୀ କର୍ମକ୍ଷେତ୍ରରେ ହେଉଥିବା 'ଯୌନ ଉତ୍‌ପିଡନ' ସମସ୍ୟା ଉପରେ ଶ୍ରୀ ମହାନ୍ତି ବିଶେଷ ଭାବେ ଆଲୋକପାତ କରିଥିଲେ । ପରିବାର ଅଦାଲତର ବିଚାରପତି ବିକାଶ ଚନ୍ଦ୍ର ଦେ, ଅତିରିକ୍ତ ଜିଲ୍ଲାଜଜ ଅକ୍ଷୟ କୁମାର ପ୍ରଧାନ, ଅତିରିକ୍ତ ଜିଲ୍ଲାଜଜ (ପୋକ୍ସୋ) ପ୍ରଣତୀ ପଟ୍ଟନାୟକ, ରେଜିଷ୍ଟ୍ରାର ଶ୍ରୀମତୀ ରମାଦେବୀ ସୋରେନ, ଏସ୍‌ଡିଜେଏମ ଲିପାପୁଷ୍ପା ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାଜଜ ସ୍ନିଗ୍ଧା ପଣ୍ଡା ପ୍ରମୁଖ ନିଜ ନିଜର ବକ୍ତବ୍ୟ ରଖିଥିଲେ । ପ୍ରାଧିକରଣ ସଚିବ ସୁମିତ୍ରା ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ଏଥିରେ ସମସ୍ତ କର୍ମଚାରୀ ଅଂଶ ଗ୍ରହଣ କରିଥିଲେ ।

# ଖଟିଖିଆ ପରିବାରର ପୁଅର ଚିକିତ୍ସା ପାଇଁ ଅର୍ଥ ବାଧକ

କନ୍ଧମାଳ, ୧୫/୦୯ (ନି.ପ୍ର): ପୁଅ ପାଠ ପଢି ଚାକିରି କରିବ, ଆଉ କିଛି ରୋଜଗାର କରି ଘରର ଦାୟିତ୍ୱ ନେବ ବୋଲି ଆଶା ରଖିଥିଲେ ଗରିବ ବାପା ମାଆ। ହେଲେ ପୁଅ ଏବେ ରୋଗରେ ପଡି ଶଯ୍ୟାଶାୟୀ। ଆଜିକୁ ଦେଢ ବର୍ଷ ହେଲା ପେଟ ରୋଗରେ ପୀଡିତ। ପୁଅର ଚିକିତ୍ସା ପାଇଁ ଏ ଡାକ୍ତରଖାନାରୁ ସେ ଡାକ୍ତରଖାନାକୁ ନେଇ ବାପା ବହୁ ଅର୍ଥ ଖର୍ଚ୍ଚ କରିସାରିଲେଣି, କିନ୍ତୁ କୌଣସି ସୁଫଳ ମିଳିନାହିଁ। ଯାହା ସଂଚିତ ଧନ ଥିଲା ତାହା ଔଷଧପତ୍ରରେ ସରିଲା। ଅର୍ଥ ଅଭାବରୁ ଏବେ ପୁଅକୁ ଚିକିତ୍ସା କରିବା ପାଇଁ ଅକ୍ଷମ ବାପା ସରକାରୀ ସହାୟତା ପାଇଁ ଗୁହାରି କରୁଛନ୍ତି। ପୁଅ ପାଠ ପଢ଼ି ରୋଜଗାର କରିବ ଆଉ ପରିବାରର ଦାୟିତ୍ୱ ନେବ ବୋଲି ଆଶା ରଖିଥିଲେ ବାପା ରଞ୍ଜିତ ମୁଖୀ, କିନ୍ତୁ ପୁଅ ନୃସିଂହ ମୁଖୀ ପେଟ ରୋଗ ହୋଇ ଶଯ୍ୟାରେ ପଡ଼ିଥିବାରୁ ବାପା ଏବେ ଚିନ୍ତାରେ। କନ୍ଧମାଳ ଜିଲା ଫୁଲବାଣୀ ସଦର ମହକୁମା ମା ମଙ୍ଗଳା ସାହିର ରଞ୍ଜିତ ମୁଖୀଙ୍କ ଦୁଇ ପୁଅ ଗୋଟଏ ଝିଅ। ବାପା ଦିନ ମଜୁରିଆ ଭାବେ କାମ କରି ପରିବାର ପ୍ରତିପୋଷଣ କରନ୍ତି। କିନ୍ତୁ, ଘରର ବଡ଼ ପୁଅ ନୃସିଂହ ଦେଢ ବର୍ଷ ହେଲା ପେଟରୋଗରେ ପୀଡିତ ହୋଇ ଘରେ ପଡ଼ିଛନ୍ତି। ବାପା ରଞ୍ଜିତ ନିଜ ଖର୍ଚ୍ଚରେ ବ୍ରହ୍ମପୁର ଠାରୁ କଟକ ନେଇ ଚିକିତ୍ସା କରିଥିଲେ, କିନ୍ତୁ କୌଣସି ସୁଫଳ ମିଳିଲା ନାହିଁ। ବାପା ଦିନ ମଜୁରିଆ ହୋଇଥିବାରୁ ସଂଚିତ କରିଥିବା ଅର୍ଥ ସରି ଯାଇଛି। ପୁଅର ଚିକିତ୍ସା ପାଇଁ ଅର୍ଥର ଆବଶ୍ୟକତା ରହିଛି। ବହୁ କଷ୍ଟରେ ନୃସିଂହ ଯୁକ୍ତ ଦୁଇ ପାଠ ପଢୁଥିଲା, କିନ୍ତୁ କିଛି ଦିନ ପରେ ଜଣାପଡିଲା ଯେ ନୃସିଂହ ପେଟରେ ଅଜଣା ରୋଗ ହୋଇଛି। ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶ ନେଇ ମଧ୍ୟ ରୋଗ ଭଲ ହୋଇନାହିଁ। ଦିନକୁ ଦିନ ପେଟ ଯନ୍ତ୍ରଣା ବଢି ଚାଲିଲା। ଏହା ପରେ ବାହାରକୁ ଚିକିତ୍ସା ପାଇଁ ଗଲେ ନୃସିଂହ। ଡାକ୍ତରଙ୍କ ପରାମର୍ଶ ନେବା ପରେ ନୃସିଂହଙ୍କ ଖାଦ୍ୟ ନଳୀରେ କୌଣସି ଅସୁବିଧା ଥିବା ଯୋଗୁ ଏଭଳି ହୋଇଥିବା ଡାକ୍ତର କହିଥିଲେ। ଅତିଶୀଘ୍ର ଅସ୍ତ୍ରୋପଚାର କରିବାକୁ ପଡ଼ିବ ଏବଂ ଅସ୍ତ୍ରୋପଚାର ପାଇଁ ପର୍ଯ୍ୟାପ୍ତ ଅର୍ଥ ଆବଶ୍ୟକ ଥିବା ଯୋଗୁ ଏବେ ନିରୁପାୟ ହୋଇଛନ୍ତି ବାପା। ଦିନ ମଜୁରିଆ କାର୍ଯ୍ୟ କରି ପରିବାର ପ୍ରତିପୋଷଣ କରୁଛନ୍ତି। କିନ୍ତୁ ପୁଅର ଚିକିତ୍ସା ପାଇଁ ସଂଚିତ କରିଥିବା ଅର୍ଥ ଖର୍ଚ୍ଚ କରିଥିବା ଯୋଗୁ ହାତରେ ପଇସାଟିଏ ବି ନାହିଁ । ରଞ୍ଜିତ ମୁଖୀଙ୍କର ଏଭଳି ଦୁଃଖ ଦେଖି ସାହିରେ ରହୁଥିବା ପଡୋଶୀ କିଛି ଅର୍ଥ ସଂଗ୍ରହ କରି ନୃସିଂହଙ୍କ ଚିକିତ୍ସା ପାଇଁ ଦେଇଛନ୍ତି। କିନ୍ତୁ ଅସ୍ତ୍ରପଚାର ପାଇଁ ଅନେକ ଗୁଡିଏ ଟଙ୍କା ଆବଶ୍ୟକ ଏଣୁ, ସରକାର କିମ୍ୱା ସହୃଦୟ ବ୍ୟକ୍ତି, ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ସହଯୋଗର ହାତ ବଢ଼ାଇଲେ ନୃସିଂହ ସୁସ୍ଥ ହୋଇପାରନ୍ତା ବୋଲି କହିଛନ୍ତି ତାଙ୍କ ବାପା।

# ୭ କିମି ପାହାଡ଼ ଓହ୍ଲାଇଲେ ସ୍କୁଲ, ଅଙ୍ଗନବାଡ଼ି: ପାଣି ପାଇଁ ଯାଆନ୍ତି ୩ କିମି



ଫୁଲବାଣୀ, ୧୫/୦୯ (ନି.ପ୍ର): ସମୁଦ୍ର ପତନଠାରୁ ୨ ହଜାର ଫୁଟ ଉଚ୍ଚତାରେ ପାହାଡ଼ ଉପରେ ଥିବା କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ବ୍ଲକ୍ ଲୁଇସିଂ ପଞ୍ଚାୟତ ଅନ୍ତର୍ଗତ ପାର୍କାଡ଼ି ଗ୍ରାମବାସୀ ସମସ୍ତ ମୌଳିକ ସୁବିଧାରୁ ବଂଚିତ ହୋଇଛନ୍ତି। ଗାଁଟି କନ୍ଧମାଳ ଫୁଲବାଣୀଠାରୁ ପ୍ରାୟ ୧୫୦ କିଲୋମିଟର ଦୂରରେ ଏବଂ ଫିରିଙ୍ଗିଆ ବ୍ଲକ ସଦର ମହକୁମାଠାରୁ ୯୦ କିଲୋମିଟର ଦୂରରେ ରହିଛି। ଲୁଇସିଂ ଠାରୁ ଏହି ଗାଁକୁ ରାସ୍ତା ନାହିଁ। ପଞ୍ଚାୟତ ସଦର ମହକୁମା ଠାରୁ ଏହି ଗାଁର ଦୂରତା ୧୨ କିମି ବୋଲି ଜଣାପଡ଼ିଛି। ପାହାଡ଼ ଉପରେ ଥିବା ପାର୍କାଡ଼ିରେ ବିକ୍ଷିପ୍ତ ଭାବେ ୨୫ ପରିବାର କନ୍ଧ ସମ୍ପ୍ରଦାୟର ଆଦିବାସୀ ବାସ କରନ୍ତି। ଗାଁର ଲୋକ ସଂଖ୍ୟା ୧୫୦। ଦୁର୍ଭାଗ୍ୟର କଥା ହେଲା, ଏହି ଗାଁରେ ଆଜିର ଦିନରେ ସ୍କୁଲ ଏବଂ ଅଙ୍ଗନବାଡ଼ି ନାହିଁ। ଗାଁର ପିଲାମାନେ ପାହାଡ଼ ତଳକୁ ଓହ୍ଲାଇ ୭ କିଲୋମିଟର ଚାଲିବା ପରେ ନିକଟସ୍ଥ ଅନ୍ୟ ଏକ ଗାଁ ଲାଠିକୁମ୍ପାରେ ଥିବା ପ୍ରାଥମିକ ବିଦ୍ୟାଳୟରେ ପାଠ ପଢ଼ିଥାନ୍ତି। ଆଜି ପର୍ଯ୍ୟନ୍ତ ଏ ଗାଁର ଜଣେ ହେଲେ ପିଲା କଲେଜ ପର୍ଯ୍ୟନ୍ତ ଯାଇପାରିନାହାନ୍ତି। ଗାଁକୁ ଆଜି ପର୍ଯ୍ୟନ୍ତ ବିଜୁଳି ସଂଯୋଗ ହୋଇନାହିଁ। ଗାଁରେ ନଳକୂପ କିମ୍ୱା କୂଅ ନାହିଁ। ଫଳରେ ପିଇବା ପାଣି ଟୋପାଏ ପାଇଁ ଗାଁର ମହିଳାମାନେ ୩ କିଲୋମିଟର ଦୂର ଏକ ଜଙ୍ଗଲୀ ନାଳ ରାବି ମାଉଲିରୁ ପିଇବା ପାଣି ସଂଗ୍ରହ କରିଥାନ୍ତି। ଏହି ଗାଁରେ କେହି ରୋଗରେ ପଡ଼ିଲେ ଦୋଳାରେ ଲୁଇସିଂ ପର୍ଯ୍ୟନ୍ତ ୧୨ କିଲୋମିଟର ବୋହି ବୋହି ନେବାକୁ ପଡ଼ିଥାଏ। କୌଣସି ସରକାରୀ ବାବୁ କିମ୍ୱା ରାଜନେତା ଏ ଗାଁକୁ ଆସି ନଥାନ୍ତି। ଅନ୍ୟପଟେ ଏହି ଗାଁର କୌଣସି ଜଣେ ଆଦିବାସୀ ପରିବାରକୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ନ ମିଳି ନାହିଁ ବୋଲି କହିଛନ୍ତି ଗାଁର ୱାର୍ଡମେମ୍ବର ଗଲିଶା କହଁର। ରାସନ, ଚିନି, ମାଟିତେଲ, ଚାଉଳ ପାଇଁ ମଧ୍ୟ ୭ କିଲୋମିଟର ଚାଲିଚାଲି ଯିବାକୁ ପଡ଼ିଥାଏ ବୋଲି ଗାଁଲୋକେ ସୂଚନା ଦେଇଛନ୍ତି।

# ଶିକ୍ଷକ ସମାଜର ଦାବି ତୁରନ୍ତ ପୂରଣ କରିନେବା ଉଚିତ୍

ସମ୍ବଲପୁର, ୧୫/୦୯ (ନି.ପ୍ର): ସମ୍ବଲପୁର ଭୂତାପଡ଼ା ଛକ ସ୍ଥିତ ବିଇଓ କାର୍ଯ୍ୟାଳୟ ଠାରେ ଚାଲୁଥିବା ପ୍ରାଥମିକ ଶିକ୍ଷକଙ୍କ ଆନ୍ଦୋଳନ ସ୍ଥଳରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ପହଂଚି ଆନ୍ଦୋଳନକୁ ସମର୍ଥନ ଜଣାଇବା ସହ ଦେଶର ଭବିଷ୍ୟତ ଗଠନର ମୁଖ୍ୟ ବିନ୍ଧାଣି ଶିକ୍ଷକ ଶିକ୍ଷୟିତ୍ରୀଙ୍କମାନଙ୍କ ପ୍ରତି ସରକାରଙ୍କ ଉଦାସୀନତା ଆଦୌ ଗ୍ରହଣୀୟ ନୁହେଁ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ନିଜ ବ୍ୟକ୍ତବ୍ୟରେ କହିଛନ୍ତି ରାଜ୍ୟରେ ଦୀର୍ଘ ୨୩ ବର୍ଷ ଧରି ନିରଙ୍କୁଶ ଶାସନ କଲା ପରେ ମଧ୍ୟ ରାଜ୍ୟବାସୀଙ୍କୁ ଶିକ୍ଷା ସ୍ୱାସ୍ଥ୍ୟ ଗମନାଗମନ ଭଳି ସର୍ବନିମ୍ନ ମୌଳିକ ସୁବିଧା ଯୋଗାଇ ଦେବାରେ ମଧ୍ୟ ଏ ସରକାର ସମ୍ପୂର୍ଣ୍ଣ ବିଫଳ। ଗତ ବର୍ଷ ଶେଷାର୍ଦ୍ଧରେ ଚାଲିଥିବା ଆନ୍ଦୋଳନ ସମୟରେ ମୁଖ୍ୟ ଶାସନ ସଚିବ ଲିଖିତ ପ୍ରତିଶୃତି ଦେଇଥିବା ସତ୍ତ୍ୱେ ବର୍ତ୍ତମାନ ଯାଏଁ ସେ ଦାବି ଗୁଡ଼ିକ ପୂରଣ କରାନଯିବା ସମ୍ଭବତଃ ହୀନ ରାଜନୈତିକ ଉଦ୍ଦେଶ୍ୟ ପ୍ରଣୋଦିତ ବୋଲି କଟୁ ଆକ୍ଷେପ କରିଛନ୍ତି । ରାଷ୍ଟ୍ର ନିର୍ମାଣ ଓ ମାନବ ସମ୍ବଳ ବିକାଶର ମୂଳଦୁଆ ଶିକ୍ଷା ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଓ ଜରୁରୀ ସେବାକୁ ମଧ୍ୟ ସରକାର ଉଦାସୀନ ରହିବା ଅତ୍ୟନ୍ତ ନିନ୍ଦନୀୟ ଓ ଚିନ୍ତାର ବିଷୟ। ଶିକ୍ଷକଙ୍କ ଏହିଭଳି ଆନ୍ଦୋଳନ ଫଳରେ ଲକ୍ଷ ଲକ୍ଷ ଛତ୍ର ଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର ଆଡ଼କୁ ଗତି କରୁଛି। ତେଣୁ ଶିକ୍ଷକ ସମାଜର ଏହି ଆନ୍ଦୋଳନକୁ ରାଜ୍ୟ ସରକାର ଗୁରୁତ୍ୱ ସହକାରେ ନେଇ ଦାବିଗୁଡ଼ିକ ଶିଘ୍ର ପୂରଣ କରିବା ପାଇଁ ସରକାରଙ୍କ ପାଖରେ ମୁଁ ଦାବି କରୁଛି ଓ ଗୃହରେ ମଧ୍ୟ କରିବି ବୋଲି ପ୍ରତିଶୃତି ଦେଇଛନ୍ତି।

# ପାଟପୁର ପଂଚାୟତରେ ଗୋଷ୍ଠୀ ସଂଘର୍ଷ ଘଟଣା : ୨ କୋର୍ଟ ଚାଲାଣ

ଧର୍ମଶାଳା, ୧୫/୦୯ (ନି.ପ୍ର): ରାଜନୈତିକ ଶତ୍ରୃତାକୁ ନେଇ ଯାଜପୁର ଜିଲା ଧର୍ମଶାଳା ଥାନା ପାଟପୁର ପଂଚାୟତରେ ଦୁଇ ଗୋଷ୍ଠୀ ମଧ୍ୟରେ ସଂଘର୍ଷ ଘଟଣାରେ ପୋଲିସ ୨ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗିରଫ ୨ ଜଣ ହେଲେ ପାଟପୁର ସରପଂଚ ସନ୍ଧ୍ୟାରାଣୀ ନାୟକଙ୍କ ସ୍ୱାମୀ ଦୁଃଶାସନ ଓ ବିପକ୍ଷ ଗୋଷ୍ଠୀର ନାଏବ ସରପଂଚଙ୍କ ଭାଇ ପ୍ରଭାତ କୁମାର ଦାସ ବୋଲି ଜଣାପଡିଛି । ତେବେ ଏଭଳି ଗିରଫ ଘଟଣା ଧର୍ମଶାଳାରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ମୁତାବକ, ଧର୍ମଶାଳା ବ୍ଲକ ପାଟପୁର ସରପଂଚ ସନ୍ଧ୍ୟାରାଣୀ ନାୟକଙ୍କ ସ୍ୱାମୀ ଦୁଃଶାସନ ଓ ଦିଅର ଅର୍ଜ୍ଜୁନଙ୍କର ନାଏବ ସରପଂଚଙ୍କ ଭାଇ ପ୍ରଭାତଙ୍କ ମଧ୍ୟରେ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ଗଣ୍ଡଗୋଳ ଘଟିଥିଲା । ଏନେଇ ପ୍ରଭାତଙ୍କ ପତ୍ନୀ ଧର୍ମଶାଳା ଥାନାରେ ଏତଲା ଦେଇଥିଲେ । ମଙ୍ଗଳବାର ପାଟପୁର ପଂଚାୟତରେ ଭତା ବଂଟନ ପାଇଁ ସରପଂଚଙ୍କ ସ୍ୱାମୀ ଦୁଃଶାସନ ପଂଚାୟତ କାର୍ଯ୍ୟାଳୟକୁ ଆସିଥିବା ବେଳେ ଗ୍ରାମବାସୀ ତାଙ୍କୁ ବାହାରୁ ତାଲା ପକାଇ ଦେଇ ଧର୍ମଶାଳା ଥାନାକୁ ଖବର ଦେଇଥିଲେ । ଫଳରେ ଖବର ପାଇ ଧର୍ମଶାଳା ପୋଲିସ ଘଟଣାସ୍ଥଳରେ ପଂହଚି ନିଜ ହେପାଜତକୁ ନେବା ସମୟରେ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଥିଲେ । ଫଳରେ ଉଭୟ ଗୋଷ୍ଠୀ ପକ୍ଷରୁ ପରସ୍ପରକୁ ପୁଲିସ ଉପସ୍ଥିତିରେ ଟେକାପଥର ମାଡ କରିଥିଲେ । ଏହି ଖବର ପାଇ ଯାଜପୁର ରୋଡ ଏସଡିପିଓ ସଂଜୟ କୁମାର ପଟ୍ଟନାୟକ ଓ ଧର୍ମଶାଳା ଥାନା ଅଧିକାରୀ ତପନ କୁମାର ନାୟକ ଦୁଇ ପ୍ଲାଟୁନ ପୋଲିସ ସହ ଘଟଣାସ୍ଥଳରେ ପଂହଚି ଥିଲେ । ଏହି ଘଟଣାରେ ପୋଲିସ ପୃଥକ ପୃଥକ ଭାବେ ୨ଟି ମାମଲା ରୁଜୁ କରିଥିଲା । ପ୍ରାଥମିକ ତଦନ୍ତରେ ପୋଲିସ ଦୁଃଶାସନ ଓ ପ୍ରଭାତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଅନ୍ୟ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ଧର୍ମଶାଳା ଥାନା ଅଧିକାରୀ ତପନ ନାୟକ ସୂଚନା ଦେଇଛନ୍ତି ।

# ଓଡ଼ିଶା ମୋ ପରିବାର ପକ୍ଷରୁ ରକ୍ତଦାନ ଶିବିର: ୫୪୩ ୟୁନିଟ ରକ୍ତ ସଂଗୃହୀତ

ଖୋର୍ଦ୍ଧା, ୧୫/୦୯ (ନି.ପ୍ର): ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ବିଗୁନିଆ ବୋଲଗଡ଼ ବ୍ଲକରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶ କ୍ରମେ ବେଗୁନିଆ ବିଧାୟକ ତଥା ଖୋର୍ଦ୍ଧା ଜିଲ୍ଲା ଯୋଜନା ବୋର୍ଡ କମିଟି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁଙ୍କ ଆହ୍ୱାନରେ ଜୀବନ ବିନ୍ଦୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି ।ଏଥିରେ ବୋଲଗଡ଼, ଡାବର ଧୁଆ,ଫାଶୀ ଓଦା,ବାଘମାରି,ସିକୋ,ଶଗଡ଼ ଭଙ୍ଗା,ରାଉତ ପଡ଼ା , ଡିଙ୍ଗର, ଦେଉଳି,ଗୋବିନ୍ଦ ପୁ୍, ପୋଡାଡ଼ିହ, ଫଂଗରସିଂ ପଞ୍ଚାୟତ କୁ ନେଇ ଆଜି ପ୍ରଥମ ପର୍ଯ୍ୟାୟ ରେ ୫୪୩ ୟୁନିଟ ରକ୍ତ ସଂଗୃହୀତ ହୋଇଛି ।ଏହି ଶିବିରକୁ ରାଜେନ୍ଦ୍ର କୁମାର ସାହୁ ଉଦ୍ଘାଟନ କରିଥିଲେ ।ସମସ୍ତ ପଞ୍ଚାୟତର ପ୍ରତିନିଧି,ଯୁବ, ଛାତ୍ର,ମହିଳା ମାନେ ଉପସ୍ଥିତ ରହି ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ ।ବିଜୁ ଯୁବ ଜନତା ଦଳ ପକ୍ଷରୁ ଆୟୋଜିତ ଏହି ଶିବିରକୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଅବ୍ୟକ୍ତ ହରିହର ଖାଡଙ୍ଗା,ରାଜ୍ୟ ସମ୍ପାଦକ ଶୁଭକାନ୍ତ ମହାପାତ୍ର,ଅନିଲ ବେହେରା,ଶ୍ରୀକାନ୍ତ ତ୍ରିପାଠୀ,ଦିଲୀପ କୁମାର ମହାପାତ୍ର, ଜ୍ୟୋତିରଂଜନ ଖାଡଙ୍ଗା,ପ୍ରକାଶ ଚନ୍ଦ୍ର ସାହୁ,ପ୍ରଶାନ୍ତ କୁମାର ବେହେରା ,ସର୍ବେଶ୍ୱର ମଙ୍ଗରାଜ ପ୍ରମୁଖ ସଂଯୋଜନା କରିଥିଲେ ।ତନୁଜା ପାଟସାଣୀ,ରୁପକାନ୍ତି ସାହୁ,ଶାନ୍ତିଲତା ରଣସିଂହ ,ଗୀତାଞ୍ଜଳି ସୁବୁଦ୍ଧି,ରିନା ସେଠୀ ,ଲୀଳା ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ । ସେଣ୍ଟ୍ରାଲ ବ୍ଲଡ଼ ବ୍ୟାଙ୍କ୍ କଟକ,ଏସ ସି ବି କଟକ, ରିଜିଅନାଲ ବ୍ଲଡ଼ ବ୍ୟାଙ୍କ୍,ବି ଏମ୍ ସି ବ୍ଲଡ଼ ବ୍ୟାଙ୍କ୍,କ୍ୟାପିଟାଲ ବ୍ଲଡ଼ ବ୍ୟାଙ୍କ୍, ଖୋର୍ଦ୍ଧା ବ୍ଲଡ଼ ବ୍ୟାଙ୍କ୍,ନୟାଗଡ଼ ବ୍ଲଡ଼ ବ୍ୟାଙ୍କ୍,ଭଞ୍ଜ ନଗର ବ୍ଲଡ଼ ବ୍ୟାଙ୍କ୍ ଦ୍ୱାରା ୫୪୩ ୟୁନିଟ ରକ୍ତ ସଂଗୃହୀତ ହୋଇଛି ।

# ଧର୍ମଶାଳାରେ ସପ୍ତାହ ଧରି ଚାଲିଛି ଶିକ୍ଷକ ସଂଘର ଧାରଣା

ଧର୍ମଶାଳା, ୧୫/୦୯ (ନି.ପ୍ର): ନିଖିଳ ଉତ୍କଳ ପ୍ରାଥମିକ ଶିକ୍ଷକ ଫେଡେରେସନ ନିର୍ଦ୍ଦେଶକ୍ରମେ ଚଳିତ ମାସ ୮ ତାରିଖରୁ ଆରମ୍ଭ ହୋଇଥିବା ଧାରଣାକୁ ଏକ ସପ୍ତାହ ପୁରିଛି । ଏହି କ୍ରମରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଆଗରେ ଆଜକୁ ୭ ଦିନ ହେବ ଶିକ୍ଷକ/ଶିକ୍ଷୟିତ୍ରୀମାନେ ୩ ଦଫା ଦାବି ନେଇ ଧାରଣା ବସିଛନ୍ତି । ବ୍ଲକ ଶାଖା ସଂଘ ସଭାପତି ଯୁଗଳ କିଶୋର ଦାସଙ୍କ ନେତୃତ୍ୱରେ ଏହି ଧାରଣା ଜାରି ରହିଥିବା ବେଳେ ପ୍ରାଥମିକ ଶିକ୍ଷାରୁ ଠିକା ନିଯୁକ୍ତି ଉଚ୍ଛେଦ, ଲେବୁଲ ୯ ଗ୍ରେଡ ପେ ଲାଗୁ ଓ ପୁରୁଣା ପେନସନ ପୁନଃ ପ୍ରଚଳନ ଆଦି ଦାବି ନେଇ ଗଣଧାରଣା ଜାରି ରହିଛି। ଏହି ଧାରଣାରେ ବ୍ଲକ ପ୍ରାଥମିକ ସଂଘର କର୍ମକର୍ତ୍ତାଙ୍କ ସମେତ ସମସ୍ତ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟିତ୍ରୀମାନେ ସାମିଲ ହୋଇଛନ୍ତି । ଦାବି ପୁରଣ ନ ହେବା ପର୍ଯ୍ୟନ୍ତ ଗଣଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି ।

## ଏବେ ଇଣ୍ଡିଆ ନୁହେଁ ଭାରତ...

(ପୃଷ୍ଠା-୪ର ଅବଶିଷ୍ଟାଂଶ)

ଯଦି ଭାରତ ସମ୍ବିଧାନରୁ ଇଣ୍ଡିଆ ଶବ୍ଦ ହଟାଇ ଦିଆଯାଏ, ତେବେ ପାକିସ୍ତାନ ଏହାକୁ ଝାମ୍ପିନେବାକୁ ଅନାଇ ବସିଛି । ପୂର୍ବରୁ ମଧ୍ୟ ପାକିସ୍ତାନ ଇଣ୍ଡିଆ ନାଁକୁ ନେଇ ଦାବି କରିଆସୁଛି । ମିଳିତ ଜାତିସଂଘରେ ଯଦି ଅଫିସିଆଲ ଭାବରେ 'ଇଣ୍ଡିଆ'ର ନାଁ ରଦ୍ଦ ହୁଏ, ତେବେ ପାକିସ୍ତାନ ଇଣ୍ଡିଆ ନାଁକୁ ନେଇ ଦାବି କରିପାରେ ବୋଲି ପାକିସ୍ତାନର ଗଣମାଧ୍ୟମ ପକ୍ଷରୁ କୁହାଯାଇଛି । ଏବେ ଭାରତରେ ଚାଲିଥିବା ଆଲୋଚନା ଉପରେ ପାକିସ୍ତାନ ନଜର ରଖୁଛି । ପାକିସ୍ତାନ ଗଣମାଧ୍ୟମରେ ହେଉଥିବା ଚର୍ଚ୍ଚା ଅନୁଯାୟୀ, ଖୁବଶୀଘ୍ର ମୋଦୀ ସରକାର ଇଣ୍ଡିଆ ନାଁ ବଦଳାଇ ଭାରତ ରଖିପାରନ୍ତି । ଏଥିପାଇଁ ମୋଦୀ ସରକାର ସଂସଦ ସ୍ୱତନ୍ତ୍ର ଅଧିବେଶନ ଡାକିଛନ୍ତି । ଏହି ସ୍ୱତନ୍ତ୍ର ଅଧିବେଶନ ୧୮ରୁ ୨୨ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଯଦି ଭାରତ ସରକାର ଏଥିରେ ସଫଳ ହୁଅନ୍ତି ତେବେ ତୁର୍କୀ ପରେ ଦ୍ୱିତୀୟ ଦେଶ ଭାବେ ଉଭା ହେବ, ଯିଏ ନିଜ ଦେଶର ନାଁ ବଦଳାଇବ ।

ପାକିସ୍ତାନୀ ଗଣମାଧ୍ୟମର ରିପୋର୍ଟକୁ ଉଦ୍ଧାର କରି ସାଉଥ୍ ଏସିଆ ଇଣ୍ଡେକ୍ସ ନାମକ୍ ଏକ୍ସ (ପୂର୍ବ ଟ୍ୱିଟର) ହ୍ୟାଣ୍ଡେଲରେ କୁହାଯାଇଛି ଯେ ଯଦି ଭାରତ ଆନୁଷ୍ଠାନିକ ଭାବରେ ଜାତିସଂଘରୁ 'ଇଣ୍ଡିଆ' ନାମକୁ ପ୍ରତ୍ୟାହାର କରେ, ତେବେ ପାକିସ୍ତାନ 'ଇଣ୍ଡିଆ' ନାମ ଦାବି କରିପାରେ । କୁହାଯାଇପାରେ ଯେ 'ଇଣ୍ଡିଆ' ନାମ ସିନ୍ଧୁ (ଇଣ୍ଡସ୍) ଅଞ୍ଚଳକୁ ବୁଝାଉଥିବାରୁ ଓ ଏବେ ସିନ୍ଧୁ ଅବବାହିକା ଅଂଚଳ ପାକିସ୍ତାନରେ ଆସୁଥିବାରୁ 'ଇଣ୍ଡିଆ' ନାମ ଉପରେ ପାକିସ୍ତାନ ପୂର୍ବରୁ ହିଁ ଦାବି କରିଆସୁଛି । ସ୍ୱାଧୀନତା ସମୟରୁ ହିଁ ଭାରତର ନାଁକୁ ଇଣ୍ଡିଆ ରଖିବାକୁ ପାକିସ୍ତାନ ବିରୋଧ କରିଆସୁଥିଲା । ପାକିସ୍ତାନ ପ୍ରତିଷ୍ଠାତା ମହମ୍ମଦ ଅଲ୍ଲି ଜିନ୍ନା ମଧ୍ୟ ଇଣ୍ଡିଆ ନାମ ଭାରତକୁ ପ୍ରଦାନ କରିବାକୁ ବିରୋଧ କରୁଥିଲେ ।

ତେଣୁ ଅସଲରେ କୁହାଯାଇପାରେ ଇଣ୍ଡିଆ ପରିବର୍ତ୍ତେ ଭାରତ ନାଁ ପରିବର୍ତ୍ତନକୁ ଯେଉଁ ମାନେ ବିରୋଧ କରୁଛନ୍ତି, ଥରେ ଭାବି ଦେଖନ୍ତୁ ଭାରତ ନାଁ ଭରତଙ୍କ ନାମାନୁସାରେ ହୋଇଛି । ତେଣୁ ଏଥିପାଇଁ ବିବାଦ କରିବା ଆଦୌ ସ୍ପୃହଣୀୟ ନୁହେଁ...!!!

ଅଧ୍ୟକ୍ଷ, ମହାନଦୀ ବିହାର ମହିଳା ସ୍ନାତକ ମହାବିଦ୍ୟାଳୟ,
କଟକ-୪, ମୋ: ୯୦୪୦ ୧୫୧୪୭୫

## କଟକ ତାଳଦଣ୍ଡା କେନାଲରେ ବୁଡ଼ିଗଲେ ବ୍ୟବସାୟୀ

କଟକ, ୧୫/୦୯ (ନି.ପ୍ର): କଟକ ତାଳଦଣ୍ଡା କେନାଲରେ ଛତ୍ରବଜାରର ଜଣେ ମାଛ ବ୍ୟବସାୟୀ ବୁଡ଼ି ଯାଇଥିବା ଅଭିଯୋଗ ହୋଇଛି। ତାଙ୍କ ନାଁ ହରିଶ୍ଚନ୍ଦ୍ର ଦାସ। ହରିଶ୍ଚନ୍ଦ୍ର ଆଜି ଅପରାହ୍ନ ପ୍ରାୟ ୪ଟା ବେଳେ କେନାଲକୁ ଧୋଇ ହେବାକୁ ଯାଇଥିବାବେଳେ ନିଖୋଜ ହୋଇଯାଇଥିବା ତାଙ୍କ ପୁଅ ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ସେ ତାଳଦଣ୍ଡା କେନାଲରେ ବୁଡ଼ିଯାଇଥିବା ସନ୍ଦେହ କରାଯାଉଛି। ସେଥିପାଇଁ ଘଟଣାସ୍ଥଳରେ ମଧୁପାଟଣା ପୁଲିସ ଓ ଅଗ୍ନିଶମ ବିଭାଗର କର୍ମଚାରୀ ପହଞ୍ଚି ଖୋଜାଖୋଜି କରୁଛନ୍ତି।

## ଭଦ୍ରକ ମହିଳା ମହାବିଦ୍ୟାଳୟରେ ମୋ କଲେଜ ଅଭିଯାନ ବୈଠକ



ଭଦ୍ରକ, ୧୫/୦୯ (ନି.ପ୍ର): ଭଦ୍ରକ ଶିକ୍ଷା ଅନୁଷ୍ଠାନ ମାନଙ୍କର ବିକାଶକୁ ଅଧିକ ଗତିଶୀଳ କରିବାକୁ ସରକାର ପୁରାତନ ବିଦ୍ୟାର୍ଥୀଙ୍କର ସହଯୋଗ ଲୋଡ଼ିଛନ୍ତି ଏବଂ ସେଥିପାଇଁ ମୋ କଲେଜ ଅଭିଯାନ ଚାଲୁ ରହିଛି। ଭଦ୍ରକ ମହିଳା ମହାବିଦ୍ୟାଳୟର ବିଭିନ୍ନ ଆବଶ୍ୟକତାକୁ ସରକାର କିଛି ମାତ୍ରାରେ ପୂରଣ କରିଥିବା ବେଳେ ଆଗାମୀ ଦିନରେ ପୁରାତନ ବିଦ୍ୟାର୍ଥୀନୀଙ୍କର ସହଯୋଗରେ ଆଉ କେତେକ ବିକାଶ ନିମିତ୍ତ ଭବିଷ୍ୟତରେ ଏକତ୍ରିକରଣ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଛି। ଅଧ୍ୟକ୍ଷ ନୀଳଗିରି ରବି ସାହୁଙ୍କ ସଭାପତିତ୍ୱରେ ଏବଂ ଅଧ୍ୟାପିକା ଶୁଭଶ୍ରୀ ବେହେରାଙ୍କ ସଂଚାଳନରେ ଏହି ବୈଠକରେ ଭିତ୍ତିଭୂମି ବିକାଶ, ଶୈକ୍ଷିକ ବାତାବରଣରେ ଅଗ୍ରଗତି ସମ୍ପର୍କରେ ଆଲୋଚନା ହୋଇଥିଲା। କମିଟିର ଅନ୍ୟ ସଭ୍ୟ ସଭ୍ୟା ଅଧ୍ୟାପିକା ଅଭାମାୟୀ ମହାପାତ୍ର, ସଂଘମିତ୍ରା ଦାସ, ଅନିତା ଦଳେଇ, ଅନିଲ ବେହେରା ଓ ପୁରାତନ ବିଦ୍ୟାର୍ଥୀନୀମାନେ ଏକଜୁଟ ହେବାକୁ ତାରିଖ ଧାର୍ଯ୍ୟ କରିଛନ୍ତି ଏବଂ ସେମାନଙ୍କୁ ଯୋଗାଯୋଗ କରିବା ଦାୟିତ୍ୱ ନେଇଛନ୍ତି। ଆଗାମୀ ଦିନରେ 'ନାକ' ପିଅର ଟିମ ପରିଦର୍ଶନରେ ପୁରାତନ ଛାତ୍ରୀ ମାନଙ୍କର ବିଶେଷ ଭୂମିକା ଏବଂ ଗୁରୁତ୍ୱ ପୂର୍ଣ୍ଣ ବିଷୟ ବୋଲି ଆଲୋଚନା ହୋଇଥିଲା।

## ବାଲେଶ୍ୱର ଜିଲ୍ଲାର ଷଷ୍ଠ ପରିଷଦର ପଞ୍ଚମ ବୈଠକ ଅନୁଷ୍ଠିତ



ବାଲେଶ୍ୱର, ୧୫/୦୯ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ଷଷ୍ଠ ପରିଷଦର ପଞ୍ଚମ ବୈଠକ ଆଜି ପୂର୍ବାହ୍ନ ଘ. ୧୦.୩୦ମି ସମୟରେ ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ଓ ଜିଲ୍ଲା ପରିଷଦର ଅଧ୍ୟକ୍ଷ ଶ୍ରୀ ନାରାୟଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମାନ୍ୟବର ମନ୍ତ୍ରୀ, ପର୍ଯ୍ୟଟନ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ଏବଂ ଅବକାରୀ ବିଭାଗ, ଓଡ଼ିଶା ସରକାର ଶ୍ରୀଯୁକ୍ତ ଅଶ୍ୱିନୀ କୁମାର ପାତ୍ର, ମାନ୍ୟବର ସାଂସଦ, ଭଦ୍ରକ, ଶ୍ରୀମତୀ ମଞ୍ଜୁଲତା ମଣ୍ଡଳ, ମାନ୍ୟବର ସାଂସଦ, ବାଲେଶ୍ୱରଙ୍କ ପ୍ରତିନିଧି, ବାଲେଶ୍ୱର ଜିଲ୍ଲାପାଳ ଶ୍ରୀଯୁକ୍ତ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ, ମାନ୍ୟବର ବିଧାୟକ, ନୀଳଗିରି ଶ୍ରୀଯୁକ୍ତ ସୁକାନ୍ତ କୁମାର ନାୟକ, ମାନ୍ୟବର ବିଧାୟକ, ସିମୁଳିଆ ଶ୍ରୀଯୁକ୍ତ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ମାନ୍ୟବର ବିଧାୟକ, ରେମୁଣା ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ଉପ-ଜିଲ୍ଲାପାଳ ଶ୍ରୀଯୁକ୍ତ କୁନାଲ ମୋତିରାମ ଚୌହାନ, ନିର୍ବାହୀ ଅଧିକାରୀ, ବାଲେଶ୍ୱର ଜିଲ୍ଲା ପରିଷଦ ଶ୍ରୀଯୁକ୍ତ ବିଶ୍ୱରଞ୍ଜନ ନାୟକ ମଞ୍ଚାସୀନ ହୋଇ ବିଭିନ୍ନ ବିଭାଗୀୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବୈଠକ ପ୍ରାରମ୍ଭରେ ବାହାନଗା ରେଳ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିମାନଙ୍କ ଉଦ୍ଦେଶ୍ୟରେ ଗୃହରେ ନିରବ ପ୍ରାର୍ଥନା କରାଯାଇଥିଲା । ଏହା ପରେ ପୂର୍ବ ବୈଠକର ବିବରଣୀ ସମ୍ବନ୍ଧରେ ସଂକ୍ଷିପ୍ତ ଭାବରେ ଆଲୋଚନା କରାଯିବା ପରେ ତୃଣମୂଳସ୍ତରରେ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟାନ୍ୱୟନ ସହିତ ବିକାଶକୁ କିଭଳି ତ୍ୱରାନ୍ୱିତ କରାଯାଇ ପାରିବ ସେ ସମ୍ପର୍କରେ ଉପସ୍ଥିତ ସଦସ୍ୟ/ସଦସ୍ୟାମାନେ ମତ ଉପସ୍ଥାପନା କରିଥିଲେ । ସଭା କାର୍ଯ୍ୟସୂଚୀ ଅନୁଯାୟୀ ବିଭିନ୍ନ ବିଭାଗର ଅଧିକାରୀମାନେ ଗୃହକୁ ସବିଶେଷ ତଥ୍ୟ ପ୍ରଦାନ କରିବା ସହିତ ଉପସ୍ଥିତ ସଦସ୍ୟ/ସଦସ୍ୟାମାନଙ୍କ ପ୍ରଶ୍ନର ଉତ୍ତର ରଖିଥିଲେ। ମୁଖ୍ୟ ଜିଲ୍ଲା ଚିକିତ୍ସା ଅଧିକାରୀ ଡ. ଦୁଲାଲ ସେନ ଜଗତଦେଓ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ତଥ୍ୟ ପ୍ରଦାନ କରିବା ସହିତ ସଭାକୁ ସୂଚାଇ ଦେଇଥିଲେ କି ଖୁବ ଶୀଘ୍ର ନୂଆ ଡାକ୍ତର, ନର୍ସ ଓ ଅନ୍ୟ ଷ୍ଟାଫଙ୍କ ନିଯୁକ୍ତି କରାଯାଇ ଆବଶ୍ୟକୀୟ ଚିକିତ୍ସାଳୟଗୁଡ଼ିକରେ ଖାଲି ପଡ଼ିଥିବା ପଦବୀଗୁଡ଼ିକୁ ପୂରଣ କରାଯିବ । ବିଗତ କିଛି ବର୍ଷ ମଧ୍ୟରେ ଉତ୍ତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେଇ ବାଲେଶ୍ୱର ଜିଲ୍ଲାକୁ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ଅଗ୍ରଣୀ ଜିଲ୍ଲାରେ ପରିଣତ କରାଯାଇ ପାରିଛି ଏବଂ ଏଥିପାଇଁ ଜିଲ୍ଲାକୁ 'କାୟାକଳ୍ପ' ପୁରସ୍କାର ପ୍ରଦାନ କରାଯାଇଥିଲା ବୋଲି ଶ୍ରୀ ଜଗତଦେଓ ବିସ୍ତୃତରେ ତାଙ୍କର ବାର୍ତ୍ତା ରଖିଥିଲେ । ଏହାପରେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ମଞ୍ଜରୀ ଦାସ ଜିଲ୍ଲାର ଶିକ୍ଷାବସ୍ଥା ଉପରେ ବିବରଣୀ ପ୍ରସ୍ତୁତ କରିଥିଲେ । ଜିଲ୍ଲାରେ ସରକାରୀ ତଥା ସରକାରୀ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଉପରେ ଆଲୋଚନା କରାଯିବା ସହିତ ଜିଲ୍ଲାର ଅବସ୍ଥାପିତ ୧୨ଗୋଟି ଆଦର୍ଶ ବିଦ୍ୟାଳୟର କାର୍ଯ୍ୟକାରିତା ଉପରେ ମଧ୍ୟ ଆଲୋକପାତ କରାଯାଇଥିଲା । ସେହି ଭଳି ସମାଜ ମଙ୍ଗଳ ଓ ଶିଶୁ କଲ୍ୟାଣ, ଖାଦ୍ୟ ଯୋଗାଣ, ପାନୀୟ ଜଳ, ପୂର୍ତ୍ତ ଆଦି ବିଭାଗର ବରିଷ୍ଠ ଅଧିକାରୀମାନେ ନିଜ ନିଜ ବିଭାଗର ରିପୋର୍ଟ ପ୍ରଦାନ କରିଥିଲେ । ବୈଠକରେ ବାଲେଶ୍ୱର ଜିଲ୍ଲା ପରିଷଦର ସମସ୍ତ ଜୋନର ସଭ୍ୟ/ସଭ୍ୟା, ପଞ୍ଚାୟତ ସମିତି ମାନଙ୍କର ଅଧ୍ୟକ୍ଷ/ଅଧ୍ୟକ୍ଷା ଏବଂ ଉପାଧ୍ୟକ୍ଷ/ଉପାଧ୍ୟକ୍ଷା ଯୋଗଦେଇ ବିଭିନ୍ନ ବିଭାଗୀୟ କାର୍ଯ୍ୟ ଉପରେ ସେମାନଙ୍କ ଅଞ୍ଚଳର ଦାବୀ, ସମସ୍ୟା ଓ ସମାଧାନ ଉପରେ ମତ ବିନିମୟ କରି କର୍ତ୍ତୃପକ୍ଷଙ୍କଠାରୁ ପ୍ରତିଶୃତି ହାସଲ କରିଥିଲେ। ସଭାରେ ପଚରାଯାଇଥିବା ସମସ୍ତ ଯୁକ୍ତିଙ୍କୁ ଯଥାଶୀଘ୍ର ସମାଧାନ କରାଯିବ ବୋଲି ଜିଲ୍ଲାପାଳ ଶ୍ରୀ ଶିନ୍ଦେ ପ୍ରତିଶ୍ରୁତି ଦେଇ ଥିଲେ ଏବଂ ସମସ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଏହି ସମସ୍ୟା ଗୁଡ଼ିକ ପ୍ରତି ଆବଶ୍ୟକ ପଦକ୍ଷେପ ନେବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ମଞ୍ଚାସୀନ ଅତିଥିମାନେ ଉପସ୍ଥିତ ଥିବା ସମସ୍ତ ସଭ୍ୟ/ସଭ୍ୟା ତଥା ସରକାରୀ ଅଧିକାରୀମାନଙ୍କୁ ବିଭିନ୍ନ ବିଭାଗକୁ ଦିଆଯାଇଥିବା ନିର୍ଦ୍ଦେଶାଗତ କାର୍ଯ୍ୟର ଅଗ୍ରଗତି ଓ ଦୃଢ଼ୀକରଣ ଉପରେ ବିଶେଷ ଧାନ ଦେବାପାଇଁ ଅନୁରୋଧ କରିଥିଲେ । ବୈଠକ ଶେଷରେ ଜିଲ୍ଲା ପରିଷଦ ଉପସଭାପତି ଶ୍ରୀମତୀ ଅନୁସୟା ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଧାରଣାରେ ଶିକ୍ଷକ, ୧୩୫ ସ୍କୁଲରେ ଶିକ୍ଷାଦାନ ପ୍ରଭାବିତ

ଖଇରା, ୧୫/୦୯ (ନି.ପ୍ର): ସମଗ୍ର ରାଜ୍ୟରେ ପ୍ରାଥମିକ ଶିକ୍ଷକ ମାନେ ୩ଦଫା ଦାବୀରେ ସମୂହ ଛୁଟି ନେଇ ଗୁରୁବାର ଠାରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣରେ ବସିଛନ୍ତି । ଏଥିଯୋଗୁଁ ଖଇରା ବ୍ଲକ ୧୩୫ରୁ ଉର୍ଦ୍ଧ ସ୍କୁଲରେ ଶିକ୍ଷାଦାନ ପ୍ରଭାବିତ ହୋଇଛି । ତାଲା ବନ୍ଦଥିବାରୁ ପିଲାମାନଙ୍କର ଭବିଷ୍ୟତ ଅନ୍ଧକାର ଆଡକୁ ଠେଲି ହୋଇ ଯାଇଛି । ୪ଶହରୁ ଉର୍ଦ୍ଧ ଶିକ୍ଷକ ଠିକା ନିଯୁକ୍ତି ପ୍ରଥା ଉଚ୍ଛେଦ,ସମସ୍ତ ବର୍ଗର ପ୍ରାଥମିକ ଶିକ୍ଷକଙ୍କୁ କେନ୍ଦ୍ରୀୟ ହାରରେ ବେତନ,ପୁରୁଣା ପେନସନ ବ୍ୟବସ୍ଥା ପୁନଃପ୍ରଚଳନ ଦାବୀରେ ସେମାନଙ୍କର ଧାରଣା ଜାରି ରଖିଛନ୍ତି । ଶିକ୍ଷକ ନେତା କୈଳାସ ଚନ୍ଦ୍ର ବେହେରା, ଚିତ୍ତରଞ୍ଜନ ମହାପାତ୍ର, ବିକ୍ରମ ବେହେରା, ରବିନାରାୟଣ ମହାରଣା, ଜ୍ଞାନେନ୍ଦ୍ର ଜେନା, ଜନାର୍ଦ୍ଦନ ସାମଲ, ମହେନ୍ଦ୍ର ବରିସାଲ, ସୁଶାନ୍ତ କୁମାର ମହାପାତ୍ର, ଉଦୟ କୁମାର ପାତ୍ର, ରଞ୍ଜନ କୁମାର ମହଲା ପ୍ରମୁଖ ଧାରଣାର ନେତୃତ୍ୱ ନେଉଛନ୍ତି ।

## ଆୟୁର୍ବେଦ ଚିକିତ୍ସାଳୟର ନୂତନ ଗୃହ ଉଦ୍‌ଘାଟନ ଉତ୍ସବ

### ସରିନାହିଁ ଆନ୍ଦୋଳନ : ନଗରପାଳ ପ୍ରମିଳା ପଣ୍ଡା



ଉଦଳା , ୧୫/୦୯ (ନି.ପ୍ର): ଉଦଳା ସହର ମଧ୍ୟରେ ଏକ ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଦିର୍ଘ ବର୍ଷ ଧରି ଚାଲିଛି । ଆୟୁର୍ବେଦ ଚିକିତ୍ସା ପ୍ରତି ଲୋକଙ୍କ ରୁଚି ଧିରେ ଧିରେ ବଢ଼ୁଥିବାରୁ ଏହି ଚିକିତ୍ସାଳୟରେ ଦିନକୁ ଦିନ ରୋଗୀଙ୍କ ସଂଖ୍ୟା ମଧ ବଢ଼ିବାରେ ଲାଗିଛି । ତେବେ ଉକ୍ତ ଚିକିତ୍ସାଳୟର ସ୍ଥାୟୀ ଗୃହ ନିର୍ମାଣ କାର୍ଯ୍ୟ ସରିଯିବା ସହିତ ଏହାର ଉଦ୍‌ଘାଟନ ଉତ୍ସବ ଚଳିତ ସେପ୍ଟେମ୍ବର ୧୧ ତାରିଖ ସୋମବାର ଦିନ ଅନୁଷ୍ଠିତ ହୋଇ ଯାଇଛି । ମୟୂରଭଂଜ ଜିଲ୍ଲାର ଆୟୁର୍ବେଦ ଚିକିତ୍ସାଧିକାରୀ ଡ଼ା. ସୁଲୋଚନା ରଥ ଓ ଉଦଳା ବିଜ୍ଞାପିତ ଅଂଚଳ ପରିଷଦର ନଗରପାଳ ପ୍ରମିଳା ପଣ୍ଡା ଫିତା କାଟି ନୂତନ ଗୃହକୁ ଉଦ୍‌ଗାଟନ କରିଥିଲେ । ଉତ୍ସବରେ ଅନ୍ୟ ମାନଙ୍କ ମଧ୍ୟରେ ଉଦଳା ଓକିଲ ସଂଘର ସଂପାଦକ ବସନ୍ତ କୁମାର ପରିଡ଼ା, ଆୟୁର୍ବେଦ ଡ଼ା.ଶିବଶଙ୍କର ମୁର୍ମୁ, ଡ଼ା. ପ୍ରଶାନ୍ତ ଦାସ, ଡ଼ା. ପ୍ରକାଶ ମଣ୍ଡଳ, ଡ଼ା. ଶଚିଦାନନ୍ଦ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ଉକ୍ତ ଚିକିତ୍ସାଳୟ ପାଇଁ କିପରି ଆଜକୁ ପ୍ରାୟ ୫ ବର୍ଷ ପୂର୍ବରୁ ଆନ୍ଦୋଳନ ଆରମ୍ଭ ହୋଇଥିଲା ଓ ଏଥିପାଇଁ ମହାମହିମ ରାଜ୍ୟପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସହିତ ସ୍ଥାନୀୟ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୋପବନ୍ଧୁ ମେମୋରିଆଲ ସେବା ଟ୍ରଷ୍ଟର ସଦସ୍ୟ ମାନଙ୍କୁ ଧାରଣାରେ ବସିବାକୁ ପଡ଼ିଥିଲା ଏହାର ବିସ୍ତୃତ ଇତିହାସ ନଗରପାଳ ଶ୍ରୀମତୀ ପଣ୍ଡା ବର୍ଣ୍ଣନା କରିଥିଲେ । ବାସ୍ତବରେ ଏହାଥିଲା ଖୁବ୍ ହୃଦୟସ୍ପର୍ଶୀ । ଶ୍ରୀମତୀ ପଣ୍ଡାଙ୍କର ଏତାଦୃଶ କାର୍ଯ୍ୟକଳାପ ଆଜି ତାଙ୍କୁ ନଗରପାଳ ପଦରେ ବସାଇଛି ବୋଲି ବହୁଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି । ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ବିବେକାନନ୍ଦ ବେହେରା, ପୂର୍ଣ୍ଣଚନ୍ଦ୍ର ବେହେରା, ମହେଶ୍ୱର ବେହେରା, ନନ୍ଦକିଶୋର ବେହେରା ପ୍ରମୁଖ ସହଯୋଗ କରିଥିଲେ । ଆଜିଠାରୁ ଏହି ନୂତନ ଘରେ ନିୟମିତ ରୋଗୀ ମାନେ ଡ଼ାକ୍ତରଙ୍କୁ ସାକ୍ଷାତ କରିପାରିବା ସହିତ ସଂପୂର୍ଣ୍ଣ ମାଗଣାରେ ଔଷଧ ଯୋଗାଇ ଦିଆଯିବ ବୋଲି ଏଠାରେ କାର୍ଯ୍ୟରତ ଚିକିତ୍ସକ ଘୋଷଣା କରିବା ପରେ ଉଦ୍‌ଘାଟନ ଉତ୍ସବର ଯବନିକା ପଡ଼ିଥିଲା ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

### ୧୯ ପ୍ରସ୍ତାବକୁ ...

ସଂଗ୍ରହଣ ନୀତି ୨୦୨୩-୨୪'କୁ କ୍ୟାବିନେଟ୍ ମଞ୍ଜୁରୀ ମିଳିଛି । ଚଳିତବର୍ଷ ଅକ୍ଟୋବର ପହିଲାରୁ ୨୦୨୪ ସେପ୍ଟେମ୍ବର ୩୦ତାରିଖ ପର୍ଯ୍ୟନ୍ତ ଖାଦ୍ୟ ଓ ସଂଗ୍ରହଣ ନୀତି ୨୦୨୩-୨୪ ବଳବତ୍ତର ରହିବ । ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଖରିଫ ଧାନ ଓ ୨୦୨୪ ମେ ଓ ଜୁନ୍ ମାସରେ ରବି ଋତୁ ଧାନ ସଂଗ୍ରହ କରାଯିବ। ତେବେ ପଞ୍ଜିକୃତ ଚାଷୀମାନେ ଯଦି ଧାର୍ଯ୍ୟଲକ୍ଷ୍ୟ ୭୯ଲକ୍ଷ ମେଟ୍ରିକ ଟନଠୁ ଅଧିକ ଧାନ ମଣ୍ଡିକୁ ଆଣିବେ ତାକୁ ରାଜ୍ୟ ସରକାର କ୍ରୟ କରିବେ ବୋଲି ନିଷ୍ପତ୍ତି ନିଆଯାଇଛି । କେବଳ ପଞ୍ଜିକୃତ ଚାଷୀଙ୍କଠୁ ବଳକା ଧାନ ସଂଗ୍ରହ କରାଯିବ ଓ ଧାନ ବିକ୍ରି ପାଇଁ ଆଧାର ଏକମାତ୍ର ପରିଚୟ ପତ୍ର ହେବ । ଚାଷୀଙ୍କ ବାୟୋମେଟ୍ରିକ ଚିହ୍ନଟୀକରଣ ବ୍ୟବସ୍ଥା କରାଯିବ । ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ସାଧାରଣ ଧାନ ଓ ଗ୍ରେଡ-ଏ ଧାନ ପାଇଁ ଯଥାକ୍ରମେ ୨୧୮୩ଟଙ୍କା ଓ ୨୨୦୩ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟ ପ୍ରଦାନ କରାଯିବ । ଖିଲାପୀ ମିଲରଙ୍କୁ ଚଳିତଥର ଧାନ ସଂଗ୍ରହ ପାଇଁ ଅନୁମତି ଦିଆଯିବ ନାହିଁ । ପି-ପାସ୍ ମାଧ୍ୟମରେ ଚାଷୀଙ୍କୁ ୪୮ଘଣ୍ଟା ମଧ୍ୟରେ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି କୁହାଯାଇଛି । ସେହିପରି ଭୁବନେଶ୍ୱରସ୍ଥିତ ସିଲିକନ୍ ଇନଷ୍ଟିଚ୍ୟୁଟ୍ ଅଫ ଟେକ୍ନୋଲୋଜିକୁ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା ପାଇଁ ସ୍ୱତନ୍ତ୍ର ଆଇନ, ବ୍ରହ୍ମପୁରର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି(ଏନଆଇଏସଟି)କୁ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇଁ ସ୍ୱତନ୍ତ୍ର ଆଇନକୁ କ୍ୟାବିନେଟ୍ ଅନୁମୋଦନ ମିଳିଛି । ସେହିପରି ଓଡ଼ିଶା ଭୂ-ସଂସ୍କାର ଆଇନ-୧୯୬୦ର ଧାରା -୮ର ଉପଧାରା-୨ ଅନୁସାରେ ଓଡ଼ିଶା ସରକାର ରାଜ୍ୟର ବିଭିନ୍ନ ସ୍ଥାନରେ ଚାଷଜମିକୁ କୃଷି ବ୍ୟତୀତ ଯେକୌଣସି ଅଣକୃଷି ଉଦ୍ଦେଶ୍ୟରେ ବ୍ୟବହାର ନିମନ୍ତେ କିସମ ପରିବର୍ତ୍ତନ ଦେୟ ପ୍ରତି ଏକର ଚାଷ ଜମିର ବଜାର ଦରର ଏକ ପ୍ରତିଶତ ଧାର୍ଯ୍ୟ କରିଛନ୍ତି । ଓଡ଼ିଶା ଭୂ-ସଂସ୍କାର ଆଇନ(ସଂଶୋଧନ)-୨୦୨୩ର ବିଜ୍ଞପ୍ତି ପ୍ରକାଶନ ଦିନଠୁ ଏହା କାର୍ଯ୍ୟକାରୀ ହେବ । ଓଡ଼ିଶା ସ୍ୱାସ୍ଥ୍ୟ ଗୁଇନ୍ଦା ଓ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ ସେବା(ନିଯୁକ୍ତି ଓ ସେବା ସର୍ତ୍ତାବଳୀ) ନିୟମାବଳୀ-୨୦୨୩ ପ୍ରଣୟନ ପାଇଁ କ୍ୟାବିନେଟ୍ ମଞ୍ଜୁରୀ ଦେଇଛନ୍ତି।

### ଅଷ୍ଟମ ଦିନରେ...

ଲେଫ୍ଟଆଉଟ ଗଣଶିକ୍ଷକ, ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସ-କ୍ୟାଡ଼ର) ମହାସଂଘ ଓ ନିଖିଳ ଓଡ଼ିଶା ପ୍ରାଥମିକ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ସଂଘ ପକ୍ଷରୁ ଏହି ଆନ୍ଦୋଳନକୁ ସମର୍ଥନ କରାଯାଉନି । ଏସବୁ ସଂଘର ସଦସ୍ୟମାନେ (ଶିକ୍ଷକମାନେ) ସମୂହ ଛୁଟିରେ ନଯାଇ ସ୍କୁଲରେ ନିଜର ଦାୟିତ୍ୱ ତୁଲାଉଛନ୍ତି । ଲେଫ୍ଟଆଉଟ୍ ଗଣଶିକ୍ଷକ ସଂଘ ସଭାପତି ରାଜକିଶୋର ତ୍ରିପାଠୀ, ରାଜ୍ୟ ପ୍ରାଥମିକ ଶିକ୍ଷକ (ଏକ୍ସକ୍ୟାଡ଼ର) ମହାସଂଘ ସାଧାରଣ ସମ୍ପାଦକ ପ୍ରଶାନ୍ତ ଖମାରୀ ଏନେଇ ରାଜ୍ୟ ସ୍କୁଲ ଓ ଗଣଶିକ୍ଷା ସଚିବଙ୍କୁ ଚିଠି ଲେଖି ଚାଲିଥିବା ଆନ୍ଦୋଳନରେ ସେମାନେ ସାମିଲ ନଥିବା ଜଣାଇଛନ୍ତି । ସେହିପରି ନିଖିଳ ଓଡ଼ିଶା ପ୍ରାଥମିକ ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକ ସଂଘ ମଧ୍ୟ ଧାରଣାରେ ସାମିଲ ହୋଇନଥିବା ନେଇ ପ୍ରାଥମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ଚିଠି ଲେଖି ଅବଗତ କରିଛି । ତେବେ ୩ ଦଫା ଦାବି ନେଇ ଅଲଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ ବ୍ୟାନରରେ ରାଜ୍ୟର ପ୍ରାୟ ଦେଢ଼ଲକ୍ଷ ପ୍ରାଥମିକ ସ୍କୁଲ ଶିକ୍ଷକ-ଶିକ୍ଷୟିତ୍ରୀ ଅଷ୍ଟମ ଦିନ ପାଇଁ କାର୍ଯ୍ୟବନ୍ଦ କରି ରାଜ୍ୟବ୍ୟାପୀ ଧାରଣାରେ ବସିଥିବାବେଳେ ଉପରୋକ୍ତ ୩ଟି ଶିକ୍ଷକ ସଂଘ ନିଜଆଡୁ ସରକାରଙ୍କୁ କାହିଁକି ଚିଠି ଲେଖିଲେ ତାହା ଏବେ ସବୁଠୁ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଏହି ୩ଟି ଶିକ୍ଷକ ସଂଘକୁ ଚିଠି ଲେଖିବା ପାଇଁ ରାଜ୍ୟ ସରକାର ପ୍ରବର୍ତ୍ତାଇଛନ୍ତି ନା ସେମାନେ ବାସ୍ତବରେ ନିଜର ସହଯୋଗୀ(ଶିକ୍ଷକମାନେ)ମାନଙ୍କ ଦାବିକୁ ଅଯୁକ୍ତିକର ବୋଲି ଭାବି ସମର୍ଥନ ଦେଉନାହାନ୍ତି ତାହା ଜଣାପଡ଼ିନି । ପ୍ରାୟ ଦେଢ଼ଲକ୍ଷ ପ୍ରାଥମିକ ସ୍କୁଲ ଶିକ୍ଷକ ନିଜର ହକ୍ ପାଇଁ ଆନ୍ଦୋଳନ ଜାରି ରଖିଥିବାବେଳେ ଉକ୍ତ ୩ଟି ଶିକ୍ଷକ ସଂଘ ସେମାନଙ୍କର ସହଯୋଗୀମାନଙ୍କୁ ବିରୋଧ କରିବା ପରି ଆଚରଣ ପ୍ରଦର୍ଶନ କରିବା ପଛରେ ରାଜ୍ୟ ସରକାରଙ୍କ ସନ୍ଦେହଜନକ ଭୂମିକାକୁ ନେଇ ଚର୍ଚ୍ଚା ହେଉଛି । ଉଲ୍ଲେଖଯୋଗ୍ୟ, ରାଜ୍ୟ ସରକାର ଗତ ୩ଦିନ ତଳେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଚିଠି ଲେଖି ଧାରଣାରତ ଶିକ୍ଷକମାନଙ୍କୁ ଆନ୍ଦୋଳନରୁ ଓହରି ଯିବା ନିମନ୍ତେ ନାଲି ଆଖି ଦେଖାଇବାକୁ ପଛାଇ ନଥିଲେ ।

### ଓଏଏସ୍ ଅଫିସର ସଂଗ୍ରାମ...

ତା'ସହିତ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ହରିପୁରରେ ତାଙ୍କର ଏକ କୋଠା ଅଛି। ତାଙ୍କର ୬ଟି ପ୍ଲଟ୍? ଅଛି। ସେଥିରୁ ୫ଟି ବାଣପୁରର ଛୋଟରାୟପୁର ଶାସନରେ ଥିବା ବେଳେ ଆଉ ଗୋଟିଏ ବାଲୁଗାଁର ସରଳାପଦରରେ ଅଛି। ବାଲୁଗାଁର ରାମପୁର ମୌଜାରେ ଆଉ ଗୋଟିଏ ବେନାମୀ ପ୍ଲଟ କିଣିବା ପାଇଁ ସେ ୧୧ ଲକ୍ଷ ଟଙ୍କ ଆଗୁଆ ପୈଠ କରିଛନ୍ତି। ସଂଗ୍ରାମ କେଶରୀ ଜେନାଙ୍କ ବ୍ୟାଙ୍କ ଓ ବୀମା ଜମା ବାବଦକୁ ୨୧.୪୬ ଲକ୍ଷ ଟଙ୍କା ଅଛି। ତାଙ୍କର ୩ଟି ଚାରି ଚକିଆ ଗାଡ଼ି ଅଛି। ଏହା ସହିତ ୨ଟି ଦୁଇ ଚକିଆ ଗାଡ଼ି ଅଛି।

### ଆନ୍ଧ୍ରରେ ଟ୍ରକ୍‌କୁ ପିଟିଲା ...

ମାତ୍ର ଚିତ୍ତୁର ଜିଲ୍ଲା ଗୁଣ୍ଡାଲାପଲ୍ଲୀ ନିକଟ ଜାତୀୟ ରାଜପଥ ପାର୍ଶ୍ୱରେ ଛିଡା ହୋଇଥିବା ଟ୍ରକ୍‌କୁ ଆମ୍ବୁଲାନ୍ସଟି ପଛ ପଟୁ ଧକ୍କା ଦେଇଥିଲା । ଫଳରେ ଘଟଣା ସ୍ଥଳରେ ରୋଗୀ ଉମେଶ ସାହୁଙ୍କ ସମେତ ୪ଜଣଙ୍କ ମୃତ୍ୟୁ ଘଟିଥିଲା। ଏହି ଦୁର୍ଘଟଣାରେ ୪ ଜଣ ଗୁରୁତର ହୋଇଛନ୍ତି। ଗୁରୁତରଙ୍କ ମଧ୍ୟରେ ୨ ଓଡ଼ିଆ ଓ ୨ ଜଣ ଅଣଓଡ଼ିଆ ଥିବା ଜଣାଯାଇଛି। ଏହି ଦୁର୍ଘଟଣାରେ ଆମ୍ବୁଲାନ୍ସର ସମ୍ମୁଖ ଭାଗ ସମ୍ପୂର୍ଣ୍ଣ ନଷ୍ଟ ହୋଇ ଯାଇଛି। ଡ୍ରାଇଭରଙ୍କ ଆଖି ଲାଖିଯିବାରୁ ଏହି ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡୁଛି। ସେହିପରି ଆଜି ସକାଳେ ଆନ୍ଧ୍ରରେ ଆଉ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ଜିପ୍ ଓ ଲରି ମଧ୍ୟରେ ହୋଇଥିବା ଭୟଙ୍କର ଦୁର୍ଘଟଣାରେ ୫ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ଗୁରୁତର ହୋଇଛନ୍ତି। ମୃତକଙ୍କ ମଧ୍ୟରେ ୨ ପୁରୁଷ ଓ ୩ ମହିଳା ଅଛନ୍ତି। ଗୁରୁତର ୧୧ ଜଣଙ୍କ ମଧ୍ୟରୁ ୭ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାଯାଇଛି। ତେଣୁ ମୃତ୍ୟୁ ସଂଖ୍ୟା ଅଧିକ ବଢ଼ିବା ଆଶଙ୍କା କରାଯାଉଛି। ଲରିଟି ଚିତ୍ତୋରରୁ କଡ଼ପା ଯାଉଥିବା ବେଳେ ଜିପ୍‌ରେ ୧୬ ତୀର୍ଥ ଯାତ୍ରୀ ତିରୁମାଲାରୁ ଫେରୁଥିବା ବେଳେ ଏହି ଦୁର୍ଘଟଣା ଘଟିଥିଲା।

### ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର....

କଣ ଆମେ ସମସ୍ତଙ୍କ ବିରୁଦ୍ଧରେ ମାମଲା ଦାୟର କରିବା କି ବୋଲି ପ୍ରଶ୍ନ କରିଛନ୍ତି ସୁପ୍ରିମକୋର୍ଟ। ମାମଲାର ଶୁଣାଣି କରୁଥିବା ପ୍ରଧାନ ବିଚାରପତି ଡିଓ୍ୱାଇ ଚନ୍ଦ୍ରଚୂଡ଼ କହିଛନ୍ତି ଯେ ପ୍ରଥମ ପର୍ଯ୍ୟାୟରେ ସାମ୍ବାଦିକମାନେ କୌଣସି ତ୍ରୁଟି କରି ନାହାନ୍ତି। ତେବେ କାହିଁକି ଏହି ସାମ୍ବାଦିକମାନଙ୍କ ବିରୁଦ୍ଧରେ ମାମଲା ହେବ ନାହିଁ ବୋଲି କୋର୍ଟ ପ୍ରଶ୍ନ କରିଥିଲେ। କୋର୍ଟ ପ୍ରଶ୍ନ କରିଥିଲେ "ସାମ୍ବାଦିକଙ୍କୁ ନିଜର ଦୃଷ୍ଟିକୋଣ ରଖିବାକୁ ଅଧିକାର ଦିଆଯାଇଛି। ତେବେ ଆମକୁ ଦର୍ଶାନ୍ତୁ ଯେ ତାଙ୍କ ବିରୋଧରେ ଆପଣ ଲଗାଇଥିବା ଅପରାଧି କେଉଁଠି ରହିଲା । ଏହା କେବଳ ମାତ୍ର ଏକ ରିପୋର୍ଟ। ହେଲେ ଆପଣ ଯେଉଁ ଧାରରେ ଅଭିଯୋଗ ଲଗାଇଛନ୍ତି, ସେମାନେ ସେମିତି କିଛି ଭୁଲ୍ କରି ନାହାନ୍ତି।" ଏହି ମାମଲାରେ ଏଡିଟର ଗିଲ୍ଡ ଅଫ୍ ଇଣ୍ଡିଆର ୪ ଜଣଙ୍କ ଅନ୍ତରୀଣ ସୁରକ୍ଷା ଆଉ ଦୁଇ ସପ୍ତାହ ବଢ଼ାଇଛନ୍ତି ସୁପ୍ରିମକୋର୍ଟ। ଏହା ପୂର୍ବରୁ ସେପ୍ଟେମ୍ବର ୬ ତାରିଖରେ ବି ଦୁଇ ସପ୍ତାହ ପାଇଁ ଅନ୍ତରୀଣ ସୁରକ୍ଷା ଦେଇଥିଲେ କୋର୍ଟ। କୋର୍ଟଙ୍କ ସୁରକ୍ଷା ପରେ ସେମାନେ କେହି ଗରିଫ କରିପାରିବେ ନାହିଁ। ଏଡିଟର୍ସ ଗିଲ୍ଡ ଅଫ୍ ଇଣ୍ଡିଆର ଚାରି ସଦସ୍ୟ ବିଶିଷ୍ଟ ଏକ ଟିମ ସେପ୍ଟେମ୍ବର ୨ ତାରିଖରେ ମଣିପୁର ହିଂସା ସମ୍ପର୍କରେ ୨୪ ପୃଷ୍ଠାର ତଥ୍ୟ ଅନୁସନ୍ଧାନ ରିପୋର୍ଟ ପ୍ରକାଶ କରିଥିଲେ।

### କେରଳରେ ନିପା....

ପ୍ରଥମେ ମୃତ୍ୟୁ ହୋଇଥିଲା । କେରଳରେ ନିପା ଭାଇରସ ବ୍ୟାପୁଥିବା ଦେଖି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ମଧ୍ୟ ଏକ ଉଚ୍ଚ ସ୍ତରୀୟ ବୈଠକ କରିଛି । ଏକ କେନ୍ଦ୍ରୀୟ ଟିମ୍ ଆସି ପ୍ରଭାବିତ ଜିଲ୍ଲା ବୁଲି ସମୀକ୍ଷା କରୁଛି । ଏହି ସମୟରେ, ଇଣ୍ଡିଆନ୍ କାଉନସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ ଏକ ବାୟୋସଫେଟି ଲେଭଲ୍ -୩ କଂଟେନମେଂଟ ମୋବାଇଲ୍ ଲାବୋରେଟୋରୀ ପ୍ରସ୍ତୁତ କରିଛି । ଯାହା ଜିଲ୍ଲା ସ୍ତରରେ ଏହି ସଂକ୍ରମଣର ମୁକାବିଲା କରିବାରେ ସହାୟକ ହେବ । କେରଳରେ ସ୍କୁଲ ଓ କାର୍ଯ୍ୟାଳୟ ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କୋଝିକୋଡରେ ପ୍ରଭାବିତ ଗ୍ରାମ ପଂଚୟତକୁ ଏକ କଂଟେନମେଂଟ ଜୋନ୍ ଘୋଷଣା କରାଯାଇଛି । ଏଯାବତ ଚିହ୍ନଟ ହୋଇଥିବା ସଂକ୍ରମିତ ରୋଗୀଙ୍କ ସଂସ୍ପର୍ଶରେ ଆସିଥିବା ୯୫୦ ଜଣଙ୍କୁ ଚିହ୍ନଟ କରାଯାଇଛି । ସେଥିମଧ୍ୟରୁ ୨୧୩ ଜଣ ବିପଦପୂର୍ଣ୍ଣ ବର୍ଗରେ ଅଛି । ୨୮୭ ସ୍ୱାସ୍ଥ୍ୟ କର୍ମୀ ମଧ ଯୋଗାଯୋଗ ତାଲିକାରେ ଅଛନ୍ତି । ଚାରି ଜଣ ବିପଦପୂର୍ଣ୍ଣ ବ୍ୟକ୍ତିଙ୍କୁ ଏକ ଘରୋଇ ଡାକ୍ତରଖାନାରେ ରଖାଯାଇଛି ଏବଂ ରୋଗୀଙ୍କ ସହ ଯୋଗାଯୋଗ କରିଥିବା ୧୭ ଜଣଙ୍କୁ କୋଝିକୋଡ ମେଡିକାଲ କଲେଜରେ ନଜର ରଖାଯାଇଛି । ୨୦୧୮ ପରଠାରୁ ଏହା ଚତୁର୍ଥ ଥର ପାଇଁ କେରଳରେ ନିପା ସଂକ୍ରମଣ ବୃଦ୍ଧି ପାଇଛି ।

### ନିର୍ବାଚନ ଲଢିବାରୁ ବଞ୍ଚିତ...

୨୦୨୨ ସୁଦ୍ଧା ବିଚାରାଧୀନ ଥିବା ମାମଲାର ତଥ୍ୟ ପ୍ରଦାନ କରାଯାଇଛି । ବିଚାରଧୀନ ଥିବା ଅପରାଧିକ ମାମଲାରେ ଓଡ଼ିଶା ଦେଶର ଚତୁର୍ଥ ସ୍ଥାନରେ ରହିଛି । ଏହି ତାଲିକାରେ ପ୍ରଥମ ସ୍ଥାନରେ ରହିଛି ଉତ୍ତରପ୍ରଦେଶ । ସେହିପରି ଦ୍ୱିତୀୟରେ ବିହାର ଓ ତୃତୀୟରେ ମହାରାଷ୍ଟ୍ର ରହିଛି । ଏହି ମାମଲା ଗୁଡ଼ିକ ମଧ୍ୟରୁ କିଛି ମାମଲା ୫ ବର୍ଷରୁ ଊର୍ଦ୍ଧ୍ୱର୍ ସମୟ ଧରି ଲମ୍ବିତ ରହିଛି । ତେଣୁ ଏହାର ଶୀଘ୍ର ସମାଧାନ ପାଇଁ ଆମିକସ୍ କ୍ୟୁରି ତାଙ୍କ ରିପୋର୍ଟରେ ଦର୍ଶାଇଛନ୍ତି ।

### ଲମ୍ପଟ ଶିକ୍ଷକକୁ ...

ଏପରିକି ଅସଦାଚରଣରେ ଶିକାର ହୋଇଥିବା ଛାତ୍ରୀମାନେ ମୁହଁ ଖୋଲିଥିଲେ। ସ୍ଥିତି ନିୟନ୍ତ୍ରଣ ବାହାରକୁ ଯାଉଥିବା ଦେଖି ଶିକ୍ଷକ ବିଶ୍ୱନାଥକୁ ଜିଲ୍ଲା ଶିକ୍ଷା ଅଧିକାରୀ ନିଲମ୍ବିତ କରିଥିଲେ। ଏହା ପରେ ଦେଓଗାଁ ଥାନା ପୁଲିସ ସ୍କୁଲ ଯାଇ ଶିକ୍ଷକ ବିଶ୍ୱନାଥକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଆଜି ଏହି ମାମଲାର ରାୟ ପ୍ରକାଶ ପାଇଛି। ପୋକ୍ସୋ କୋର୍ଟ ମାମଲାର ବିଚାର କରି ଅଭିଯୁକ୍ତକୁ ୨୦ ବର୍ଷ ସଜା ଶୁଣାଇଛନ୍ତି। ଏଥିସହ ୫୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ହେଲେ ଅଧିକ ଦୁଇ ବର୍ଷ ଜେଲ୍? ଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ରାୟରେ ଶୁଣାଇଛନ୍ତି।

ଧ୍ୱନି ପ୍ରତିଧ୍ୱନି



# ପ୍ରିମିୟମ ମଦ ଦୋକାନ ଖୋଲିବା ବିରୋଧରେ ଗାନ୍ଧି ଜୟନ୍ତୀରେ ଧାରଣା ଦେବାକୁ 'ମନା'ର ନିଷ୍ପତ୍ତି

ବାଲେଶ୍ୱର, ୧୫/୦୯ (ନି.ପ୍ର): ମିଳିତ ନିଶା ନିବାରଣ ଅଭିଯାନ, 'ମନା' ପକ୍ଷରୁ ବିଶେଷ ବୈଠକ ନେଳିଆବାଗସ୍ଥିତ କାର୍ଯ୍ୟାଳୟରେ ଆଇନଜୀବୀ ପ୍ରଭାକର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଗତ ମାସିକ ବୈଠକ ନିଷ୍ପତ୍ତି ଅନୁସାରେ ଅବକାରୀ କମିଶନର ଓ ଜିଲ୍ଲାପାଳଙ୍କୁ ପ୍ରିମିୟମ ମଦ ଦୋକାନ ନଖୋଲିବା ପାଇଁ ଦରଖାସ୍ତ ଦେଇଥିଲେ ହେଁ ସୁଫଳ ମିଳି ନାହିଁ। ଷ୍ଟେସନ ଛକରୁ ମିଶନ ବାଳିକା ବିଦ୍ୟାଳୟ ପର୍ଯ୍ୟନ୍ତ ରାସ୍ତାଟି ହେରିଟେଜ୍ ରୋଡ୍, କାରଣ ଅବଦୁଲ କଲାମ, ଗୋପବନ୍ଧୁ, ଫକୀରମୋହନ ଓ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତି ଏହି ରାସ୍ତାରେ ରହିଛି । ଖୁବ୍ ନିକଟରେ ମିଶନ ବାଳିକା ଉଚ୍ଚ ବିଦ୍ୟାଳୟ, ଉ.ପ୍ରା.ବିଦ୍ୟାଳୟ, ଦାତବ୍ୟ ଚିକିତ୍ସାଳୟ, ବୃଦ୍ଧାଶ୍ରମ, ମନ୍ଦିର ଓ ବ୍ୟାଙ୍କମାନ ଅବସ୍ଥିତ । ସେହି ସ୍ଥାନରେ ପ୍ରିମିୟମ ମଦ ଦୋକାନ ଖୋଲା ବିରୋଧରେ 'ମନା'ର ବୈଠକରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି ଓ ମ୍ୟୁନିସିପାଲିଟି କାଉନସିଲରମାନେ ମଧ୍ୟ ବିରୋଧ କରିଥିବା ଜଣାଯାଇଛି । ଏଣୁ ଆଗାମୀ ପବିତ୍ର ଗାନ୍ଧି ଜୟନ୍ତୀ ଅକ୍ଟୋବର ୨ରେ 'ଷ୍ଟେସନ ଛକରୁ ଫକୀରମୋହନ ଗୋଲାଇ ଐତିହ୍ୟ ସଂପନ୍ନ ରାଜପଥକୁ ନିଶାମୁକ୍ତ ଅଂଚଳ' ଘୋଷଣା ଦାବିରେ ସିନେମା ଛକର ସହିଦ୍ ପାର୍କସ୍ଥିତ ମହାତ୍ମାଗାନ୍ଧିଙ୍କ ପ୍ରତିମୂର୍ତ୍ତିଠାରେ ଦିବା ଘ୮ଟିକା ଠାରୁ ଧାରଣା ଦେବାକୁ ଓ ଏହି ଧାରଣାରେ ବ୍ଲକ ପ୍ରତିନିଧି, ସମଭାବାପନ୍ନ ସଂଗଠନ, ସ୍ଥାନୀୟ ପେଟ୍ରୋଲ ପମ୍ପ ଓ ଦାତବ୍ୟ ଚିକିତ୍ସାଳୟର ମାଲିକଙ୍କୁ ସାମିଲ କରାଯିବାକୁ ବୈଠକରେ ସର୍ବସମ୍ମତ ସ୍ଥିର ହୋଇଛି । ବୈଠକରେ 'ମନା'ର ସାଧାରଣ ସଂପାଦିକା ମମତା ମହାପାତ୍ର, ଉପଦେଷ୍ଟା ଡ.କେଶବ ଚରଣ ପଣ୍ଡା, ଉପ-ସଭାପତି ଡ. କ୍ଷିତୀଶ୍ୱର ଦାଶ, ଅର୍ଚ୍ଚନା ନନ୍ଦୀ ଓ କୁମୁଦ ରଞ୍ଜନ ଗିରି, ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ, କମଳାକାନ୍ତ ଦାଶ, ଗୀତାଞ୍ଜଳି ସିଂହ, ସରସ୍ୱତୀ ପଣ୍ଡା, ବୀରେନ୍ଦ୍ର ନାରାୟଣ ପ୍ରହରାଜ, ରବିନାରାୟଣ ଭୋଳ, ପ୍ରଶାନ୍ତ କୁମାର ପଟେଲ, ସଂଯୁକ୍ତା ବେହେରା, ବେଣୁଧର ସାହୁ, ଭୂପତି ଭୂଷଣ ଦାସ, କଲ୍ୟାଣୀ ନନ୍ଦ, ପୂର୍ଣ୍ଣଚନ୍ଦ୍ର ବେହେରା, ଭାରତୀ ପଣ୍ଡା, କମଳାକାନ୍ତ ନାୟକ, ପ୍ରଭକର ସାହୁ(ଖ), ଅରୁଣ ଜେନା, ନିରଞ୍ଜନ ପରିଡ଼ା, ପ୍ରତାପ ଚନ୍ଦ୍ର ମହାନ୍ତି, ତପନ କୁମାର ସିଟ୍, ସନାତନ ଦାସ, ସୀତାରାମ ପ୍ରଧାନ, ପ୍ରସନ୍ନ ପାଢ଼ୀ, ଅକ୍ଷୟ କୁମାର ତ୍ରିପାଠୀ, ଯୋଗେଶ ଚନ୍ଦ୍ର ପ୍ରଧାନ, ରମେଶଚନ୍ଦ୍ର ଜେନା ଓ ବସନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଶେଷରେ ସଂପାଦକ ନିରଞ୍ଜନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆଇନ୍ ସେବା ପ୍ରାଧିକରଣ ପକ୍ଷରୁ ସାଇବର ଆଇନ୍ ସଂପର୍କିତ ସଚେତନତା କାର୍ଯ୍ୟକ୍ରମ



ଭଦ୍ରକ, ୧୫/୦୯ (ନି.ପ୍ର): ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ସଂସ୍କୃତି ଭବନ, ଭଦ୍ରକ ଠାରେ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଏବଂ ସାଇବର ଆଇନ୍ ସଂପର୍କିତ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାଦୌରା ଜଜ୍ ତଥା ଜିଲ୍ଲା ଆଇନ୍‌ସେବା ପ୍ରାଧୀକରଣର ଅଧକ୍ଷ ପ୍ରଦ୍ୟୁମ୍ନ କୁମାର ନାୟକଙ୍କ ନିର୍ଦ୍ଦେଶକ୍ରମେ ଏହି ସାଇବର ଆଇନ୍ କାର୍ଯ୍ୟକ୍ରମକୁ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ସଚିବ ନେହା ଅଗ୍ରୱାଲ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମ ମାଧମରେ ସାଇବର ଅପରାଧ ସଂପର୍କିତ ଆଇନ୍ ତଥା ଏହାର ନିରାକରଣ ବିଷୟରେ ଏବଂ ଆମେ ଏସବୁ ପାଇଁ କଣ ସବୁ ସତର୍କତା ଅବଲମ୍ବନ କରିବା ସମସ୍ତ ବିଷୟରେ ବିଷଦ ଭାବରେ ଆଲୋଚନା କରାଯାଇଥିଲା । ଗିରୀଜା ଶଙ୍କର ବାଗ୍, ଜେ.ଏମ୍.ଏଫ.ସି. ଭଦ୍ରକ ନିରାକାର ଜେନା, ସଭାପତି, ଜିଲ୍ଲା ବାର୍ ଆସୋସିଏସନ୍, ଭଦ୍ରକ ଦିବ୍ୟସିଂ ନାୟକ, ସଂପାଦକ, ଜିଲ୍ଲା ବାର ଆସୋସିଏସନ୍, ଭଦ୍ରକ ତଥା ବିଭିନ୍ନ ବ୍ୟାଙ୍କ କର୍ମଚାରୀ, ଓକିଲ ବୃନ୍ଦ, ପି.ଏଲ୍.ଭି., ଭଦ୍ରକ ଏବଂ ଛାତ୍ରଛାତ୍ରମାନେ ଉପସ୍ଥିତି ରହି କାର୍ଯ୍ୟକ୍ରମକୁ ସଫଳ କରାଇଥିଲେ ।

# ବିବାଦ ଘେରରେ ଅଙ୍ଗନୱାଡ଼ି କେନ୍ଦ୍ର: ଅଭିଭାବକଙ୍କ ସାମ୍ବାଦିକ ସମ୍ମିଳନୀ

ଲଙ୍ଗଳେଶ୍ୱର , ୧୫/୦୯ (ନି.ପ୍ର): ବାଲିଆପାଳ ବ୍ଲକ ବିଷ୍ଣୁ ପୁର ପଞ୍ଚାୟତ ଅନ୍ତର୍ଗତ ରସଲପୁର୍ ଗ୍ରାମରେ ଥିବା ଏକ ନମ୍ବର ଅଙ୍ଗନୱାଡି କେନ୍ଦ୍ର ଏବେ ବିବାଦ ଘେରରେ, ଗ୍ରାମର ମଧ୍ୟସ୍ଥଳୀ ରେ ଅଙ୍ଗନୱାଡି କେନ୍ଦ୍ର କାର୍ଯ୍ୟକ୍ଷମ ନହେଲେ ଅଙ୍ଗନୱାଡି କେନ୍ଦ୍ରକୁ ନିଜର ପିଲା ମାନଙ୍କୁ ଛାଡ଼ିବେ ନାହିଁ ବୋଲି ସାମ୍ବାଦିକ ସମ୍ମିଳନୀରେ ଗ୍ରାମବାସୀ ,ଅଭିଭାବକ ମାନେ ସୂଚନା ଦେଇଛନ୍ତି । ପୂର୍ବରୁ ଚାଲିଥିବା ଅଙ୍ଗନୱାଡ଼ି କେନ୍ଦ୍ରକୁ ପିଲାମାନଙ୍କୁ ଯିବା ପାଇଁ ଦୂର ହେବା ସହିତ ଯିବା ରାସ୍ତାର ଉଭୟ ପଶ୍ୱରେ ଗଭୀର ପୋଖରୀ ରହିଛି, ଏହା ଛଡା କେନ୍ଦ୍ର ଆଗରେ ମଧ ଏକ ଗଭୀର ବିପଦ ପୂର୍ଣ୍ଣ ପୋଖରୀ ରହିଥିବାରୁ ପିଲାମାନଙ୍କ ଜୀବନ ପ୍ରତି ବିପଦ ରହିଥିବା ନେଇ ଅଭିଭାବକ ମାନେ ଜିଲ୍ଲାପାଳଙ୍କୁ ଜଣାଇ ଥିଲେ, ପରେ ପଞ୍ଚାୟତ କାର୍ଯ୍ୟଳୟ ରେ ସରପଞ୍ଚ ,ମାତୃ କମିଟି,ଅଭିଭାବକ କମିଟି, ଯାଞ୍ଚ କମିଟି, ୨ ଟି ୱାର୍ଡର ୱାର୍ଡ ସଦସ୍ୟ ଙ୍କ ଉପସ୍ଥିତିରେ ଏକ ବୈଠକ କରାଯାଇ ଗ୍ରାମର ମଧ୍ୟସ୍ଥଳୀ ଜୟନ୍ତ ସାହୁଙ୍କ ଘରେ ଭଡ଼ା ସୂତ୍ର ରେ ଅଙ୍ଗନୱାଡି କେନ୍ଦ୍ର ଚାଲିବାର ସିଦ୍ଧାନ୍ତ ନିଆଯାଇଥିଲା, ମାତ୍ର ଅଙ୍ଗନୱାଡି କର୍ମୀ ବୈଜୟନ୍ତୀ କରଣ ସିଦ୍ଧାନ୍ତକୁ ବେଖାତିର କରି ପୂର୍ବରୁ ଯେପରି ନିଜ ଘରେ ଅଙ୍ଗୱାଡ଼ି ଚଳାଇ ଥିଲେ ସେହିପରି ଭାବରେ କାର୍ଯ୍ୟ କରୁଛନ୍ତି, ଏହାର ଆଶୁ ସମାଧାନ ନହେବା ଯାଏ ପିଲାମାନେ ଆଉ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯିବେ ନାହିଁ ବୋଲି ଉପସ୍ଥିତ ଅଭିଭାବକ ମାନେ କହିଛନ୍ତି, ଏନେଇ ଅଙ୍ଗନୱାଡ଼ି କର୍ମୀ ଙ୍କୁ ପଚାରିବାରୁ ସେ କ୍ୟାମେରା ସାମ୍ନା ରେ କୌଣସି ପ୍ରତିକ୍ରିୟା ଦେବାକୁ ମନା କରିଛନ୍ତି।

# ବାଲେଶ୍ୱର ଜିଲା ଶାରିଶୁଆ ଖଣିରେ ପ୍ରଥମ: ପଥର ପରିବହନ ପାଇଁ ଇ-ପାସ ବ୍ୟବସ୍ଥାର ଶୁଭାରମ୍ଭ



ଖଇରା, ୧୫/୦୯ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ତହସିଲ ଅଧୀନ ଶାରିଶୁଆ ପାହାଡରେ ବିଭିନ୍ନ ପଥର ଖଣି ଦିର୍ଘଦିନ ଧରି ବନ୍ଦ ରହିବା ପରେ ଏବେ ଖଣି ଓ ଇସ୍ପାତ ବିଭାଗ ଅଧିନରେ ୩ଟି ଖଣିର ପୁନଃଚାଲୁ ହେବା ସହ ଇପାଶ ଜରିଆରେ ପରିବହନ ବ୍ୟବସ୍ଥାର ଶୁଭାରମ୍ଭ ହୋଇଛି । ପ୍ରଥମ ପର୍ଯ୍ୟାୟରେ ଶାରିଶୁଆ ବନ୍ଧନଟା ମୌଜାର ୫୧,୭୫ ଓ ୭୭ନମ୍ବର ଖଣି ଚଲାଇବାକୁ ଜିଲାପାଳଙ୍କ ଠାରୁ ଅନୁମତି ମିଳିଛି । ପରୁଣା ବ୍ୟବସ୍ଥା ଉଚ୍ଛେଦ ପରେ ଇ-ପାଶ ଚାଲାଣ କଟାଯାଇ ଉକ୍ତ ଲଘୁଜାତ ଖଣିଜ ପଦାର୍ଥ ବିକ୍ରି ପାଇଁ ଖଣି ଓ ଇସ୍ପାତ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯିବା ସହ ଗୁରୁବାର ବାଲେଶ୍ୱର ଜିଲାରେ ପ୍ରଥମ କରି ଇ-ପାଶ ମାଧ୍ୟମରେ ପଥର ପରିବହନ କରାଯାଇଛି । ବାଲେଶ୍ୱର ଜିଲା ଖଣି ଅଧିକାରିଣୀ ସନ୍ତୋଷୀ ପ୍ରଭା ସେଠୀ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିଥିବା ବେଳେ ଖଣି ନିଲାମଧାରୀ ବିଦ୍ୟାଧର ନାୟକ,ଅମୂଲ୍ୟ ପ୍ରସାଦ ଦାସ,ଅଶୋକ କୁମାର ଜେନା,ଅନ୍ୟତମ ଜିଲା ଅଧିକାରୀ ଭବାନୀ ଶଙ୍କର ମଲିକ ଓ ଦେବାଶିଷ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ।ରାଜ୍ୟ ଲଘୁ ଖଣିଜ ସମ୍ପଦର ସୁପରିଚାଳନା ଓ ସ୍ୱଚ୍ଛତା ପାଇଁ ଖଣି ଓ ଇସ୍ପାତ ବିଭାଗ ତରଫରୁ ଏହି ଅନଲାଇନ ପରିବହନ ପ୍ରକ୍ରିୟା ଚାଲୁ କରାଯାଇଥିବା ନେଇ ଖଣି ଅଧିକାରିଣୀ କହିଛନ୍ତି ।।

# ପରିତ୍ୟକ୍ତ ପୋଖରୀରୁ ଶିଶୁ ପୁତ୍ରର ମୃତଦେହ ଉଦ୍ଧାର

ବସ୍ତା ୧୫/୯(ନିପ୍ର): ବାଲେଶ୍ୱର ଜିଲ୍ଲା ବସ୍ତା ଥାନା କୁଶୁଡିହା ଗ୍ରାମର ଅରୁଣ ରାମଙ୍କ ୨ ବର୍ଷର କୁନିପୁଅ ରିତିକ ଗତକାଲି ଘର ବାରଣ୍ଡାରେ ମୋବାଇଲ ଦେଖୁଥିବା ବେଳେ ନିଖୋଜ ହୋଇ ଯାଇଥିଲା, ପରିବାର ଲୋକ ବହୁ ଖୋଜା ଖୋଜି କରି ପାଇ ନଥିଲେ,ପିଲାକୁ କେହି ନେଇ ଯାଇଥିବା ସନ୍ଦେହ କରି ପରିବାର ଲୋକେ ବସ୍ତା ଥାନାରେ ଲିଖିତ ଅଭିଯୋଗ କରିଥିଲେ,ପୋଲିସ ଘଟଣାର ଅନୁସନ୍ଧାନ କରିଥିଲେ ମଧ ପାଇ ନଥିଲେ ତେବେ ଆଜି ସକାଳେ ଗ୍ରମାର ହାପ କିଲୋମିଟର ଦୂରରେଥିବାଏକ ପରିତ୍ୟକ୍ତ ପୋଖରୀରୁ ମୃତଦେହ ଉଦ୍ଧାର କରିଛନ୍ତି । ପରିବାର ଲୋକେ, ତେବେ ପିଲାଟି ଘର ଠାରୁ ଦେଢ କିଲୋମିଟର ଦୂର ଏହି ପରିତ୍ୟକ୍ତ ପୋଖରୀକୁ କେମିତି ଆସିଲା ତାହା ବର୍ତ୍ତମାନ ସନ୍ଦେହ ଘେରରେ। ପୋଲିସ ଏକ ମାମଲା ରୁଜୁ କରି ଘଠଣାର ତଦନ୍ତ କରୁଛି।

# ଭବିଷ୍ୟନିଧି ପେନ୍‌ସନ୍‌ଭୋଗୀଙ୍କ ଗଣଧାରଣା

ବାଲେଶ୍ୱର, ୧୫/୦୯ (ନି.ପ୍ର): ଭବିଷ୍ୟନିଧି ପାଣ୍ଠିରୁ ମାସିକ ପେନସନ୍ ପାଉଥିବା ଅବସରପ୍ରାପ୍ତ ଶତାଧିକ କର୍ମଚାରୀ ଫକୀରମୋହନ ଗୋଲେଇ ନିକଟରେ ମହାତ୍ମାଗାନ୍ଧିଙ୍କ ଫଟୋଚିତ୍ର ରଖି ଶୁକ୍ରବାର ଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଗଣଧାରଣାରେ ବସିଥିଲେ। ସର୍ବନିମ୍ନ ମାସିକ ପେନସନ୍ ଏକ ହଜାରରୁ ୯ ହଜାର ଟଙ୍କା, ମହଙ୍ଗାଭତ୍ତା, ମାନ୍ୟବର ସୁପ୍ରିମକୋର୍ଟଙ୍କ ଆଦେଶ ଅନୁଯାୟୀ ଅଧିକ ବେତନ ପାଉଥିବା କର୍ମଚାରୀଙ୍କୁ ବେତନ ଅନୁପାତରେ ଅଧିକ ପେନସନ୍ ପ୍ରଦାନ ନୀତିର ସରଳୀକରଣ ଓ ସରକାରୀ ଚିକିତ୍ସାବୀମା ପ୍ରଦାନ ଦାବିରେ ଏହି ଗଣଧାରଣା ଦିଆଯାଇଥିଲା। ଅଲ୍ ଓଡ଼ିଶା ଇପିଏଫ୍ ପେନସନର୍ସ ଆସୋସିଏସନ୍‌ର ଆହ୍ୱାନ କ୍ରମେ ଓଡ଼ିଶାର ସମସ୍ତ ଜିଲ୍ଲାରେ ଗଣଧାରଣା ଦିଆଯାଇଛି ବୋଲି କର୍ମକର୍ତ୍ତାମାନେ ପ୍ରକାଶ କରିଥିଲେ। ଜିଲ୍ଲା ସଭାପତି ଇଂ. ଅନାଦି ଚରଣ ବେହେରା ମହାତ୍ମା ଗାନ୍ଧୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଗଣଧାରଣାରେ ଯୋଗ ଦେଇଥିବା ସମସ୍ତ ବୟସ୍କ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ। ଉପଦେଷ୍ଟା ଗୌରାଙ୍ଗ ପାଣିଗ୍ରାହୀ, କୋଷାଧ୍ୟକ୍ଷ ଜଳଧର ପଣ୍ଡାଙ୍କ ସମେତ ମାୟାଧର ନାୟକ, ସନାତନ ଜଳଦାସ, ଭୂପତି ଭୂଷଣ ଦାସ, ଶ୍ୟାମସୁନ୍ଦର ଜେନା ପ୍ରମୁଖ ମାସିକ ମାତ୍ର ଏକ ହଜାର ଟଙ୍କା କିମ୍ବା ତହିଁରୁ କମ୍ ପରିମାଣର ପେନ୍‌ସନ୍‌ଭୋଗୀଙ୍କ କରୁଣ କାହାଣୀ ଉପସ୍ଥାପିତ କରିଥିଲେ। ଦାବି ଓ ଆନ୍ଦୋଳନକୁ ସମର୍ଥନ ଜଣାଇ ସିଭିଲ୍ ସୋସାଇଟିର ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ, ଜିଲ୍ଲା ବରିଷ୍ଠ ନାଗରିକ ମଞ୍ଚରୁ ସୀତାରାମ ପ୍ରଧାନ, ଅବସରପ୍ରାପ୍ତ ରାଜ୍ୟ ସରକାରୀ କର୍ମଚାରୀ ସଂଘରୁ ବଳରାମ ବେହେରା, ସିଆଇଟିୟୁ ନେତା ବିଜୟ ପାତ୍ର, ଏଆଇଟିୟୁସି ନେତା ଭାଗବତ ପ୍ରତିହାରୀ, ଜୀବନବୀମା କର୍ମଚାରୀ ନେତା ଶ୍ୟାମସୁନ୍ଦର ଜେନା, କୃଷକ ନେତା ଅରୁଣ ଜେନା ପ୍ରମୁଖ ଧାରଣାସ୍ଥଳରେ ସେମାନଙ୍କ ବକ୍ତବ୍ୟରେ କେନ୍ଦ୍ର ସରକାରଙ୍କର ଅବିଚାରକୁ ଦୃଢ଼ ନିନ୍ଦା କରିଥିଲେ। ଏହି ବରିଷ୍ଠ ନାଗରିକମାନଙ୍କ ଦାବିକୁ କେନ୍ଦ୍ର ସରକାର ତୁରନ୍ତ ପୂରଣ କରିବାକୁ ସେମାନେ ଦାବି କରିଥିଲେ। ଉପସ୍ଥିତମାନଙ୍କୁ ଶରତ ଦଳେଇ ଧନ୍ୟବାଦ ଦେଇଥିଲେ।

# ପୂର୍ବତଟ ରେଳପଥ ପକ୍ଷରୁ ବ୍ୟାପକ ଭାବେ ସ୍ୱଚ୍ଛତା ପକ୍ଷ ପାଳନ ଅବସରରେ ଶପଥପାଠ

ଭୁବନେଶ୍ୱର, ୧୫/୦୯ (ନି.ପ୍ର): ଭାରତୀୟ ରେଳବାଇ ପକ୍ଷରୁ ୧୬ ରୁ ୩୦ ସେପ୍ଟେମ୍ବର ପର୍ଯ୍ୟନ୍ତ ସ୍ୱଚ୍ଛତା ପକ୍ଷ୍ୟ ଦେଶସାରା ପାଳନ କରାଯାଉଅଛି ଓ ଏଥିପାଇଁ ପୂର୍ବତଟ ରେଳପଥ ବ୍ୟାପକ ଭାବେ ସ୍ୱଚ୍ଛତା ପକ୍ଷ ପାଳନ କରି ରେଳ ଷ୍ଟେସନ ପରିସର, ଟ୍ରେନ, କାର୍ଯ୍ୟାଳୟ, ୱାର୍କଶପ, ମରାମତି ଡିପୋ, ରେଳବାଇ ସ୍ୱାସ୍ଥ୍ୟ କେନ୍ଦ୍ର ଓ ବାସସ୍ଥଳୀ ଅଂଚଳମାନଙ୍କରେ ପରିଚ୍ଛନ୍ନତା ପ୍ରତି ବ୍ୟାପକଭାବେ ସ୍ୱତନ୍ତ୍ର ଧ୍ୟାନ ଦେଉଛି। ପୂର୍ବତଟ ରେଳପଥ ମହାପ୍ରବନ୍ଧକ ମନୋଜ ଶର୍ମା ଶୁକ୍ରବାର ପୂର୍ବାହ୍ନରେ ରେଳପଥର ମୁଖ୍ୟାଳୟ ଭୁବନେଶ୍ୱର ଠାରେ ରେଳପଥ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ଅବସରରେ ଶପଥ ପାଠ କରାଇ ସ୍ୱଚ୍ଛତା ପ୍ରତି ଶ୍ରମଦାନ କରିବା ସହିତ ନିଜେ ଅଳିଆ ନଫିଙ୍ଗିବା କିମ୍ବା କାହାକୁ ଏହା ନକରିବା ପାଇଁ ପ୍ରବର୍ତାଇବା; ନିଜଠାରୁ, ନିଜ ପରିବାରରୁ, ନିଜ ଅଂଚଳରୁ ଏବଂ କାର୍ଯ୍ୟସ୍ଥଳରୁ ପରିଚ୍ଛନ୍ନତା ଆରମ୍ଭ କରିବା ସହିତ ଅନ୍ୟମାନଙ୍କୁ ଏଥିପ୍ରତି ପ୍ରବର୍ତ୍ତାଇବାକୁ ଶପଥ ପାଠ କରାଇଥିଲେ । ଏହି ଅବସରରେ ୱାଲଟିୟର, ଖୋର୍ଦ୍ଧା ରୋଡ଼ ଓ ସମ୍ବଲପୁର ରେଳ ମଣ୍ଡଳ ମାନଙ୍କରେ ମଣ୍ଡଳ ରେଳବାଇ ପ୍ରବନ୍ଧକ ମାନେ ଅଧିକାରୀ ଓ କର୍ମଚାରୀମାନଙ୍କୁ ଏହି ଅବସରରେ ଶପଥ ପାଠ କରାଇଥିଲେ। ଏହା ବ୍ୟତୀତ, ପୂର୍ବତଟ ରେଳପଥ ପରିସୀମା ମଧରେ ବିଭିନ୍ନ ଷ୍ଟେସନ ମାନଙ୍କରେ କର୍ମଚାରୀମାନେ ମଧ ସ୍ୱଚ୍ଛତା ପକ୍ଷ୍ୟ ଅବସରରେ ଶପଥ ଗ୍ରହଣ କରିଥିଲେ । ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ରେଳ ଷ୍ଟେସନ ଏବଂ ଆବାସିକ ଅଂଚଳକୁ ପରିଷ୍କାର, ସ୍ୱାସ୍ଥ୍ୟପ୍ରଦ ରଖିବା ପାଇଁ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।ପୂର୍ବତଟ ରେଳପଥ ପକ୍ଷରୁ ସ୍ୱଚ୍ଛତା ପକ୍ଷ୍ୟର ବ୍ୟାପକ କାର୍ଯ୍ୟକ୍ରମରେ ରେଳଯାତ୍ରୀ, ରେଳ ବ୍ୟବହାରକାରୀ, ସହଭାଗୀ ମାନଙ୍କୁ ନେଇ ସଚେତନତା କାର୍ଯ୍ୟକ୍ରମ କରୁଥିବାବେଳେ ସ୍ୱଚ୍ଛତା ସମ୍ବନ୍ଧରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇଛି ।

# ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ପନ୍ଦରଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ

ଭୁବନେଶ୍ୱର, ୧୫/୦୯ (ନି.ପ୍ର): ପ୍ରାଚୀନ ତାଳପତ୍ର ପୋଥି ସଂରକ୍ଷଣ ନିମନ୍ତେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ପକ୍ଷରୁ ଏକ ପନ୍ଦରଦିନିଆ ତାଲିମ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଲେ ଯେ ଆମର ପ୍ରାଚୀନ ସାହିତ୍ୟର ସୁରକ୍ଷା ସହ ସେ ବାବଦରେ ଅଧିକ ଗବେଷଣା ନିମନ୍ତେ ଏପରି କାର୍ଯ୍ୟକ୍ରମ ବିଶେଷ ସହାୟକ ହେବ । ପ୍ରାଚୀନ ତାଳପତ୍ର ପୋଥିଗୁଡ଼ିକର ସଂରକ୍ଷଣ ସହ ଏ ସବୁ ଲୋକଲୋଚନକୁ ଆସିଲେ ଉତ୍ତରପିଢ଼ି ଆମ ସାହିତ୍ୟ, ସଂସ୍କୃତି ଓ ପରମ୍ପରା ସଂପର୍କରେ ଅଧିକ ଜ୍ଞାନ ଓ ତଥ୍ୟ ଲାଭ କରିପାରିବେ ।

# ବିଜେପିର ମୋ ମାଟି, ମୋ ଦେଶ କାର୍ଯ୍ୟକ୍ରମ ଓ ବୃକ୍ଷରୋପଣ



ଜଳେଶ୍ୱର ୧୫/୯(ନିପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଜଳେଶ୍ୱର ବ୍ଲକର ନଛିମପୁର ଓ ରାୟାଁରାମଚନ୍ଦ୍ରପୁର ପଂଚାୟତରେ ବିଜେପିର ମୋ ମାଟି ମୋ ଦେଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ମଣ୍ଡଳ ସଭାପତି ତପନ ବିଶ୍ୱାଳଙ୍କ ନେତୃତ୍ୱରେ ଦେଉଳା ଗ୍ରାମର ସ୍ୱର୍ଗତ ଜଗବଂଧୁ ଜେନାଙ୍କ ବାସଭବନରୁ ମୃତ୍ତିକା ଅଣାଯାଇ ଥିବା ବେଳେ ଗ୍ରାମର ବିଭିନ୍ନ ଲୋକଙ୍କ ଘରୁ ମଧ୍ୟ ମୃତ୍ତିକ ସଂଗ୍ରହ କରାଯାଇ ଦିଲ୍ଲୀର କର୍ତ୍ତବ୍ୟ ପଥରେ ଅମୃତ ବାଟିକା ନିର୍ମାଣ ଲାଗି ପଠାଯାଇଛି । ଏହି କାର୍ଯ୍ୟକ୍ରମ ପରେ ପରମାନନ୍ଦ ମହାପାତ୍ରଙ୍କ ନେତୃତ୍ୱରେ ଗ୍ରାମରେ ଥିବା ବିଦ୍ୟାଳୟରେ ବୃକ୍ଷରୋପଣ କରାଯାଇଥିଲା । ସେହିପରି ରାୟାଁରାମଚନ୍ଦ୍ରପୁର ଗ୍ରାମରେ ଏପରି କାର୍ଯ୍ୟକ୍ରମକୁ ଯୁବ ନେତା ସଂଗ୍ରାମ ପରିଡା, ନିତ୍ୟାନନ୍ଦ ଦାସ, ଦିପୁ ସେଠି, ତାପସ ଗିରି, ମଧୁସୂଦନ ସାହୁ, ରବିନ୍ଦ୍ର ଜେନା, ଶ୍ୟାମସୁନ୍ଦର ପାଳ, କାଳିଚରଣ ମାହାନା, ନାରାୟଣ ସାହୁ, ଝୁନିନ୍ଦ୍ର ପାଳ, ବିଜୟ ଦତ୍ତ, ଆରତୀ ବେହେରା, ଗଦାଧର ପାଳ, ଶଂକର ଧାମୁଡିଆ, ଉର୍ମିଳା ଜେନା, ଗୀତା ଜେନା, କିଶୋର ପାତ୍ର, ପୂର୍ଣ୍ଣ ସେଠୀ, ପ୍ରକାଶ ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

# ଗୋଡିଖାଲ ଶିବମୁନି ଯୋଗାଶ୍ରମରେ ଜନ୍ମଜୟନ୍ତୀ ସମାରୋହ

ଗୋଡିଖାଳ , ୧୫/୦୯ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ ୭୫ ତମ ଶୁଭ ଜନ୍ମଜୟନ୍ତୀ,ଆଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ମୁନିରାଜ ଗୋପାଳକୃଷ୍ଣ ମହାପାତ୍ର ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମୁଖ୍ଯ ଅତିଥି ହିସାବରେ ଯୋଗଦାନ କରିଥିଲେ ବର୍ଷିୟାନ୍ ସିଦ୍ଧ-ସାଧକ ଆତ୍ମଜ୍ଞାନୀ ଯୋଗୀ ପ୍ରଫୁଲ୍ଲ ମୁନିଜୀ ମହୋଦୟ ।ତାଙ୍କ ମୁଖନିସୃତ ଆଶିର୍ବଚନ ଉପସ୍ଥିତ ସମସ୍ତ ସମସ୍ତ ଯୋଗୀ, ଯୋଗଶିକ୍ଷୟତ୍ରୀ, ମୁନିରାଜ ମୁନିରାଜ୍ଞୀ,ମୁନି ମୁନିମତୀ, ମୁନିକୁମାର ମୁନିକୁମାରୀ ମାନଙ୍କୁ ନିଜ ନିଜ ଆତ୍ମାରେ କିଛିକ୍ଷଣ ପାଇଁ ତଲ୍ଲୀନ କରିଦେଇଥିଲା । ମୁଖ୍ୟ ବକ୍ତା ହିସାବରେ ଆତ୍ମଜ୍ଞାନୀ ଯୋଗୀ କୃପାସିନ୍ଧୁ ମୁନିଜୀ ମହୋଦୟ ତାଙ୍କର ଆଶିର୍ବଚନ ପ୍ରଦାନ କରିଥିଲେ। ସମ୍ମାନୀତ ବକ୍ତା ହିସାବରେ ଯୋଗଦାନ କରିଥିଲେ ଯୋଗୀ ହରିପଦ ସୁର ମହୋଦୟ। ମୁନି ସଙ୍ଗୀତ ଗାନ କରିଥିଲେ କଣ୍ଠଶିଳ୍ପୀ ମୁନିରାଜ୍ଞୀ ନୟନା କାମିଲା ମହୋଦୟା । ସହଯୋଗ କରିଥିଲେ ଶ୍ୟାମ ମୁନି,କରୁଣାକର ମୁନି,ନରେନ୍ଦ୍ର ମୁନି,ରବିନ୍ଦ୍ର ମୁନି ପ୍ରମୁଖ । କବୟିତ୍ରୀ ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ କମଳ କାମିନୀ ଦେ ଙ୍କ ରଚିତ କବିତା ପାଠ କରାଯାଇଥିଲା । ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କୁ ତାଙ୍କର ୭୫ ତମ ଶୁଭ ଜନ୍ମଜୟନ୍ତୀ ପାଳନ ଅବସରରେ ତାଙ୍କୁ ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନର ସମୂହ ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ମୁନିରାଜ ରମେଶ ଚନ୍ଦ୍ର କାମିନୀ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ଶେଷରେ ଆଶ୍ରମର ସମ୍ପାଦକ ଆତ୍ମଜ୍ଞାନୀ ମୁନିରାଜ ଗୋପାଳକୃଷ୍ଣ ମହାପାତ୍ର ସମସ୍ତଙ୍କୁ ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।



# ଗେଟରେ ତାଲା ପକାଇଲେ କଲେଜ ଛାତ୍ର

ବସ୍ତା, ୧୫/୦୯ (ନି.ପ୍ର): ଅମର୍ଦା ରୋଡ଼ ସିଦ୍ଧେଶ୍ୱର କଲେଜରେ କଲେଜ କର୍ତ୍ତୃପକ୍ଷ ଙ୍କ ଗଣେଶ ପୂଜାକୁ ବିରୋଧ,ଛାତ୍ର ଅଶାନ୍ତି, କଲେଜ ଗେଟରେ ତାଲା ପକାଇ ପିଲାଙ୍କ ଆନ୍ଦୋଳନ ।ସୂଚନା ଅନୁଯାୟୀ ଆସନ୍ତି ୧୯ ତାରିଖରେ ଗଣେଶ ପୂଜା ହେବାକୁ ଥିବା ବେଳେ ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ ଅମର୍ଦା ରୋଡ଼ ସିଦ୍ଧେଶ୍ୱର କଲେଜରେ ଏଥି ପାଇଁ କୌଣସି ପ୍ରସ୍ତୁତି ହୋଇନାହିଁ,ପୂଜାକୁ ଆଉ ମାତ୍ର ଦୁଇ ଦିନ ବାକି ଥିବା ବେଳେ କାହିଁକି ଏନେଇ ନୋଟିସ କିମ୍ବା ବୈଠକ ହେଉନାହିଁ ସେନେଇ ଛାତ୍ର ଛାତ୍ରୀ ମାନେ ପଚାରିବାରୁ କୌଣସି ଉତ୍ତର ମିଳିନଥିଲା, ଏମିତିକି ପ୍ରତ୍ୟେକ ବିଭାଗରେ ହେବାକୁ ଥିବା ପୂଜା ମଧ ବନ୍ଦ କରିବା ପାଇଁ ବିଭାଗୀୟ ଅଧ୍ୟାପକ ମାନେ କହିଥିଲେ,ଯାହାକୁ ନେଇ କଲେଜ ପରିସରରେ ଉତ୍ତେଜନା ଦେଖା ଦେଇଥିଲା, ଛାତ୍ର ଛାତ୍ରୀ ମାନେ କଲେଜ ପାଠକ ବନ୍ଦ କରି ପାଟିତୁଣ୍ଡ କରିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo